# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
9 AUGUST 2025

ଶନିବାର
୯ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 ● ISSUE 86 | BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ ● ସଂଖ୍ୟା ୮୬ | ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର





## ସଡ଼କ ଦୁର୍ଘଟଣା: ୩ ମହିଳାଙ୍କ ସମେତ ୫ ମୃତ

**ନୂଆଦିଲ୍ଲୀ, ୮।୮/ଏଜେନ୍ସି:** ଉତ୍ତରପ୍ରଦେଶ ବାରାବାଙ୍କିରେ ଶୁକ୍ରବାର ପୂର୍ବାହ୍ନରେ ଘଟିଥିବା ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୨ ମହିଳା ଅଧିକାରୀ (ସହାୟକ ଉନ୍ନୟନ ଅଧିକାରୀ) ଏବଂ ଜଣେ ଶିକ୍ଷୟିତ୍ରୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ଆଉ କିଛି କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାର ଶିକାର ଏକ ରୋଡୱେଜ୍ ବସ୍ ଉପରେ ଏକ ବିରାଟକାୟ ଗଛ ଉପୁଡି ପଡ଼ିଯିବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି।

୬୦ଜଣ ଯାତ୍ରୀଙ୍କୁ ନେଇ ଏକ ବସ୍ ବାରବାଙ୍କିରୁ ହାଇଦରଗଡ଼ ଯାଉଥିଲା। ତେବେ ଶୁକ୍ରବାର ସକାଳ ୧୧ଟାରେ ହର୍ଖ ଛକ ନିକଟରେ ଏକ ପଶୁ ବସ୍ ସାମ୍ନାକୁ ଆସିଲା। ବସ୍ ଡ୍ରାଇଭର ଉକ୍ତ ପଶୁଟିକୁ ବଞ୍ଚାଇବାକୁ ଚେଷ୍ଟା କରିବା ସମୟରେ, ପ୍ରଥମେ ବସ୍‌ଟି ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଗଲା, ପରେ ସେଠାରେ ଥିବା ଗଛ ସହିତ ଧକ୍କା ହେଲା। ଏହା ପରେ ଗଛଟି ବସ୍ ଉପରେ ପଡ଼ିଗଲା। ତେବେ ଗଛଟି ଏତେ ଭାରୀ ଥିଲା ଯେ ବସ୍‌ର ସମ୍ପୂର୍ଣ୍ଣ ଛାତ ନଷ୍ଟ ହୋଇଯାଇଥିଲା। ଏହାର ସିସିଟିଭି ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି। ଏଥିରେ ବସ୍‌ରେ ଫଶିଥିବା ଜଣେ ମହିଳା ଭିଡିଓ ପ୍ରସ୍ତୁତ କରୁଥିବା ଜଣେ ଯୁବକଙ୍କୁ ଗାଳି ଦେଉଥିବାର ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ପୁଲିସ୍ ଟିମ୍ ପହଞ୍ଚି ପ୍ରାୟ ଦେଢ଼ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚଳାଇଥିଲା ଏବଂ ସୁରକ୍ଷିତ ଉଦ୍ଧାର ଯାତ୍ରୀଙ୍କୁ ଅନ୍ୟ ଏକ ବସ୍‌ରେ ପଠାଇବାର ବନ୍ଦୋବସ୍ତ କରିଥିଲା।

ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ହେଲେ ଶିକ୍ଷା ମାଲହୋତ୍ରା (ଶିକ୍ଷୟିତ୍ରୀ), ମୀନା ଶ୍ରୀବାସ୍ତବ (ଏଡିଏଓ), ଜୁହି ସକ୍ସେନା (ଏଡିଏଓ), ରକିବୁଲ ନିଶା (୫୫) ଏବଂ ବସ୍ ଡ୍ରାଇଭର ସନ୍ତୋଷ ସୋନି (୩୮)। ଏମାନେ ସମସ୍ତେ ବାରବାଙ୍କିର ବାସିନ୍ଦା ବୋଲି ଜଣାପଡିଛି। ଜୁହି ସକ୍ସେନା ହରଖ ବ୍ଲକ୍‌ରେ ସହକାରୀ ବିକାଶ ଅଧିକାରୀ (ପରିସଂଖ୍ୟାନ) ଥିଲେ, ଯେତେବେଳେ ମୀନା ଶ୍ରୀବାସ୍ତବ ହରଖ ବ୍ଲକରେ ସହକାରୀ ବିକାଶ ଅଧିକାରୀ (କଲ୍ୟାଣ) ଭାବରେ ନିଯୁକ୍ତ ଥିଲେ।

## ପାର୍କିଂ ବିବାଦ: ଅଭିନେତ୍ରୀଙ୍କ ସମ୍ପର୍କୀୟ ଭାଇଙ୍କୁ ହତ୍ୟା

**ନୂଆଦିଲ୍ଲୀ,୮।୮/ଏଜେନ୍ସି:** ଦିଲ୍ଲୀର ନିଜାମୁଦ୍ଦିନ ଅଞ୍ଚଳରେ ରହୁଥିବା ଆସିଫ୍ କୁରେଶୀ ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଆସିଫ୍ (୪୨) ବଲିଉଡ୍ ଅଭିନେତ୍ରୀ ହୁମା କୁରେଶୀଙ୍କ ସମ୍ପର୍କୀୟ ଭାଇ। ତେବେ ହତ୍ୟାକାଣ୍ଡ ପଛରେ ଗାଡି ପାର୍କିଂକୁ ନେଇ ଉପୁଜିଥିବା ବିବାଦ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୁଲିସ୍ କହିଛି ଯେ ମୁଖ୍ୟ ଫାଟକ ସମ୍ମୁଖରେ ସ୍କୁଟର ପାର୍କିଂ କରିବାକୁ ନେଇ ହୁମାଙ୍କ ଭାଇ ଆସିଫ୍ ତାଙ୍କ ପଡୋଶୀଙ୍କ ସହ ଝଗଡ଼ା କରିଥିଲେ। ଆସିଫ୍‌ଙ୍କ ସହ ୨ଜଣଙ୍କର ଜୋରଦାର ଝଗଡା ହୋଇଥିଲା। ବିବାଦ ପରେ ଆସିଫ୍ ସେଠାରୁ ଚାଲିଯାଇଥିବା ବେଳେ ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ ଜଙ୍ଗପୁରା ଭାଗୋଲ ଲେନ୍‌ରେ ଆସିଫ୍ କୁରେଶୀଙ୍କୁ ହତ୍ୟା କରାଯାଇଛି। ଆସିଫ୍‌ଙ୍କୁ ହତ୍ୟା କରାଯିବା ସମୟର ସିସିଟିଭି ଫୁଟେଜ୍ ପୁଲିସ୍‌କୁ ମିଳିଛି। ଏହାକୁ ଆଧାର କରି ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅନ୍ୟପକ୍ଷେ ଆସିଫଙ୍କ ସ୍ତ୍ରୀ ଶୈନା କୁରେଶୀ ଅଭିଯୋଗ କରିଛନ୍ତି ଯେ, ଏହି ହତ୍ୟା ପୂର୍ବରୁ ଯୋଜନାବଦ୍ଧ ଥିଲା। ନଚେତ୍ ସେମାନଙ୍କ ଘର ଆଗରେ ଥିବା ଗାଡ଼ି ହଟାଇବାକୁ ନେଇ ଆସିଫ୍ କହିବାରୁ ତାଙ୍କୁ କଦାପି ଏପ୍ରକାର ହତ୍ୟା କରାଯାଇନଥାନ୍ତା। ଅଭିଯୁକ୍ତମାନେ ପ୍ରଥମେ ଆସିଫ୍‌ଙ୍କୁ ଗାଳିଗୁଲଜ ଆରମ୍ଭ କରିଥିଲେ ଏବଂ ଆସିଫ୍ ପ୍ରତିକ୍ରିୟା କରିବାରୁ ବିବାଦ ବଢ଼ିଥିଲା। ପୂର୍ବରୁ ମଧ୍ୟ ପାର୍କିଂକୁ ନେଇ ଝଗଡ଼ା ହୋଇଥିଲା। ଅଭିଯୁକ୍ତମାନେ ବାରମ୍ବାର ଆସିଫ୍‌ଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଧର୍ମକୁ ନେଇ କଟାକ୍ଷ କରୁଥିଲେ। ଅଭିଯୁକ୍ତମାନଙ୍କୁ ଉଜ୍ଜ୍ୱଳ (୧୯ ବର୍ଷ) ଏବଂ ଗୌତମ (୧୮ ବର୍ଷ) ଭାବରେ ଚିହ୍ନଟ କରାଯାଇଛି। ମାମଲାର ତଦନ୍ତ ଚାଲିଛି। ପୁଲିସ୍ ଶୁକ୍ରବାର ଏମାନଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତା (ବିଏନ୍‌ଏସ୍) ଧାରା ୧୦୩(୧)/୩(୫) ଅନୁଯାୟୀ ମାମଲା ରୁଜୁ କରିଛି।

# ପୁଟିନ୍‌ଙ୍କ ସହ ଫୋନ୍‌ରେ କଥା ହେଲେ ମୋଦୀ



**ନୂଆଦିଲ୍ଲୀ, ମସ୍କୋ, ୮।୮/ଏଜେନ୍ସି:** ଆମେରିକା ସହ ଚାଲିଥିବା ବାଣିଜ୍ୟ ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଟେଲିଫୋନ୍ ଯୋଗେ କଥା ହେଉଛନ୍ତି। ଉଭୟ ନେତା ବିଭିନ୍ନ ପ୍ରସଙ୍ଗରେ ବିଶେଷକରି ୟୁକ୍ରେନ୍ ଯୁଦ୍ଧ ଏବଂ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାପଡିଛି। ଏକ୍ସରେ ଏକ ପୋଷ୍ଟ କରି ମୋଦୀ ଲେଖିଛନ୍ତି "ଆଜି ସେ ତାଙ୍କର ପ୍ରିୟବନ୍ଧୁ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ କଥା ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ବହୁତ ଭଲ ଏବଂ ବିସ୍ତୃତ ଆଲୋଚନା ହୋଇଛି। ଉଭୟ ଦ୍ୱିପାକ୍ଷିକ କାର୍ଯ୍ୟସୂଚୀର ଅଗ୍ରଗତି ମଧ୍ୟ ସମୀକ୍ଷା କରିଛନ୍ତି ଏବଂ ଭାରତ-ରୁଷ୍ ସ୍ୱତନ୍ତ୍ର ଏବଂ ସୁବିଧାପ୍ରାପ୍ତ ରଣନୈତିକ ସହଭାଗୀତାକୁ ଆହୁରି ନିବିଡ଼ କରିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛୁ।" ଏହି ଅବସରରେ ମୋଦୀ ଲେଖିଛନ୍ତି ଯେ ଖୁବଶୀଘ୍ର ଭାରତରେ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ସ୍ୱାଗତ କରିବା ପାଇଁ ସେ ଅପେକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଭାରତର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ୍ ମସ୍କୋଠାରେ ପୁଟିନ୍‌ଙ୍କୁ ସାକ୍ଷାତ କରି ଦ୍ୱିପାକ୍ଷିକ ଶକ୍ତି ଓ ପ୍ରତିରକ୍ଷା ସମ୍ପର୍କ ଆଲୋଚନା କରିଥିଲେ ଏବଂ ପୁଟିନ୍‌ଙ୍କ ଭାରତ ଗସ୍ତ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହେବାରେ ଥିବା ସୂଚନା ଦେଇଥିଲେ। ଆଜିର ଏହି ଆଲୋଚନାରେ ପୁଟିନ୍ ମୋଦୀଙ୍କୁ ୟୁକ୍ରେନ ସହ ସଂଘର୍ଷର ସାମ୍ପ୍ରତିକ ସ୍ଥିତି ବିଷୟରେ ସୂଚନା ଦେଇଥିଲେ। ମୋଦୀ ଏହି ପ୍ରସଙ୍ଗରେ ଭାରତର ସ୍ଥିର ଅବସ୍ଥାନକୁ ପୁନର୍ବାର ଦୋହରାଇଥିଲେ ଏବଂ ୟୁକ୍ରେନ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଆବଶ୍ୟକ ବୋଲି ପୁଟିନ୍‌ଙ୍କୁ କହିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରୁଷ୍ ରାଷ୍ଟ୍ରପତି ପୁଟିନ୍‌ଙ୍କ ମଧ୍ୟରେ ହୋଇଥିବା ଆଜିର ଏହି ଫୋନ୍ କଲ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପକ୍ଷରୁ ଭାରତ ଉପରେ ୫୦% ଶୁଳ୍କ ଘୋଷଣା କରିବା ପରେ ସାମ୍ନାକୁ ଆସିଛି। ରୁଷ୍ ଠାରୁ ଭାରତ ତେଲ କିଣିବା ପରିପ୍ରେକ୍ଷୀରେ ଆମେରିକା ଭାରତ ଉପରେ ଏହି ଶୁଳ୍କ ଲାଗୁ କରିଛି। ପ୍ରକାଶ ଆମେରିକାର ୫୦% ଶୁଳ୍କ ଲାଗୁ ପ୍ରସଙ୍ଗରେ ଭାରତ ପକ୍ଷରୁ ଆମେରିକାକୁ କଡା ପ୍ରତିବାଦପୂର୍ଣ୍ଣ ଜବାବ ଦିଆଯାଇଛି। ଭାରତ ଦର୍ଶାଇଛି ଯେ, 'ଭାରତର ରୁଷ୍ ଠାରୁ ତୈଳ କିଣିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ବଜାର ଆଧାରିତ ଏବଂ ଦେଶର ୧୪୦ କୋଟି ଲୋକଙ୍କ ଶକ୍ତି ତଥା ସ୍ୱାର୍ଥ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ। ସେହିପରି ଭାରତୀୟ କୃଷକଙ୍କ ସ୍ୱାର୍ଥ ସହ ମଧ୍ୟ କୌଣସି ପରିସ୍ଥିତିରେ ସାଲିସ୍ କରାଯିବ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି।

### ଭାରତ ଆସିବେ ନେତାନ୍ୟାହୁ

#### ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଦେବେ ଗୁପ୍ତ ପରାମର୍ଶ

ଭାରତ-ଆମେରିକା ବାଣିଜ୍ୟିକ ତିକ୍ତତା ମଧ୍ୟରେ ଭାରତ ଗସ୍ତରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆସିବେ ବୋଲି ସୂଚନା ମିଳିଛି। ଏସମ୍ପର୍କରେ ନିଜେ ନେତାନ୍ୟାହୁ ସୂଚନା ଦେଇ କହିଛନ୍ତି ଯେ ସେ ଭାରତ ଆସି ତାଙ୍କ ବନ୍ଧୁ ମୋଦୀଙ୍କୁ ସାକ୍ଷାତ କରିବାକୁ ଅତ୍ୟନ୍ତ ବ୍ୟଗ୍ର। ଭାରତ ଏବଂ ଆମେରିକା ମଧ୍ୟରେ ଟାରିଫ୍‌କୁ ନେଇ ବିବାଦ ଜାରି ରହିଥିବାବେଳେ ସେ ଭାରତ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କିଛି ଗୁପ୍ତ ପରାମର୍ଶ ଦେବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ କିପରି ଆଚରଣ କଲେ ଦୁଇ ଦେଶର ସମ୍ପର୍କ ଭଲ ରହିବ ସେ ନେଇ ସେ ମୋଦୀଙ୍କୁ କିଛି ଗୋପନୀୟ ଟିପ୍ସ ଦେବେ ବୋଲି ନେତାନ୍ୟାହୁ କହିଛନ୍ତି। ଆମେରିକା ଏବଂ ଭାରତର ମଧ୍ୟରେ ଅତି ଦୃଢ଼ ସମ୍ପର୍କ ରହିଛି। ଉଭୟ ନେତା ଆଲୋଚନା କରି ଟାରିଫ୍ ବିବାଦ ସମାଧାନ କରିବା ଜରୁରୀ।



ଗଙ୍ଗୋତ୍ରୀ ଦର୍ଶନ ପାଇଁ ପରିବାର ସହ ଆସି ଉତ୍ତରକାଶୀ ଧରାଳୀ ବିପର୍ଯ୍ୟୟରେ ଫସିଯାଇଥିବା ଜଣେ ମହିଳା ସୁରକ୍ଷିତ ଉଦ୍ଧାର ହେବା ପରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀଙ୍କ ହାତରେ ରାକ୍ଷୀ ପ୍ରତୀକ ଭାବେ ନିଜ ପଣତ କାନିରୁ ଖଣ୍ଡେ ଚିରି ବାନ୍ଧୁଛନ୍ତି।

### ଡ୍ରଗ୍ସ ଯୋଗାଣ ଅଭିଯୋଗ

## ଭେନେଜୁଏଲା ରାଷ୍ଟ୍ରପତିଙ୍କ ଉପରେ ଆମେରିକାର ୫୦ ମିଲିଅନ୍ ଡଲାର ପୁରସ୍କାର ଘୋଷଣା

**କାରାକାସ, ୮।୮/ଏଜେନ୍ସି:** ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ବିରୋଧରେ ଏକ ସଂଗୀନ ଅଭିଯୋଗ ଆଣିବା ପୂର୍ବକ ତାଙ୍କ ଗିରଫଦାରୀ ପାଇଁ ଆମେରିକା ପ୍ରାୟ ୫୦ ମିଲିଅନ୍ ଡଲାର ଅର୍ଥାତ୍ ୪୧୮ କୋଟି ଟଙ୍କା ପୁରସ୍କାର ରାଶି ଘୋଷଣା କରିଛି। କେବଳ ସେତିକି ନୁହେଁ ମାଦୁରୋଙ୍କର ପ୍ରାୟ ୭୦୦ ନିୟୁତ ଡଲାର ସମ୍ପତ୍ତିକୁ ମଧ୍ୟ ଜବତ କରିନେଇଛି ଆମେରିକା। ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି ଯେ ମାଦୁରୋ ବିଶ୍ୱର ସବୁଠାରୁ ବଡ଼ ଡ୍ରଗ୍ସ ଚାଲାଣକାରୀଙ୍କ ମଧ୍ୟରୁ ଜଣେ। ମାଦୁରୋଙ୍କ ଉପରେ ଏକ ଡ୍ରଗ୍ କାର୍ଟେଲ ସହିତ ମିଶି ଆମେରିକାକୁ ଫେଣ୍ଟାନିଲ୍-ଯୁକ୍ତ କୋକେନ୍ ପଠାଇବାର ଅଭିଯୋଗ ରହିଛି। ଗୁରୁବାର ପୁରସ୍କାର ଘୋଷଣା କରି ଆମେରିକା ଆଟର୍ଣ୍ଣି ଜେନେରାଲ ପାମ୍ ଓ୍ୱଣ୍ଡି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପଙ୍କ ନେତୃତ୍ୱରେ ମାଦୁରୋ ନ୍ୟାୟରୁ ଖସି ପାରିବେ ନାହିଁ ଏବଂ ତାଙ୍କ ଅପରାଧ ପାଇଁ ତାଙ୍କୁ ଜବାବ ଦେବାକୁ ପଡିବ। ନ୍ୟାୟ ବିଭାଗ ମାଦୁରୋଙ୍କ ୭୦୦ ନିୟୁତ ଡଲାରରୁ ଅଧିକ ମୂଲ୍ୟର ସମ୍ପତ୍ତି ଜବତ କରିଛି। ଏଥିରେ ଦୁଇଟି ବ୍ୟକ୍ତିଗତ ଜେଟ୍ ଅନ୍ତର୍ଭୁକ୍ତ।

# ସେନାକୁ ମିଳିବ ୨୦୦ ନୂଆ ହାଲୁକା ହେଲିକପ୍ଟର୍

### ଅବସର ନେବେ ପୁରୁଣା ଚେତକ୍-ଚିତା



**ନୂଆଦିଲ୍ଲୀ,୮।୮/ଏଜେନ୍ସି:** ଖୁବ୍‌ଶୀଘ୍ର ଭାରତୀୟ ସେନାବାହିନୀ ପୁରୁଣା ଚେତକ୍ ଏବଂ ଚିତା ବର୍ଗର ହେଲିକପ୍ଟରଗୁଡ଼ିକୁ ଅବସର ଦେବାକୁ ଯାଉଛି। ଏସବୁ ପୁରୁଣା ହେଲିକପ୍ଟରଙ୍କ ସ୍ଥାନରେ ଅପେକ୍ଷାକୃତ ହାଲ୍‌କା ଏବଂ ପ୍ରଭାବୀ ହେଲିକପ୍ଟରଗୁଡ଼ିକୁ ଭାରତୀୟ ସେନାରେ ସାମିଲ କରାଯିବ। ରିପୋର୍ଟ ଅନୁସାରେ ଭାରତୀୟ ସ୍ଥଳସେନାକୁ ପ୍ରାୟ ୧୨୦ଟି ନୂଆ ହେଲିକପ୍ଟର ଏବଂ ବାୟୁସେନାକୁ ପ୍ରାୟ ୮୦ଟି ନୂଆ ହେଲିକପ୍ଟର ଯୋଗାଇଦିଆଯିବ। ଏଥିପାଇଁ, ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ପାଇଁ ଏକ ଅନୁରୋଧ (ଆର୍‌ଏଫ୍‌ଆଇ) ଜାରି କରିଛି। ଏହି ନଆ ହେଲିକପ୍ଟରଗୁଡ଼ିକୁ ରିକ୍‌ନେସାନ୍ସ ଏବଂ ନିରୀକ୍ଷଣ ହେଲିକପ୍ଟର (ଆରଏସ୍‌ଏଚ୍) ଭାବରେ ବିଭକ୍ତ କରାଯାଇଛି। ଏହି ହେଲିକପ୍ଟରଗୁଡ଼ିକ ଉଭୟ ଦିନ ଏବଂ ରାତି ସମୟ ବ୍ୟତୀତ ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ କାମ କରିପାରିବାର ସାମର୍ଥ୍ୟ ରଖିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ବୈଷୟିକ ଆବଶ୍ୟକତାକୁ ଚୂଡ଼ାନ୍ତ କରିବା, କ୍ରୟ ପ୍ରକ୍ରିୟା ନିଷ୍ପତ୍ତି ନେବା ଏବଂ ସମ୍ଭାବ୍ୟ ଯୋଗାଣକାରୀଙ୍କୁ ଚିହ୍ନଟ କରିବା ଲକ୍ଷ୍ୟ ରଖିଛି। ଏଥିରେ ହେଲିକପ୍ଟର ନିର୍ମାଣକାରୀ ଭାରତୀୟ କମ୍ପାନୀଙ୍କ ସହ ସହଭାଗୀତାରେ ବିଦେଶୀ କମ୍ପାନୀଗୁଡ଼ିକ (ଓଇଏମ୍‌ଏସ୍) ମଧ୍ୟ ସାମିଲ ହୋଇପାରିବେ ବୋଲି କୁହାଯାଉଛି। ନୂଆ ହେଲିକପ୍ଟରଗୁଡିକୁ ଶତ୍ରୁଙ୍କ ଉପରେ ନଜର ରଖିବା ଏବଂ ସୂଚନା ସଂଗ୍ରହ କରିବା, ଆବଶ୍ୟକ ସମୟରେ ରାପିଡ୍ ଆକ୍ସନ ଫୋର୍ସର ଯବାନ୍‌ଙ୍କ ଉପାନ୍ତ ଅଞ୍ଚଳକୁ ନେବା ଆଣିବା କରିବାକୁ ବହନ କରିବା, ସ୍ଥଳ ଯୁଦ୍ଧରେ ସାହାଯ୍ୟ କରିବା, ଆହତ ସୈନିକଙ୍କୁ ସ୍ଥାନାନ୍ତର ଏବଂ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ, ଆବଶ୍ୟକ ସମୟରେ ବେସାମରିକ ପ୍ରଶାସନକୁ ସାହାଯ୍ୟ କରିବା ଭଳି କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଇପାରିବ। ଏତଦ୍‌ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନ୍ୟାନ୍ୟ ପ୍ଲାଟଫର୍ମ ସହିତ ଅଧିକ ଉପଯୋଗୀ ହେଲିକପ୍ଟର କିଣିବାକୁ ମଧ୍ୟ ଯୋଜନା କରୁଛି। ସଂସଦରେ ଉପସ୍ଥାପିତ ପ୍ରତିରକ୍ଷା ବ୍ୟାପାର ସ୍ଥାୟୀ କମିଟିର ରିପୋର୍ଟ ଅନୁଯାୟୀ, ନିମ୍ନସ୍ତରୀୟ ରାଡାର, ହାଲୁକା ଯୁଦ୍ଧ ବିମାନ (ଏଲସିଏ), ମଲ୍ଟି-ରୋଲ୍ ହେଲିକପ୍ଟର ଏବଂ ମଧ୍ୟ ଅକାଶରେ ରିଫ୍ୟୁଏଲ୍ ସାମର୍ଥ୍ୟ ରଖୁଥିବା ବିମାନ ମଧ୍ୟ କିଣାଯିବ। ଏହାବ୍ୟତୀତ, କ୍ୟାବିନେଟ୍ ସୁରକ୍ଷା କମିଟି ସମ୍ପ୍ରତି ହିନ୍ଦୁସ୍ତାନ୍ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ଠାରୁ ୧୫୬ଟି ହାଲୁକା ଯୁଦ୍ଧ ହେଲିକପ୍ଟର କ୍ରୟକୁ ଅନୁମୋଦନ କରିଛି, ଯାହାର ମୂଲ୍ୟ ୪୫,୦୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। ଏହି ହେଲିକପ୍ଟରଗୁଡ଼ିକୁ ଚୀନ୍-ପାକିସ୍ତାନ ସୀମାରେ ନିୟୋଜିତ କରାଯିବ।

### ଯକ୍ଷ୍ମା ରୋଗୀଙ୍କୁ ମିଳିବ ପୁଷ୍ଟିକର ଖାଦ୍ୟ

## ଜିଲ୍ଲା ପ୍ରଶାସନ ସହ ଏମ୍‌ଓୟୁ ସ୍ୱାକ୍ଷରିତ, ୨.୪୧ କୋଟି ଟଙ୍କା ସହାୟତା ଦେବ ଏମ୍‌ସିଏଲ୍

**ସମ୍ବଲପୁର, ୮।୮/ଏଜେନ୍ସି:** ଯକ୍ଷ୍ମା (ଟିବି) ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟସାମଗ୍ରୀ ଯୋଗାଇଦେବା ପାଇଁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏହାଦ୍ୱାରା ଏମ୍‌ସିଏଲ୍ ଜନସ୍ୱାସ୍ଥ୍ୟ ଏବଂ ସମାଜ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁଣିଥରେ ପ୍ରମାଣିତ କରିଛି।

ଏମ୍‌ସିଏଲ୍ ଏହାର ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ଝାରସୁଗୁଡା ଜିଲ୍ଲାର ଯକ୍ଷ୍ମା ରୋଗୀ ଏବଂ ସେମାନଙ୍କ ପରିବାରକୁ ୧ ବର୍ଷ ପର୍ଯ୍ୟନ୍ତ ମାସିକ ୨,୪୪୦ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ଟୋକେଇ ଯୋଗାଇବ। ଏଥିପାଇଁ ଏମ୍‌ସିଏଲ୍ ୨.୪୧ କୋଟି ଟଙ୍କା ପ୍ରଦାନ କରିବ। ଆଇନୁଲ ହୁଡା, ଡେପୁଟି ମ୍ୟାନେଜର (ସିଏସ୍‌ଆର), ଏମ୍‌ସିଏଲ୍ ଏବଂ ମହେଶ ମୋହନ ପଣ୍ଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଝାରସୁଗୁଡାଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।



ଏମ୍‌ସିଏଲ୍, ଏହାର ସାମାଜିକ ଦାୟିତ୍ୱର ଏକ ଅଂଶ ଭାବରେ, ଜନ କଲ୍ୟାଣକାରୀ ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ସାମଗ୍ରିକ ବିକାଶ ଏବଂ କଲ୍ୟାଣ ପାଇଁ ନିରନ୍ତର ପ୍ରୟାସ କରୁଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ସମର୍ଥନକୁ ପ୍ରଶଂସା କରୁଛି।

# ମାଲାବାର୍ ଗୋଲ୍ଡ ସହିଦ୍‌ନଗର ଷ୍ଟୋର୍‌ରେ 'ଏକ୍ସକ୍ଲୁସିଭ୍ ବ୍ରାଣ୍ଡେଡ୍ ଜ୍ୱେଲାରୀ' ପ୍ରଦର୍ଶନୀ ଆରମ୍ଭ




**ଭୁବନେଶ୍ୱର, ୮।୮/ଏଜେନ୍ସି:** ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍, ଭୁବନେଶ୍ୱର ଶୋ'ରୁମ୍ ଏକ 'ଏକ୍ସକ୍ଲୁସିଭ୍ ବ୍ରାଣ୍ଡେଡ୍ ଜ୍ୱେଲାରୀ' ପ୍ରଦର୍ଶନୀ ଆରମ୍ଭ କରୁଛି। ଯାହାକି ସୁନା, ଖଣି ହୀରା, ଅକଟା ହୀରା ଏବଂ ମୂଲ୍ୟବାନ ରତ୍ନ ଅଳଙ୍କାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ବିକ୍ରୟ। କାଳଜୟୀ ସୁନ୍ଦରତା ଥିବା ବୈଶିଷ୍ଟ୍ୟଯୁକ୍ତ ଏହି ଅଳଙ୍କାରଗୁଡ଼ିକ ମାଷ୍ଟର କାରିଗରଙ୍କ ଦ୍ୱାରା ସୃଷ୍ଟି। ଏହି ଅଳଙ୍କାରଗୁଡ଼ିକ ସେମାନଙ୍କର ବିଶେଷଜ୍ଞତା ଏବଂ ଚତୁରତା ଦକ୍ଷତାର ଉଜ୍ଜ୍ୱଳ ଉଦାହରଣ। ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଡକ୍ଟର ସାଇପ୍ରସନ୍ନ ବେହେରା, ଶ୍ରୀମତୀ ଗ୍ରାଣ୍ଡ ଇଣ୍ଟର୍‌ନ୍ୟାସନାଲ୍ ୨୦୨୩-୨୪ ଏବଂ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପରିଚାଳନା ଦଳ, ବିଶିଷ୍ଟ ଅତିଥି ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରଦର୍ଶନୀରେ ରୁବି, ଏମେରାଲ୍ଡ, ଅକଟା ହୀରା ଅଳଙ୍କାର ଏବଂ ଡାଇମଣ୍ଡସ୍ ଅଳଙ୍କାର ଆଦିକୁ ପ୍ରଦର୍ଶିତ କରାଯାଇଛି।

### ୮ ଅଗଷ୍ଟରୁ ୧୭ ଅଗଷ୍ଟ ଯାଏ ଚାଲିବ

ପ୍ରଦର୍ଶନୀରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ଖଣି ହୀରା, ଏରା-ଅକଟା ହୀରା ଅଳଙ୍କାର, ପ୍ରେସିଆ- ମୂଲ୍ୟବାନ୍ ରତ୍ନ ଅଳଙ୍କାରଗୁଡ଼ିକର ସ୍ୱତନ୍ତ୍ର ବ୍ରାଣ୍ଡଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି। ଏହି ଶୋ' ୮ ଅଗଷ୍ଟରୁ ୧୭ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ, କେବଳ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ସହୀଦ ନଗର, ଭୁବନେଶ୍ୱର ଶୋ'ରୁମ୍‌ରେ ଅନୁଷ୍ଠିତ ହେବ।

୧୭ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଏହି ଏକ୍ସକ୍ଲୁସିଭ୍ ଫେଷ୍ଟିଭ୍ ଅଫରର ମଜା ନିଅନ୍ତୁ।

- ସମସ୍ତ ସୁନା, ଅକଟା ଏବଂ ରତ୍ନପଥର ଅଳଙ୍କାରର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୩୦% ଅଫ୍
- ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି

ମାଲାବାର୍ ଗୋଲ୍ଡ ଏବଂ ଡାଇମଣ୍ଡ୍‌ସ ସର୍ବାଧିକ ବିଶ୍ୱସ୍ତ ଜ୍ୱେଲାରୀ ବ୍ରାଣ୍ଡ୍ ମଧ୍ୟରୁ ଅନ୍ୟତମ। ଏହା ମାଲାବାର ଗ୍ରୁପ୍‌ର ପ୍ରମୁଖ କମ୍ପାନୀ, ଯାହା ଭାରତର ଏକ ଦ୍ରୁତତମ ବୃଦ୍ଧି ପାଉଥିବା ବ୍ୟବସାୟିକ ସଂଗଠନ। ଗୋଷ୍ଠୀଟି ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗରିବଙ୍କ ପାଇଁ ଗୃହ, ମହିଳା ସଶକ୍ତିକରଣ ଏବଂ ପରିବେଶ ସଂରକ୍ଷଣ ପଦକ୍ଷେପ କ୍ଷେତ୍ରରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକଳାପ ପାଇଁ ଏହାର ବାର୍ଷିକ ଲାଭର ଏକ ସ୍ୱତନ୍ତ୍ର ଅଂଶ ସ୍ଥିର କରିଥାଏ। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଖୁଚୁରା ସୁନା ଶିଳ୍ପରେ ଟ୍ରେଣ୍ଡସେଟର୍ ଅଟେ ଯାହାର ଭାରତ, ସିଙ୍ଗାପୁର ଏବଂ ଜିସିସିରେ ୪୦୦ ରୁ ଅଧିକ ଶୋ'ରୁମ୍ ଅଛି, ଏହି ଅବସରରେ କମ୍ପାନୀ ପରିଚାଳନା ପ୍ରତିନିଧି ଶ୍ରୀ ଅଶନାଫ୍ ସୂଚନା ଦେଇଛନ୍ତି।

# ସେପ୍ଟେମ୍ବର୍ ୧୨ରେ ମୁକ୍ତିଲାଭ କରିବ 'ହୀର୍ ଏକ୍ସପ୍ରେସ୍'

- 'ଓଃ ମାଇ ଗଡ୍' ଫେମ୍ ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶିତ
- ଡେବ୍ୟୁଟାଣ୍ଟ୍ ଦିଭିତା ଜୁନେଜାଙ୍କ ହୃଦୟସ୍ପର୍ଶୀ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବ
- ଭାବନା, ଆବେଗ, ସମ୍ପର୍କ ଉପରେ ଆଧାରିତ ଏକ ପରିବାର ଅନୁକୂଳ ଚଳଚ୍ଚିତ୍ର
- ପ୍ରମୁଖ ଭୂମିକାରେ ଆଶୁତୋଷ ରାଣା, ଗୁଲସନ୍ ଗ୍ରୋଭର ଏବଂ ସଞ୍ଜୟ ମିଶ୍ରାଙ୍କ ପରି ଅଭିଜ୍ଞ ଅଭିନେତା




**ମୁମ୍ବାଇ,୮।୮/ଏଜେନ୍ସି:** ନିର୍ଦ୍ଦେଶକ ଉମେଶ ଶୁକ୍ଲାଙ୍କ ଆଗାମୀ ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ୍' ଏବେ ସେପ୍ଟେମ୍ବର ୧୨, ୨୦୨୫ରେ ଭାରତର ବିଭିନ୍ନ ସିନେମା ହଲରେ ମୁକ୍ତିଲାଭ କରିବ। ପୂର୍ବରୁ ଫିଲ୍ମର ମୁକ୍ତିଲାଭ ତାରିଖ ଅଗଷ୍ଟ ୮ ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଯୋଜନା ସଂସ୍ଥା ଏହାକୁ ଏବେ ସେପ୍ଟେମ୍ବର ୧୨ ତାରିଖକୁ ଘୁଞ୍ଚାଇଦେଇଛନ୍ତି। ନିର୍ମାତାଙ୍କ ଅନୁଯାୟୀ, ନୂତନ ମୁକ୍ତିଲାଭ ଫିଲ୍ମଟିକୁ ଦର୍ଶକଙ୍କ ନିକଟରେ ପହଞ୍ଚିବା ପାଇଁ ଏକ ଭଲ ୱିଣ୍ଡୋ ପ୍ରଦାନ କରିଛି। 'ଓ ମାଇଁ ଗଡ୍' ଏବଂ '୧୦୨ ନଟ୍ ଆଉଟ୍' ଭଳି ହିଟ୍ ଫିଲ୍ମ ନିର୍ମାଣ କରିଥିବା ଉମେଶ ଶୁକ୍ଲା ଏଥର ଏକ ପରିବାର-ଅନୁକୂଳ ପରିବେଶରେ ହାଲ୍‌କା ମୁହୂର୍ତ୍ତ ସହିତ ଭାବପ୍ରବଣ ଗଭୀରତାକୁ ମିଶ୍ରଣ କରୁଥିବା କାହାଣୀ ସହିତ ଫେରିଛନ୍ତି। ନିକଟରେ ରିଲିଜ୍ ହୋଇଥିବା ଫିଲ୍ମର ଟିଜରକୁ ବେଶ୍ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। 'ଜୀ ମ୍ୟୁଜିକ୍' ମାଧ୍ୟମରେ ମୁକ୍ତିଲାଭ କରିଥିବା ଦୁଇଟି ମୁଖ୍ୟ ଟ୍ରାକ୍, 'ବେ ରାଞ୍ଝଣା' ଏବଂ 'ଡୋରେ ଡୋରେ ଦିଲ୍ ପେ ତେରେ' ପୂର୍ବରୁ ଟ୍ରେଣ୍ଡିଂ ହେଉଛି ଏବଂ ମୁକ୍ତି ପୂର୍ବରୁ ଦୃଢ଼ ଚର୍ଚ୍ଚା ମଧ୍ୟ ସୃଷ୍ଟି କରୁଛି। ଏହି ଚଳଚ୍ଚିତ୍ରଟି ପ୍ରୀତ୍‌କମାନୀଙ୍କ ବିପକ୍ଷରେ ଡେବ୍ୟୁ କରିଥିବା ଅଭିନେତ୍ରୀ ଦିବିତା ଜୁନେଜାଙ୍କ ଅଭିନୟ ପ୍ରତିଭାକୁ ମଧ୍ୟ ଚିହ୍ନିତ କରୁଛି। ଏହି ଦୁଇ ଯୁବ କଳାକାରଙ୍କ ବ୍ୟତୀତ ଅଭିଜ୍ଞ ଅଭିନେତା ଆଶୁତୋଷ ରାଣା, ଗୁଲସନ୍ ଗ୍ରୋଭର, ସଞ୍ଜୟ ମିଶ୍ରା ଏବଂ ମେଘନା ମଲିକ ପ୍ରମୁଖ ଦୃଢ଼ତାର ସହ ସ୍କ୍ରିନ୍ ସେୟାର କରିଛନ୍ତି ଏବଂ ଫିଲ୍ମରେ ନିଜ ନିଖୁଣ ଅଭିନୟ ମାଧ୍ୟମରେ ଏହାକୁ ଅଧିକ ଜୀବନ୍ତ କରି ଗଢ଼ିତୋଳିଛନ୍ତି। ଏଥିସହ ଯୁକେର ଜଣାଶୁଣା ଅଭିନେତାମାନେ ମଧ୍ୟ ଏହି ଚଳଚ୍ଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।

ଲଣ୍ଡନ୍‌ରେ ସ୍ଥାନିତ ହୋଇଥିବା ହୀର୍ ଏକ୍ସପ୍ରେସ୍‌ର ଆକର୍ଷଣୀୟ ଦୃଶ୍ୟଗୁଡ଼ିକୁ ଭୂମିଗତ କାହାଣୀ ସହିତ ମିଶ୍ରଣ କରିଛି। ଭାବପ୍ରବଣ ଦୃଶ୍ୟଠାରୁ ହାଲ୍‌କା ମୁହୂର୍ତ୍ତ ପର୍ଯ୍ୟନ୍ତ, ଫିଲ୍ମଟି ଦୈନନ୍ଦିନ ସଂଯୋଗ ଏବଂ ଅଭିଜ୍ଞତା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏହି ସାଉଣ୍ଡଟ୍ରାକ୍‌ରେ ତନିଷ୍କ ବାଗ୍‌ଚି, ଅଭିସ୍ରା, ଜେରି ସିଂହ ଏବଂ ସାକାର ସିଂହଙ୍କ ଦ୍ୱାରା ରଚିତ ୬ଟି ଗୀତ ରହିଛି, ଯେଉଁଥିରେ ଜାଭେଦ୍ ଅଲ୍ଲୀ, ନିକିତା ଗାନ୍ଧୀ, ନକାଶ ଅଜିଜ୍ ଏବଂ ଜସବୀର ଜସି କଣ୍ଠସ୍ୱର କରିଛନ୍ତି। ଏହି ସଙ୍ଗୀତ ପ୍ରେମ, ଆକାଂକ୍ଷା ଏବଂ ଆନନ୍ଦ ସମେତ ବିଭିନ୍ନ ଭାବନାକୁ ଆଚ୍ଛାଦିତ କରେ ଏବଂ କାହାଣୀରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ। ମେରୀ ଗୋ ରାଉଣ୍ଡ ଷ୍ଟୁଡିଓ ପ୍ରଡକ୍ସନ୍ ଏବଂ କ୍ରିଏଟିଭ୍ ଷ୍ଟ୍ରୋକ୍ସ ଗ୍ରୁପ୍ ଦ୍ୱାରା ନିର୍ମିତ, ହୀର୍ ଏକ୍ସପ୍ରେସ୍ କାହାଣୀ, ସଙ୍ଗୀତ ଏବଂ ବଳିଷ୍ଠ ପ୍ରଦର୍ଶନକୁ ଏକତ୍ରିତ କରେ। ଏହା ଏବେ ସେପଟ୍ଟେମ୍ବର ୧୨, ୨୦୨୫ ରେ ଥିଏଟରରେ ଆସିବାକୁ ଯାଉଛି।

NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
9 AUGUST 2025
ଶନିବାର
୯ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 86 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୮୬ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର




ଅଗଷ୍ଟ ୧୦ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ମହାଦେଶୀୟ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଡ. ସୁବଳ ମହାରଣାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା

### କେନ୍ଦ୍ର କ୍ୟାବିନେଟର୍ ୫ ବଡ଼ ନିଷ୍ପତ୍ତି

# ସୁଲଭ ମୂଲ୍ୟରେ ଜାରି ରହିବ 'ଉଜ୍ଜ୍ୱଳା'

**ନୂଆଦିଲ୍ଲୀ,୮।୮/ଏଜେନ୍ସି:**

ଶୁକ୍ରବାର କେନ୍ଦ୍ର କ୍ୟାବିନେଟ୍ ମୋଟ୍ ୫୨,୬୬୭ କୋଟି ଟଙ୍କାର ଏକ ପ୍ୟାକେଜ୍ ମଞ୍ଜୁର କରିଛି, ଯାହା ଅଧୀନରେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଶିକ୍ଷା, ଏଲ୍‌ପିଜି, ଭିତ୍ତିଭୂମି ଏବଂ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ ବୈଷୟିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ୪,୨୦୦ କୋଟି ଟଙ୍କା ମଞ୍ଜୁର କରିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ୧୨,୦୬୦ କୋଟି ଟଙ୍କାର ସବ୍‌ସିଡି ମଞ୍ଜୁର କରାଯାଇଛି। ଯାହାଫଳରେ ଉଜ୍ଜ୍ୱଳା ହିତାଧିକାରୀ ଲାଭବାନ ହୋଇପାରିବେ। ଏତଦ୍‌ବ୍ୟତୀତ କେନ୍ଦ୍ର କ୍ୟାବିନେଟ୍ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍‌ସି) ପାଇଁ ୩୦,୦୦୦ କୋଟି ଟଙ୍କାର ଏଲ୍‌ପିଜି ସବ୍‌ସିଡି ମଞ୍ଜୁର କରିଛି। ଏହି ସବ୍‌ସିଡି ଘରୋଇ ଏଲ୍‌ପିଜି ବିକ୍ରୟରେ କମ୍ପାନୀଗୁଡ଼ିକୁ ହୋଇଥିବା କ୍ଷତିର ଭରଣା କରିବା ପାଇଁ ଉଦ୍ଦିଷ୍ଟ। ଏହାକୁ ୧୨ଟି ଭାଗରେ ପ୍ରଦାନ କରାଯିବ। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ତିନୋଟି କମ୍ପାନୀ ମଧ୍ୟରେ କ୍ଷତିପୂରଣ ବଣ୍ଟନ କରିବ।



**୩୦ହଜାର କୋଟିର ସବ୍‌ସିଡି ଘୋଷଣା କଲେ କେନ୍ଦ୍ର ସରକାର**

**୧୭୫ ଇଞ୍ଜିନିୟରିଂ ପ୍ରତିଷ୍ଠାନ ଓ ୧୦୦ ପଲିଟେକ୍ନିକ୍ ସମେତ ୨୭୫ଟି ବୈଷୟିକ ପ୍ରତିଷ୍ଠାନରେ ବହୁବିଧ ଶିକ୍ଷା ଏବଂ ଗବେଷଣାରେ ଉନ୍ନତି ଯୋଜନା ପ୍ରସ୍ତାବ ଅନୁମୋଦିତ**

ଏହି କମ୍ପାନୀଗୁଡ଼ିକ ହେଲା ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ (ବିପିସିଏଲ୍) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ (ଏଚ୍‌ପିସିଏଲ୍)।ବର୍ତ୍ତମାନର ବିଶ୍ୱ ରାଜନୀତି ଯୋଗୁଁ ଗ୍ୟାସ୍ ମୂଲ୍ୟରେ ପରିବର୍ତ୍ତନ ଘଟୁଛି ଏବଂ ଏହାକୁ ସମାଧାନ କରିବା ପାଇଁ ସବ୍‌ସିଡି ଦିଆଯାଇଛି।" କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଉତ୍ତର-ପୂର୍ବ ରାଜ୍ୟ ଆସାମ ଏବଂ ତ୍ରିପୁରା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏହି ଦୁଇଟି ରାଜ୍ୟ ପାଇଁ ୪୨୫୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଅନୁମୋଦନ କରାଯାଇଛି। କ୍ୟାବିନେଟ୍‌ରେ ନିଆଯାଇଥିବା ଅନ୍ୟ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ମାରକନମ୍-ପୁଡୁଚେରୀ ଚାରିଲେନ୍ ରାଜପଥ ପାଇଁ ମଧ୍ୟ ସରକାର ୨୧୫୭ କୋଟି ଟଙ୍କାକୁ ଅନୁମୋଦନ କରାଯିବା ମଧ୍ୟ ସାମିଲ ରହିଛି।

କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ବିଶ୍ୱସ୍ତରରେ ଅନ୍ତର୍ଭୁକ୍ତ ବିକାଶ ପାଇଁ ସ୍ୱୀକୃତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା। ଏପର୍ଯ୍ୟନ୍ତ ୧୦.୩୩ କୋଟି ଉଜ୍ଜ୍ୱଳା ସଂଯୋଗ ଦିଆଯାଇଛି। ଅର୍ଥାତ୍ ସରକାରଙ୍କ ଏହି ଅତିରିକ୍ତ ବଜେଟ୍‌ରେ ▶▶ ୫

## ଆଜି ମିଳିବ ସୁଭଦ୍ରାର ତୃତୀୟ କିସ୍ତି

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:**

ଆସନ୍ତାକାଲି ଅର୍ଥାତ୍ ରାଖୀ ପୂର୍ଣ୍ଣମୀ ଅବସରରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି।ଏହି ତୃତୀୟ କିସ୍ତିର ଅର୍ଥ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଜମାହେବ। ଏହା ପୂର୍ବରୁ ଏହି ଯୋଜନାରେ ଉପୁଜିଥିବା ସମସ୍ୟାର ସମୀକ୍ଷା କରିବାକୁ କୋଟିଆ ଗସ୍ତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ଆମେ କୋଟିଆରେ ଘରେ ଘରେ ସୁଭଦ୍ରା ଦେବା ପାଇଁ ଘୋଷଣା କରିଥିଲୁ। ତାହାର ସମୀକ୍ଷା ହୋଇଛି। ସେ ପାଖାପାଖି ଥିବା ସବୁ ଅଙ୍ଗନବାଡ଼ି କେନ୍ଦ୍ରରେ ଦିଦିମାନଙ୍କ ସହ ଆଲୋଚନା କରିଛନ୍ତି। ଯେଉଁମାନଙ୍କ ଘରେ ସୁଭଦ୍ରା ପହଞ୍ଚିବାରେ ଅସୁବିଧା ହୋଇଛି, ▶▶ ୫

# ତିନୋଟି ସ୍ଥାନରେ ଫୁଟିଲା ବୋମା

**ଖୋର୍ଦ୍ଧା, ଢେଙ୍କାନାଳ, ପୁରୀ, ୮।୮/ଏନ୍ଏନ୍ଏସ୍:**

ଖୋର୍ଦ୍ଧା, ଢେଙ୍କାନାଳ ଓ ପୁରୀ ଜିଲ୍ଲାର ତିନୋଟି ସ୍ଥାନରେ ଶୁକ୍ରବାର ବୋମାମାଡ଼ ହୋଇଛି। ଏଥିରେ ଜଣକର ଜୀବନ ଯିବା ସହିତ ଜଣେ ଆହତ ହୋଇଛନ୍ତି। ସମସ୍ତ ଘଟଣାରେ ପୁଲିସ ଛାନଭିନ୍ ଆରମ୍ଭ କରିଛି। ଖୋର୍ଦ୍ଧା ଜିଲ୍ଲାରେ ଜଣକର ମୃତ୍ୟୁ ହେବା ସହ ଢେଙ୍କାନାଳରେ ବୋମାମାଡ଼ ଦ୍ୱାରା ଜଣେ ଆହତ ହୋଇଛନ୍ତି। ସେହିପରି ପୁରୀରେ ଜାଗା ଘର ଉପରକୁ ୩ ଦୁର୍ବୃତ୍ତ ବୋମା ଫିଙ୍ଗି ଫେରାର୍ ହୋଇଯାଇଛନ୍ତି।

ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମ ମାଝୀ ସାହିର ରମେଶ ମହାପାତ୍ର ଗୁରୁବାର ଅପରାହ୍ଣରେ ଘରେ ବୋମା ଭିଡୁ ଥିବାବେଳେ ବିସ୍ଫୋରଣ ଘଟି ତାଙ୍କର ମୃତ୍ୟୁ ହୋଇଛି।

ସୂଚନାଯୋଗ୍ୟ ଯେ ବାର୍ହା ଶିକାର ପାଇଁ ହରିପୁରରେ ରମେଶ ମହାପାତ୍ର ନିଜ ଘରେ ବୋମା ପ୍ରସ୍ତୁତି କରୁଥିଲେ। ଅଧିକ ଚାପ ପଡ଼ିବାରୁ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ରମେଶଙ୍କ ଶରୀର ଜଳିପୋଡ଼ି



**ଜଣେ ମୃତ, ଜଣେ ଆହତ**

**ଉଡ଼ିଲା ଘର ଛାତ, ଭାଙ୍ଗିଲା କବାଟ-ଝରକା**

**ଜାଗା ଘର ଉପରକୁ ବୋମା ଫିଙ୍ଗି ୩ ଦୁର୍ବୃତ୍ତ ଛୁ'**

ଗୁରୁତର ହୋଇଯାଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୩ ବଖରା ଘରର ଛାତ ଉଡ଼ିଯାଇଥିଲା। ଭାଗ୍ୟ ଭଲ ଉକ୍ତ ସମୟରେ ରମେଶଙ୍କ ଦୁଇ ସନ୍ତାନ ବିଦ୍ୟାଳୟ ଯାଇଥିବାବେଳେ ପତ୍ନୀ କୌଣସି କାର୍ଯ୍ୟରେ ବାଡ଼ି ପଟକୁ ଯାଇଥିବାରୁ ସେମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ଗୁରୁତର ରମେଶଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଏମ୍ସ ହସ୍‌ପିଟାଲ୍‌କୁ ନେଇ ଚିକିତ୍ସା କରାଇଥିଲେ। ପରେ ଡାକ୍ତର ତାଙ୍କୁ ▶▶ ୫

## ପ୍ର. ଶାନ୍ତନୁ ସ୍ୱାଇଁ ସିକ୍କିମ୍ ବିଶ୍ୱବିଦ୍ୟାଳୟ ନୂତନ କୁଳପତି

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:**



ଓଡ଼ିଆ ପୁଅ ତଥା ପ୍ରଖ୍ୟାତ ଶିକ୍ଷାବିତ୍ ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁଙ୍କୁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବରେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ଭିଜିଟର ଭାବରେ କରାଯାଇଛି। ପ୍ରଫେସର ସ୍ୱାଇଁ ପାଞ୍ଚ ବର୍ଷ ଅଥବା ସେ ୭୦ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ କୁଳପତି ଭାବରେ ପଦଭାର ଗ୍ରହଣ କରିବେ।

ପୁରୀ ଜିଲ୍ଲାର ଋଷିପଡ଼ା ଗାଁର ନିବାସୀ ପ୍ରଫେସର ସ୍ୱାଇଁ ଶିକ୍ଷା କ୍ଷେତ୍ରରେ ୪୩ ବର୍ଷର ଅନୁଭବ ରହିଛି। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ), ବାରାଣସୀର ଶିକ୍ଷା ସଂକାୟରେ ପ୍ରମୁଖ ଓ ଡିନ୍ ଭାବରେ କାର୍ଯ୍ୟରତ ଥିଲେ। ବିଏଚ୍‌ୟୁକୁ ଭାରତ ସରକାର ଦ୍ୱାରା 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ'ର ମର୍ଯ୍ୟାଦା ମିଳିଛି ଓ ଏହା ୧୯୧୬ ମସିହାରେ ଭାରତ ରତ୍ନ ପଣ୍ଡିତ ମଦନ ମୋହନ ମାଳବୀୟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ପ୍ରଫେସର ସ୍ୱାଇଁ ସ୍ନାତକୋତ୍ତର (ସ୍ୱର୍ଣ୍ଣପଦକ ସହିତ), ଏମ୍‌ଫିଲ୍, ପିଏଚ୍‌ଡି ଓ ଡିଲିଟ୍ (ଶିକ୍ଷାରେ) ଏବଂ ଇଂଲଣ୍ଡର ଲିଡ୍ସ ବିଶ୍ୱବିଦ୍ୟାଳୟରୁ ଇପିପିଏମ୍ ଡିଗ୍ରୀ ଅର୍ଜନ କରିଛନ୍ତି। ସେ ୟୁନେସ୍କୋ, ଆଇଆଇଇପି, ଓଇସିଡି, ବିଶ୍ୱ ବ୍ୟାଙ୍କ (ପ୍ୟାରିସ୍) ଓ ଆଇବିଇ (ଜେନିଭା) ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସହିତ କାମ କରିବାର ଅନୁଭବ ରଖିଛନ୍ତି। ▶▶ ୫

### ଟ୍ରକ୍‌ରେ ଲାଗିଲା ନିଆଁ

## ଜଳିଗଲା ୩୦ରୁ ଊର୍ଦ୍ଧ୍ୱ ଇଲେକ୍ଟ୍ରିକ୍ ସ୍କୁଟି



**ଛତ୍ରପୁର,୮।୮/ଏନ୍ଏନ୍ଏସ୍:**

ଛତ୍ରପୁର ନିକଟ ୧୬ ନଂ. ଜାତୀୟ ରାଜପଥ ଡାକ ଢ଼ାବା ସମ୍ମୁଖରେ ଠିଆ ହୋଇଥିବା ଏକ ଇଲେକ୍ଟ୍ରିକ୍ ସ୍କୁଟି ବୋଝେଇ ଟ୍ରକ୍‌ରେ ଶୁକ୍ରବାର ଆକସ୍ମିକ ନିଆଁ ଲାଗିଯାଇଥିଲା। ଫଳରେ ଟ୍ରକ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ସ୍କୁଟି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ନୂଆଦିଲ୍ଲୀରୁ ଆନ୍ଧ୍ରପ୍ରଦେଶର ସୋମପେଣ୍ଟା ଅଭିମୁଖେ ଯାଉଥିବା ଏହି ଟ୍ରକ୍‌କୁ ଜାତୀୟ ରାଜପଥ ପାର୍ଶ୍ୱରେ ରଖି ଡ୍ରାଇଭର୍ ଚା' ପିଇବାକୁ ଯାଇଥିବା ବେଳେ ହଠାତ୍ ଗାଡ଼ି ଭିତରୁ ଧୂଆଁ ବାହାରିଥିଲା। ଏହା ଦେଖି ଡ୍ରାଇଭର୍ ଅଖିଳେସ ▶▶ ୫

## ଇପିଏଫ୍ ପାଇଁ ଫେସ୍ ଅଥେଣ୍ଟିକେସନ୍

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:**

ଇପିଏଫ୍ ପାଇଁ ଏଣିକି ଫେସ୍ ଅଥେଣ୍ଟିକେସନ୍ ଜରୁରୀ। ଏହା ଆଧାର ସହ ସଂଯୋଜିତ ହୋଇଥିବା ଦରକାର। କୌଣସି କର୍ମଚାରୀ ଇପିଏଫ୍‌ରେ ୟୁଏଏନ୍ ନମ୍ବର ଆବେଦନ କରିବାକୁ ହେଲେ ତାହା 'ଉମଙ୍ଗ' ମୋବାଇଲ୍ ଆପ୍ଲିକେସନ୍ ଜରିଆରେ କରିବାକୁ ହେବ। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ଏହି ନୂଆ ନିୟମ ଲାଗୁ କରିଛି। ନୂତନ କର୍ମଚାରୀଙ୍କ ପାଇଁ ବାଧ୍ୟତାମୂଳକ। ନିଜ ସ୍ମାର୍ଟ ମୋବାଇଲ୍‌ରେ ଉମଙ୍ଗ ଆପ୍ଲିକେସନ୍ ଡାଉନଲୋଡ୍ କରି ଆବେଦନ କରିପାରିବେ। ଓଡ଼ିଶା ସମେତ ସାରା ଭାରତବର୍ଷରେ ଏହି ଆପ୍ ଲାଗୁ ହୋଇଛି। ଏହା ସୁରକ୍ଷିତ ଓ ତ୍ରୁଟିମୁକ୍ତ ଏବଂ କମ୍ ସମୟ ଭିତରେ ହୋଇପାରିବ। ଘରେ ବସି ମଧ୍ୟ କରିହେବ। ମାତ୍ର ପାରମ୍ପରିକ ମାନୁଆଲ୍ ପଦ୍ଧତି କେବଳ ଅନ୍ତର୍ଜାତୀୟ କର୍ମଚାରୀ ଅର୍ଥାତ୍ ନେପାଳ ଓ ଭୁଟାନର ନାଗରିକଙ୍କ ପାଇଁ ଜାରି ରହିବ।

**'ଉମଙ୍ଗ' ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ୟୁଏଏନ୍ ନମ୍ବର**

ଇପିଏଫ୍‌ଓ କେବଳ ଏହାର ସିଷ୍ଟମ୍‌କୁ ଅପଗ୍ରେଡ୍ କରୁନାହିଁ, ବରଂ କର୍ମଚାରୀଙ୍କ ହାତରେ କ୍ଷମତା ଦେଉଛି। ଡିଜିଟାଲ୍ ସୁବିଧା ଦ୍ୱାରା ପରିଚାଳିତ ଏହା ଦକ୍ଷ ଶାସନ ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଛି।

### ବଙ୍ଗୋପସାଗରରେ ସୃଷ୍ଟିହେଲା ଘୂର୍ଣ୍ଣିବଳୟ

# ୭ ଦିନ ଯାଏ ବର୍ଷା, ୭ ଜିଲ୍ଲାକୁ ୱାର୍ଣ୍ଣିଂ

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ। ଏହା ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି। ପ୍ରଭାବରେ ୭ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା। ସେହିପରି ଆସନ୍ତା ୨୪ ଘଣ୍ଟାରେ ସାରା ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ମିଳିଥିବା ସୂଚନା ଅନୁସାରେ, ଅନେକ ସ୍ଥାନରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ସହ ପୁରୀରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଆସନ୍ତା ୨୪ ଘଣ୍ଟା ପାଇଁ ଖୋର୍ଦ୍ଧା, ଜଗତସିଂହପୁର, କଟକ, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼ ଓ କେନ୍ଦୁଝର ଏହି ୭ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହିସବୁ ଜିଲ୍ଲାରେ ୩୦ ରୁ ୪୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବହିବାର ସମ୍ଭାବନା ରହିଛି। ଆସନ୍ତାକାଲି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏହିସବୁ ଜିଲ୍ଲାରେ ୩୦ରୁ ୪୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ଖୋର୍ଦ୍ଧା, ପୁରୀ, କଟକ, ଯାଜପୁର କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ନୟାଗଡ଼, ବାଲେଶ୍ୱର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ରାୟଗଡା ଏହି ୨୧ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୧୨ରୁ ପୁଣି ବଢ଼ିବ ବର୍ଷାର ପରିମାଣ, ୧୪ ଯାଏଁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ ହୋଇଛି। ସର୍ବାଧିକ ବର୍ଷା ଗଞ୍ଜାମ ଜିଲ୍ଲା ଆସ୍କାରେ ୯୦ମିଲିମିଟର ରେକର୍ଡ ହୋଇଛି। ପବନର ବେଗ ଓ ମେଘୁଆ ପାଗକୁ ନେଇ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି। ତେଣୁ ଆସନ୍ତା ୨୪ ଘଣ୍ଟା ଯାଏଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ▶▶ ୫

**ସଂସଦର ଉଭୟ ଗୃହରେ ଏସ୍‌ଆଇଆର୍ ହଙ୍ଗାମା**

# ଆୟକର ବିଲ୍-୨୦୨୫ ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୮।୮/ଏଜେନ୍ସି:**

ବିହାରରେ କେନ୍ଦ୍ର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ପକ୍ଷରୁ ସଦ୍ୟ କରାଯାଇଥିବା ଏସ୍‌ଆଇଆର୍ (ଭୋଟର୍ ସମୀକ୍ଷା ସର୍ଭେ)କୁ ନେଇ ବିରୋଧୀ ଦଳଙ୍କ ପକ୍ଷରୁ ସଂସଦର ଉଭୟ ଗୃହରେ ବ୍ୟାପକ ହଙ୍ଗାମା ଜାରି ରହିଛି। ଶୁକ୍ରବାର ମୌସୁମୀ ଅଧିବେଶନର ୧୫ତମ କାର୍ଯ୍ୟ ଦିବସ ଥିବା ବେଳେ ବିରୋଧୀଙ୍କ ହୋହଲ୍ଲା ମଧ୍ୟ ଦେଖିବାକୁ ମିଳିଛି। ତେବେ ଏହାରି ମଧ୍ୟରେ କେନ୍ଦ୍ର ସରକାର ଲୋକସଭାରେ ଆଗତ ହୋଇଥିବା ନୂଆ ଆୟକର ବିଲ୍‌କୁ ପ୍ରତ୍ୟାହାର କରିନେଇଛନ୍ତି।

ଗତ ଫେବୃଆରୀ ମାସ ୧୩ ତାରିଖରେ ଲୋକସଭାରେ ଏହି ନୂଆ ଆୟକର ବିଲ୍ - ୨୦୨୫କୁ ଆଗତ କରାଯାଇଥିଲା। ୧୯୬୧ ଆୟକର ଆଇନକୁ ହଟାଇ ନୂଆ ଆଇନ ଆଣିବା ଉଦ୍ଦେଶ୍ୟରେ ସରକାର ଏହାକୁ ଆଗତ କରିଥିଲେ। କିନ୍ତୁ ଆଜି ଅର୍ଥାତ୍ ଶୁକ୍ରବାର ଏହାକୁ ଅପ୍ରତ୍ୟାଶିତ ଭାବେ ପ୍ରତ୍ୟାହାର କରିନିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଆୟକର ବିଲ୍‌କୁ ପ୍ରତ୍ୟାହାର କରିଛନ୍ତି। ତେବେ ଏହି ବିଲ୍ ପ୍ରତିବଦଳରେ ଆଉ ଏକ ନୂଆ ବିଧେୟକ ଆସନ୍ତା ୧୧ ତାରିଖରେ ଆଗତ କରାଯିବ। କୁହାଯାଉଛି ଯେ ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ମନୋନୟନ କମିଟିର ସୁପାରିସ୍ କ୍ରମେ ଉକ୍ତ ବିଲ୍‌ରେ କିଛିଟା ପରିବର୍ତ୍ତନ କରାଯାଇଛି। ସୁତରାଂ ନୂଆ ଭାବେ ପ୍ରସ୍ତୁତ କରାଯାଇ ଏହି ବିଲ୍‌କୁ ଆସନ୍ତା ସୋମବାର (୧୧ ତାରିଖ)ରେ ପୁଣିଥରେ ଗୃହରେ ଆଗତ କରାଯିବ।

ଫେବୃଆରୀ ୨୦୨୫ରେ ଲୋକସଭାରେ



ଉପସ୍ଥାପିତ ହେବା ପରେ, ନୂଆ ଆୟକର ବିଲ୍‌କୁ ଚୟନ କମିଟି ନିକଟକୁ ପଠାଯାଇଥିଲା। ଶ୍ରୀ ପଣ୍ଡାଙ୍କ ନେତୃତ୍ୱାଧୀନ ଚୟନ କମିଟି ଏହା ଉପରେ କେତେକ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଥିଲେ। କମିଟି ୨୨ ଜୁଲାଇ ୨୦୨୫ରେ

**୧୧ରେ ଆଗତ ହେବ ନୂଆ ବିଲ୍**

**ସୋମବାର ଯାଏ ଉଭୟ ଗୃହ ମୁଲତବୀ**

ସଂସଦରେ ତାଙ୍କର ରିପୋର୍ଟ ଦାଖଲ କରିଥିଲା। ସରକାର ଚୟନ କମିଟିର ସମସ୍ତ ପରାମର୍ଶକୁ ଗ୍ରହଣ କରିବା ପୂର୍ବକ ନୂଆକରି ଏହି ବିଲ୍‌କୁ ପ୍ରସ୍ତୁତ କରିବେ। ଅନ୍ୟପକ୍ଷେ ଆୟକର ବିଲ୍‌ର ଏହି ଅପ୍‌ଡେଟେଡ୍ ସଂସ୍କରଣକୁ କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ କରିଛି। ଫଳରେ ଏବେ ଏହି ବିଲ୍ ସୋମବାର (୧୧ ଅଗଷ୍ଟ ୨୦୨୫)ରେ ଲୋକସଭାରେ ଉପସ୍ଥାପିତ କରାଯିବ।

ଏହି ବିଲ୍ ୬ ଦଶନ୍ଧି ପୁରୁଣା ଆୟକର ଆଇନ ୧୯୬୧କୁ ବଦଳାଇବ ବୋଲି କୁହାଯାଉଛି। ଏସବୁ ମଧ୍ୟରେ ଆୟକର ବିଭାଗ ସ୍ପଷ୍ଟ କରିସାରିଛି ଯେ ନୂତନ ବିଲରେ ଟିକସ ସ୍ଲାବ୍ ପରିବର୍ତ୍ତନ କରିବାର କୌଣସି ପ୍ରସ୍ତାବ ନାହିଁ। ଆୟକର ବିଭାଗ ଅନୁଯାୟୀ, ନୂତନ ବିଲର ଉଦ୍ଦେଶ୍ୟ ହେଉଛି ଭାଷାକୁ ସରଳ କରିବା ଏବଂ ଅନାବଶ୍ୟକ ବ୍ୟବସ୍ଥାକୁ ହଟାଇବା। ଏସବୁ ମଧ୍ୟରେ ଆସନ୍ତା ସୋମବାର ଯାଏ ସଂସଦର ଉଭୟ ଗୃହକୁ ମୁଲତବୀ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ ଗତ ୧୫ଦିନର କାର୍ଯ୍ୟ ଦିବସ ମଧ୍ୟରୁ କେବଳ ୨ ଦିନ (୨୮ ଜୁଲାଇ ଏବଂ ୨୯ ଜୁଲାଇ) ହିଁ ଗୃହରେ ପୂର୍ଣ୍ଣଦିବସ ଗୃହକାର୍ଯ୍ୟ ଚାଲିପାରିଛି। ଏହି ଦୁଇଦିନରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ▶▶ ୫



# ସଂଭାବନାର ସ୍ୱାଧୀନତା ସ୍ୱନକ୍ଷତ୍ର ଉତ୍ସବ 'ଜୟହିନ୍ଦ୍'

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ସଂଭାବନାର ସ୍ୱନକ୍ଷତ୍ର ଦିବସ ଓ ଅଗଷ୍ଟ କ୍ରାନ୍ତି ଦିବସର ପୂର୍ବସଂଧ୍ୟାରେ ଜୟଦେବ ଭବନ ଠାରେ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ "ଜୟହିନ୍ଦ୍"ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବାଦ ସମୂହର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସଂପଦ ମହାପାତ୍ର, ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଟ୍ ରାଜୀବ ଶେଖର ସାହୁ, ସାହିତ୍ୟିକ ଓ ସୁବକ୍ତା ଦାଶ ବେନ୍ହୁର୍ ଯୋଗ ଦେଇ ଏହିଭଳି ଉଦ୍ୟମକୁ ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି କହିଥିଲେ। ପ୍ରାରମ୍ଭିକ ସୂଚନା ଓ ସଭା ପରିଚାଳନା କରିଥିଲେ ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜା। ପ୍ରଖ୍ୟାତ ସଂଗୀତ ଶିଳ୍ପୀ ସୌରଭ ନାୟକ, ଗୌତମ ଗିରି, ହରପ୍ରିୟା ସ୍ୱାଇଁ, ସୁଶାନ୍ତ ପଣ୍ଡା, ଛନ୍ଦା ମିଶ୍ର,ସିଦ୍ଧାନ୍ତ ଶତ୍ପଥୀ ଓ ବିପୁଳ ଆଦିଙ୍କ ସ୍ୱରରେ ଉପସ୍ଥିତ ଦର୍ଶକବୃନ୍ଦ ଦେଶପ୍ରେମରେ ବିଭୋର ହୋଇ ଉଠିଥିଲେ। ଏହି ଅବସରରେ ପ୍ରଖ୍ୟାତ ସାମ୍ବାଦିକ ସଂଦୀପ ସାହୁଙ୍କୁ ଜୀବନ ବ୍ୟାପୀ ସାଧନା ପାଇଁ ଦ୍ୱିତୀୟ 'କୁଲ୍ଦୀପ୍ ନାୟାର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିବା ବେଳେ ତରୁଣ ସାମ୍ବାଦିକା ସୁପ୍ରିୟା ଦାଶଙ୍କୁ 'ସଂଭାବନା ସ୍ୱନକ୍ଷତ୍ର ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଭାବନା ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସଂଭାବନାର ଯୁଗ୍ମ ସଂପାଦିକା ମୀନାକ୍ଷୀ ପଟ୍ଟନାୟକ, ପ୍ରଫୁଲ୍ଲ ଦେ, କାର୍ଯକ୍ରମ ସଂପାଦିକା ରଶ୍ମିତା ରଥ, ସଭ୍ୟ ରାଜଶ୍ରୀ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍‌ସିବି ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍‌ର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

# ଆଧୁନିକ ମଡେଲ୍ ହସ୍ପିଟାଲ୍ ଭାବେ ଗଢ଼ିତୋଳିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର , ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଏସ୍‌ସିବି ମେଡିକାଲ୍ କଲେଜ ଏବଂ ହସ୍ପିଟାଲର କାର୍ଯ୍ୟପଦ୍ଧତି, ରୋଗୀ ସେବା ଓ ଆଧୁନିକ ବିକାଶ କାର୍ଯ୍ୟ ଉପରେ ବିସ୍ତୃତ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଏସ୍‌ସିବି ମେଡିକାଲ୍ କଲେଜ ଏବଂ ହସ୍ପିଟାଲକୁ ରାଷ୍ଟ୍ରୀୟ ମାନକ ଅନୁଯାୟୀ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଭାବରେ ଗଠନ କରିବା ଦିଗରେ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ରୋଗୀମାନେ ଯେପରି ସମୟରେ ଚିକିତ୍ସା ପାଇପାରିବେ ସେଥିପାଇଁ ଅଧିକ ବେଡ୍, ଆଧୁନିକ ଯନ୍ତ୍ରପାତି ଓ ଡିଜିଟାଲ୍ ବ୍ୟବସ୍ଥା ପ୍ରତିଷ୍ଠା ସୁନିଶ୍ଚିତ କରାଯିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ହିଛନ୍ତି।

ସେହିପରି ରୋଗୀ ସେବା ବ୍ୟବସ୍ଥା ଓ ଅପେକ୍ଷା ସମୟ ହ୍ରାସ, ଅନୁଷ୍ଠାନର ପୁନର୍ବିକାଶ ପ୍ରକଳ୍ପର ଗତି, ଆଧୁନିକ ଯନ୍ତ୍ରପାତି ଉପଲବ୍ଧତା ବାବଦରେ ପଚାରି ବୁଝିଥିଲେ। ସମୀକ୍ଷା ସମୟରେ ମନ୍ତ୍ରୀ ଡାକ୍ତର ଓ ଅଧିକାରୀମାନେ ସହିତ ଆଲୋଚନା କରି ରୋଗୀ ସେବା, ଔଷଧ ଯୋଗାଣ, ସ୍ୱଚ୍ଛତା ଓ ଆଧୁନିକ ସେବା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏସ୍‌ସିବି ମେଡିକାଲ୍ କଲେଜ ଏବଂ ହସ୍ପିଟାଲର ଉନ୍ନତି ଓ ପୁନର୍ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗ ପ୍ରତିବଦ୍ଧ। ଆସୁଥିବା ପ୍ରତ୍ୟେକ ରୋଗୀ ଓ ସେବାଦାତାମାନେ ଯଥେଷ୍ଟ ସନ୍ତୁଷ୍ଟ ଓ ସୁବିଧାଭୋଗୀ ହେବା ଜରୁରୀ ବୋଲି ମନ୍ତ୍ରୀ ମତାପ୍ରକାଶ କରିଥିଲେ। ଆଗାମୀ ଦିନରେ ଅଧିକ ବେଡ୍, ଉନ୍ନତ ଯନ୍ତ୍ରପାତି ଓ ଡିଜିଟାଲ ରେକର୍ଡ ସିଷ୍ଟମ୍ ସହିତ ଆଧୁନିକ ମଡେଲ ହସ୍ପିଟାଲ ଭାବେ ଗଢିତୋଳିବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ , ଡିଏମଇଟି ଡା. ସନ୍ତୋଷ ମିଶ୍ରଙ୍କ ସହ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଡିନ୍, ପ୍ରିନ୍ସିପାଲ, ବିଭାଗ ଅଧ୍ୟକ୍ଷ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମଧୁର ସ୍ମୃତି ନେଇ ଫେରିଲେ କ୍ୟୁନି ଇଣ୍ଡିଆ ଟ୍ରେକ୍ ପ୍ରତିନିଧିମଣ୍ଡଳ



**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟର ୨୬ ଜଣିଆ ଛାତ୍ର-ଅଧ୍ୟାପକ ପ୍ରତିନିଧିମଣ୍ଡଳ ଅଗଷ୍ଟ ୪ତାରିଖରୁ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ଆଜି ଫେରିଯାଇଛନ୍ତି। ଏହି ପ୍ରତିନିଧି ଦଳରେ କ୍ୟୁନି ବିଶ୍ୱବିଦ୍ୟାଳୟର ୨୦ ଜଣ ଛାତ୍ରଛାତ୍ରୀ ଓ ୬ଜଣ ଅଧ୍ୟାପକ ଅଧ୍ୟାପିକା ସାମିଲ୍ ଥିଲେ। 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ ଅଫ୍ କ୍ୟୁନି (ଏଏସ୍ଆଇଆଇସି)' ମାଧ୍ୟମରେ ଏହି ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ସେମାନେ କିଟ୍ ଓ କିସରେ ସପ୍ତାହ ବ୍ୟାପୀ ରହିବା ସହ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍କୁଲ୍ ବୁଲି ଦେଖିବା ସହ ଏଠାରେ ଚାଲିଥିବା ବିଭିନ୍ନ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଏଠାକାର ଛାତ୍ର ଓ ଅଧ୍ୟାପକଙ୍କ ଭାବ ବିନିମୟ କରିଥିଲେ। ସେହିପରି ସେମାନେ କିସ୍ ପରିଦର୍ଶନରେ ଯାଇ କିସ୍‌ର ବିଭିନ୍ନ ବିଭାଗ ବୁଲିବା ସହ ଶିକ୍ଷା ମାଧ୍ୟମରେ ଜନଜାତି ପିଲାମାନଙ୍କ ଜୀବନରେ କିପରି ପରିବର୍ତ୍ତନ ଅଣାଯାଇପାରୁଛି ତାହା ପ୍ରତ୍ୟକ୍ଷ କରିଥିଲେ। ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସେମାନଙ୍କ ଅନୁଭୂତି ବଖାଣି ଥିଲେ। ଶ୍ରୀ ସାମନ୍ତ କିଟ୍ ଓ କିସ୍ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରଛାତ୍ରୀଙ୍କୁ ଶ୍ରୀ ସାମନ୍ତ ପରାମର୍ଶ ଦେଇ କହିଲେ, ଜୀବନରେ ଯେଉଁଠି ଯେଉଁ କ୍ଷେତ୍ରରେ ଥାଅ ନିଜକୁ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କର। କିଟ୍ ଓ କିସରେ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ସେମାନେ କହିଥିଲେ, ଏଠାରେ ଶୈକ୍ଷିକ କାର୍ଯ୍ୟକ୍ରମ ଚାଲିବା ସହ ଛାତ୍ରଛାତ୍ରୀଙ୍କ ଜୀବନରେ ପରିବର୍ତ୍ତନ ଅଣାଯିବା ଏକ ଅନନ୍ୟ ଅନୁଭୂତି। ଏହି ଅବସରରେ ସେମାନେ ପୁରୀ ଓ କୋଣାର୍କ ଭଳି ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳ ପରିଦର୍ଶନ କରିବାର ସୁଯୋଗ ପାଇଥିଲେ। ଓଡ଼ିଶାରେ ରହି ଓଡ଼ିଆ ପୋଷାକ ପିନ୍ଧିବା ସହ ଓଡ଼ିଆ ଖାଦ୍ୟର ମଧ୍ୟ ମଜା ନେଇଥିଲେ। ଫେରିବା ସମୟରେ ଓଡ଼ିଶାରୁ ବିଶେଷ କରି କିଟ୍ ଓ କିସ୍‌ରୁ ମଧୁର ଅନୁଭୂତି ନେଇ ଫେରିଥିବା ସେମାନେ ପ୍ରକାଶ କରିଥିଲେ। ଆମେରିକାରୁ ଆସିଥିବା ଏହି ପ୍ରତିନିଧିମଣ୍ଡଳକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା। ଗତ ଦୁଇ ବର୍ଷ ମଧ୍ୟରେ ୯ଟି ବିଭିନ୍ନ ପର୍ଯ୍ୟାୟରେ ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଲଂଲଣ୍ଡର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ର-ଶିକ୍ଷକ ପ୍ରତିନିଧି କିଟ୍ ଓ କିସ୍ ପରିଦର୍ଶନ କରିସାରିଲେଣି।

# ସଚେତନତା କାର୍ଯ୍ୟକ୍ରମ 'ଷ୍ଟିଲେଜ୍ ମହୋତ୍ସବ'

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ବିଆଇଏସ୍ ମାନଦଣ୍ଡ ସମେତ ବିଆଇଏସ ସାର୍ଟିଫାଏଡ ସେଫ୍, ଷ୍ଟ୍ରଙ୍ଗରୁମ ଡୋର ଓ ଭଲ୍ଟଗୁଡିକ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଲାଗି ସଚେତନତା କାର୍ଯ୍ୟକ୍ରମ 'ଷ୍ଟିଲେଜ ମହୋତ୍ସବ' ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଦେଶବ୍ୟାପୀ ପରିଚାଳିତ 'ଷ୍ଟିଲେଜ ମହୋତ୍ସବ' କ୍ୟାମ୍ପେନର ଅଂଶ ଭାବେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଆଜି ଆୟୋଜିତ ହୋଇଥିଲା। 'ଷ୍ଟିଲେଜ ମହୋତ୍ସବ'ର ଲକ୍ଷ୍ୟ ହେଉଛି ଅଳଙ୍କାର ବ୍ୟବସାୟୀଙ୍କୁ ବିଆଇଏସ-ପ୍ରମାଣିତ ସିକ୍ୟୁରିଟି ପ୍ରଡକ୍ଟଗୁଡିକର ବ୍ୟବହାରର ମହତ୍ୱ ଉପରେ ସଚେତନ କରିବା ଏବଂ ସେମାନଙ୍କୁ ନିଜର ଜୁଏଲରୀ ଆଉଟଲେଟଗୁଡିକ ପାଇଁ ସଠିକ ସେଫ୍, ଭଲ୍ଟ ଓ ହାଇ-ସିକ୍ୟୁରିଟି ଲକ୍ ଚୟନ କରିବାରେ ସାହାଯ୍ୟ କରିବା ବୋଲି ଅନିର୍ବାନ ମୁଖୁଟି କହିଛନ୍ତି।

# ବ୍ଲସମ୍ସ ସ୍କୁଲ୍‌ରେ ବିଜ୍ଞାନମେଳା 'ନବୋନ୍ମେଷ୍ ୯.୦'



**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ବ୍ଲସମ୍ସ ସ୍କୁଲରେ ବିଜ୍ଞାନମେଳା 'ନବୋନ୍ମେଷ୍ ୯.୦' ଅନୁଷ୍ଠିତ ହୋଇଯାଇଛି। 'ନବୋନ୍ମେଷ ୯.୦'ହେଉଛି ସ୍କୁଲର ସମସ୍ତ ଉଦୀୟମାନ ବୈଜ୍ଞାନିକଙ୍କର ସ୍ୱପ୍ନର ଗନ୍ତବ୍ୟସ୍ଥଳୀ। ଶୁକ୍ରବାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର ଡ଼ଃ କରୁଣା କର ନନ୍ଦ ଏହାକୁ ଉଦଘାଟନ କରିଥିଲେ। ଏହି ବିଜ୍ଞାନ ମେଳାର ବିଷୟବସ୍ତୁ ଥିଲା ' ଅବ୍ୟାହତ ବିକାଶ'। ଛାତ୍ରଛାତ୍ରୀ ୫ଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲେ। ପ୍ରତ୍ୟେକ ଗୋଷ୍ଠୀର ଉଦୀୟମାନ ବୈଜ୍ଞାନିକମାନେ ନିଜର ବିଷୟ ଉପରେ ଗଭୀର ଭାବରେ ଆଲୋଚନା କରିବା ସହ ତାଙ୍କର ମଡେଲ୍ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଟିଜିଟି ଓ ପିଜିଟି ବିଜ୍ଞାନ ଶିକ୍ଷକ ବିଚାରକଭାବେ ଯୋଗଦେଇଥିଲେ। ଯେଉଁମାନେ ଅନେକ ଗୋଷ୍ଠୀର ପ୍ରକଳ୍ପ ଦେଖି ବିଶ୍ଳେଷଣ କରିଥିଲେ। 'ଡୋମିନୋ ପ୍ରଭାବ' ଓ ଆମ ବୈଜ୍ଞାନିକମାନଙ୍କ ଅବଦାନ ଏହି ମେଳାର ମୁଖ୍ୟ ଆକର୍ଷଣ ଥିଲା। ଏହି ବିଜ୍ଞାନ ମେଳାଟି କେବଳ ଶିକ୍ଷାମୂଳକ ନୁହେଁ, ବରଂ ପ୍ରେରଣାଦାୟକ ମଧ୍ୟ ଥିଲା।

# କଳା ଓ ପାରମ୍ପରିକତା ମାଧ୍ୟମରେ ସ୍ୱାଧୀନତାର ଭାବନା ପାଳନ



**ଖୋର୍ଦ୍ଧାରୋଡ଼,୮।୮/ଏନ୍ଏନ୍ଏସ୍:** 'ଆଜାଦୀର ଅମୃତ ମହୋତ୍ସବ' ଅଭିଯାନ ଅନ୍ତର୍ଗତ ହର୍ ଘର୍ ତିରଙ୍ଗା ଜାତୀୟ ପ୍ରସାର ଅଭିଯାନର ଅଂଶ ଭାବରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ଇଷ୍ଟ କୋଷ୍ଟ ରେଳ ମିକ୍ସଡ଼ ହାୟାର ସେକେଣ୍ଡାରୀ ସ୍କୁଲରେ ତିରଙ୍ଗା ସମ୍ବନ୍ଧୀୟ ଦେଶଭକ୍ତିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀ ଉତ୍ସାହର ସହିତ ତିରଙ୍ଗା ଭିତ୍ତିକ କଳାକୃତି, ରଙ୍ଗୋଲି, କ୍ରାଫ୍ଟ ଓ ରାଖୀ ତିଆରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସ୍ୱାଧୀନତା ପ୍ରତି ନିଜ ସ୍ନେହ ଓ ସମ୍ମାନ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଦିୱାଲ ଉପରେ ତିରଙ୍ଗା ସମ୍ବନ୍ଧୀୟ କଳାକୃତି ଆଙ୍କିବା ଏବଂ ଦେଶଭକ୍ତି ଭାବ ପ୍ରକାଶ କରୁଥିବା ଚିତ୍ର ଓ ଚିତ୍ରାଙ୍କନ ଆୟୋଜନ କରାଯାଇ ଦେଶଭକ୍ତିର ଶୋଭା ବର୍ଦ୍ଧିତ କରାଯାଇଛି। ହର୍ ଘର୍ ତିରଙ୍ଗା ଅଭିଯାନ ଉତ୍ସବ ପରିବେଶକୁ ଅଧିକ ରଙ୍ଗିନ କରିବାକୁ, ଛାତ୍ରଛାତ୍ରୀ ତିରଙ୍ଗା ରଙ୍ଗରେ ସୁନ୍ଦର ରଙ୍ଗୋଲି ତିଆରି କରିବା ସହିତ ତିରଙ୍ଗା ଭିତ୍ତିକ କ୍ରାଫ୍ଟ କାମ ଓ ହସ୍ତନିର୍ମିତ ରାଖୀ ମାଧ୍ୟମରେ ଦେଶ ପ୍ରେମ, ପାରମ୍ପରିକତା ଓ ଦେଶଭକ୍ତି ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଏକ ସୃଜନଶୀଳ ମଞ୍ଚ ଯୋଗାଇଅଛି ଯାହା ମାଧ୍ୟମରେ ସେମାନେ ଦେଶ ପ୍ରତି ନିଜ ଭଲପାଇବା ଓ ଗର୍ବକୁ ବ୍ୟକ୍ତ କରିପାରିଛନ୍ତି । ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ମନରେ ଦେଶଭକ୍ତିକୁ ବୃଦ୍ଧି କରିଥିବା ସହ ଜନସାଧାରଣଙ୍କୁ ମଧ୍ୟ ଜାଗୃତ କରିଛି। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଇଷ୍ଟ କୋଷ୍ଟ ରେଳ ମିକ୍ସଡ଼ ହାୟାର ସେକେଣ୍ଡାରୀ ସ୍କୁଲ ତରଫରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ଉତ୍ସାହୀ ଅଂଶଗ୍ରହଣ ଏବଂ ଏହି କାର୍ଯ୍ୟକ୍ରମକୁ ଭାରତର ଆତ୍ମା ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ହୃଦୟର ସହିତ କୃତଜ୍ଞତା ଜ୍ଞାପନ କରାଯାଉଛି।

# ନୂତନ ଷ୍ଟାର୍ଟଅପ୍ 'ଏଆଇକ୍ୟୁ'ର ଶୁଭାରମ୍ଭ

ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍: ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଆଇଆଇଟି ଶିକ୍ଷାନୁଷ୍ଠାନ ଓ ଗେଟ ସେଟ ଲର୍ଣ୍ଣର ମିଳିତ ସହଯୋଗରେ ଏକ ନୂତନ ଷ୍ଟାର୍ଟଅପ ଆର୍ଟିଫିସିଆଲ ଇଣ୍ଟେଲିଜେନସ୍ କୋସିଏ(ଏଆଇକ୍ୟୁ)ର ଶୁଭାରମ୍ଭ କରାଯାଇଛି। ଯାହା ଏକ ସଂରଚିତ ଏଆଇ ଶିକ୍ଷା କାର୍ଯ୍ୟକ୍ରମ। 'ପ୍ରୋଜେକ୍ଟ ବିଦ୍ୟା' ଅଧୀନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏକ ଗବେଷଣା ସମର୍ଥିତ ପାଠ୍ୟକ୍ରମ। କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି 'ପ୍ରୋଜେକ୍ଟ ବିଦ୍ୟା'ର ପ୍ରମୁଖ ତଦନ୍ତକାରୀ ଡକ୍ଟର ଗୌରବ ତ୍ରିବେଦୀ କହିଛନ୍ତି ଯେ ଏହା ଭାରତର ପ୍ରଥମ ସଂରଚିତ ଏଆଇ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଆମେ ଶିକ୍ଷାଗତ ଗଭୀରତା ଏବଂ ପ୍ରବେଶଯୋଗ୍ୟକୁ ସହଜରେ ଉପଲବ୍ଧ କରିବା ପାଇଁ 'ଏଆଇକ୍ୟୁ' ସହ ବିକଶିତ କରିଛୁ। ସେହିପରି ଆଜି ଆୟୋଜିତ କାର୍ଯ୍ୟକ୍ରମରେ ଅମିତ ଜାଭେରୀ କହିଛନ୍ତିଯେ ଏନଇପି (ନ୍ୟାସ୍‌ନାଲ୍ ଏଜୁକେସନ ପଲିସି)୨୦୨୦ ଆଧାରରେ ଭାରତର ଶିକ୍ଷା ଏବଂ ଏଆଇସିଟିଇର 'ଏଆଇ ବର୍ଷ ୨୦୨୫' ପ୍ରଚେଷ୍ଟା ମାଧ୍ୟମରେ ଆମ ସ୍କୁଲ ପାଠ୍ୟକ୍ରମରେ ଏଆଇକୁ ସମନ୍ୱିତ କରିବାର ଆବଶ୍ୟକତା ରହିଛି।

# ଏସ୍ଆଇପି ଏକାଡେମୀର ୨୨ ବର୍ଷ ପୂର୍ତ୍ତି ଉତ୍ସବ

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ଶିଶୁ ଦକ୍ଷତା ବିକାଶର ସଂସ୍ଥା ଏସ୍ଆଇପି ଏକାଡେମୀ ପକ୍ଷରୁ ୨୨ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଏସ୍ଆଇପି ଆବାକସ୍, ଗ୍ଲୋବାଲଆର୍ଟ, ମାଇକିଡସ୍ ଓ କ୍ରିକୋ ଇଂଲିଶ ଭଳି କାର୍ଯ୍ୟକ୍ରମ ପାଇଁ ପରିଚିତ ଏହି ଏକାଡେମୀ ବର୍ତ୍ତମାନ ଭାରତର ୧,୨୫୦ରୁ ଅଧିକ ଫ୍ରାଞ୍ଚାଇଜ କେନ୍ଦ୍ରକୁ ବିସ୍ତାର କରିଛି ଏବଂ ୧୪ ଲକ୍ଷରୁ ଅଧିକ ପିଲାଙ୍କ ଜୀବନକୁ ସ୍ପର୍ଶ କରିଛି। ତେବେ ୧୦ମ ଅଙ୍କ ଗଣିତ ପ୍ରତିଭା ପ୍ରତିଯୋଗିତାର (ଏଜିସି) ବିଜେତାମାନେ ଶ୍ରୀହରିକୋଟାରେ ଇସ୍ରୋର ଏକ ରକେଟ୍ ଉତ୍କ୍ଷେପଣ ଦେଖିବାର ସୁଯୋଗ ପାଇବେ ବୋଲି ଆଜି ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ଦିନେଶ ଭିକ୍ଟର ସୂଚନା ଦେଇଛନ୍ତି। ତେବେ ଶିକ୍ଷା କେବଳ ପୁସ୍ତକ ନୁହେଁ, ଏହା ଦାୟିତ୍ୱଶୀଳ ନାଗରିକ ଗଠନ କରିବାର ଏକ ମାଧ୍ୟମ ବୋଲି ସେ କହିଛନ୍ତି।

# ସର୍ବନିମ୍ନ ୯ ହଜାର ଟଙ୍କା ଇପିଏଫ୍ ପେନ୍‌ସନ୍ ଦାବି ନେଇ ଦିଲ୍ଲୀରେ ଆନ୍ଦୋଳନ



**ନୂଆଦିଲ୍ଲୀ, ୮।୮/ଏନ୍ଏନ୍ଏସ୍:** ନିଖିଳ ଉତ୍କଳ ଇପିଏଫ୍ ପେନସନର୍ସ ଆସୋସିଏସନ୍ ତରଫରୁ ସର୍ବଭାରତୀୟ ଇପିଏସ୍-୯୫-ଏନ୍ଏସି ଆନୁକୂଲ୍ୟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆନ୍ଦୋଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରାଯାଇଥିଲା। ସାରା ଦେଶରେ ପ୍ରାୟ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଓ ଓଡ଼ିଶାରେ ପ୍ରାୟ ୩ ଲକ୍ଷ ଇପିଏଫ ପେନ୍‌ସନଭୋଗୀଙ୍କ ମଧ୍ୟରୁ ଅନ୍ୟୁନ ୬୦ ପ୍ରତିଶତ ଅତ୍ୟନ୍ତ କମ୍ ପେନ୍‌ସନ୍ ପାଉଛନ୍ତି। ୨୦୧୪ ମସିହା ପରେ ସର୍ବନିମ୍ନ ପେନ୍‌ସନ୍ ୧୦୦୦ ଟଙ୍କାରୁ ଆଉ ବୃଦ୍ଧି କରାଯାଇନାହିଁ। ବିଭିନ୍ନ ସମୟରେ ଏହାକୁ ଅନ୍ୟୁନ ୯୦୦୦ ଟଙ୍କା ଓ ମହଙ୍ଗା ଭତ୍ତା ସହିତ ଯୋଡ଼ିବା ପାଇଁ ବିଭିନ୍ନ ସ୍ତରରେ ଦାବି କରାଯାଇଛି। ଅଗଷ୍ଟ ୪ ତାରିଖ ଓ ୫ ତାରିଖ ଦୁଇଦିନ ବ୍ୟାପୀ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ସାରା ଦେଶରୁ ହଜାର ହଜାର ସଂଖ୍ୟାରେ ପେନ୍‌ସନ୍‌ଭୋଗୀ ଯୋଗ ଦେଇଥିଲେ। ଏହି ସଭାରେ ପୌରହିତ୍ୟ କରି ଇପିଏସ୍-୯୫-ଏନ୍ଏସିର ସର୍ବଭାରତୀୟ ସଭାପତି କମାଣ୍ଡର ଅଶୋକ ରାଉତ ଇପିଏଫ୍ ପେନ୍‌ସନ୍ ଭୋଗୀମାନଙ୍କର ଦାବିକୁ ଗ୍ରହଣ କରିବାକୁ ସରକାରଙ୍କଠାରେ ଦାବି ଉପସ୍ଥାପନା କରିଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରାୟ ୨୨ ଜଣ ସାଂସଦ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ସଭାସ୍ଥଳରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ସମସ୍ତ ରାଜ୍ୟର ସଭାପତିମାନେ ବକ୍ତବ୍ୟ ରଖିଥିଲାବେଳେ ଓଡ଼ିଶାରୁ ସଭାପତି ସଂଜୟ ରଥ ନିଜର ମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ, ସାଂଗଠନିକ ସଂପାଦକ କସ୍ତୁରୀ ଚରଣ ସୁବୁଦ୍ଧି, ଉପସଭାପତି ପ୍ରଶାନ୍ତ ଶତପଥି, ପ୍ରସନ୍ନ ସାମନ୍ତରାୟ, ରାଜକିଶୋର ସ୍ୱାଇଁ, ଜଗଦୀଶ ଟୁଲୁ, ବିଦ୍ୟାଧର ସାହୁ, ଅଶ୍ୱିନୀ ରାଉତ ଓ କେଶବ ଭତ୍ରିକା ପ୍ରମୁଖ ଯୋଗଦେଇ ଆନ୍ଦୋଳନକୁ ସଫଳ କରିଥିଲେ। ନିଖିଳ ଉତ୍କଳ ଇପିଏଫ ପେନ୍‌ସନର୍ସ ଆସୋସିଏସନ ତରଫରୁ ଏକ ପ୍ରତିନିଧି ଦଳ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେବାସହ ଆଲୋଚନା କରିଥିଲେ। ଶ୍ରୀ ପଣ୍ଡା ଏହାକୁ ସହୃଦୟତାର ସହିତ କେନ୍ଦ୍ର ଅର୍ଥମନ୍ତ୍ରୀ ଓ ଶ୍ରମ ମନ୍ତ୍ରୀଙ୍କ ପାଖରେ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇବା ସଭାପତି ସଂଜୟ ରଥ ଜଣାଇଛନ୍ତି।

# ଅଭିଯୋଗ ସମାଧାନରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ଉପଲବ୍ଧି




**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥର ରେଳ ମଦଦ୍ ପୋର୍ଟାଲ୍ ଯାତ୍ରୀଙ୍କ ଅଭିଯୋଗର ସମାଧାନରେ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି ଏବଂ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ୩୧.୦୭.୨୦୨୫ ସୁଦ୍ଧା ପ୍ରଥମ ଚାରି ମାସର କାର୍ଯ୍ୟଦକ୍ଷତା ରିପୋର୍ଟରେ ୭୦.୦୬ ସ୍କୋର କରି ୧୭ଟି ରେଳ ଜୋନ୍ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି। ସମସ୍ତ ବର୍ଗର ରେଳ ଗ୍ରାହକ (ଯାତ୍ରୀ, ମାଲ୍ ପରିବହନ ଏବଂ ପାର୍ସଲ) ପାଇଁ ସମନ୍ୱିତ ଅଭିଯୋଗ ସମାଧାନ ପ୍ଲାଟଫର୍ମ, ରେଳ ମଦଦ୍ ଯାତ୍ରୀଙ୍କ ସନ୍ତୁଷ୍ଟି ବୃଦ୍ଧି ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରେଳ ମଦଦ୍ ହେଲ୍ପଲାଇନ୍ (୧୩୯), ୱେବସାଇଟ୍, ମୋବାଇଲ୍ ଆପ୍ ପରି ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ଉପଲବ୍ଧ।ଏହି ପୋର୍ଟାଲ୍ ଯାତ୍ରୀମାନଙ୍କୁ ଅଭିଯୋଗ ପଞ୍ଜିକରଣ ଏବଂ ସହାୟତା ପାଇବା ପାଇଁ ଏକ ସୁବିଧାଜନକ ଏବଂ ଦକ୍ଷ ଉପାୟ ପ୍ରଦାନ କରେ। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ (୦୧/୦୪/୨୦୨୫ ରୁ ୩୧/୦୭/୨୦୨୫) ରେ ଅଭିଯୋଗର ହାରାହାରି ସମାଧାନ ସମୟ ଗତ ବର୍ଷର ସମାନ ସମୟ ଅବଧି ତୁଳନାରେ ୧ ଘଣ୍ଟା ୧୨ ମିନିଟରୁ ୨୬ ମିନିଟକୁ ହ୍ରାସ ପାଇଛି। ଚଳିତ ବର୍ଷ, ପୂର୍ବତଟ ରେଳପଥ ରେଳ ମଦଦ୍ ମାଧ୍ୟମରେ ୩୫୫୦୭ ଅଭିଯୋଗ ପାଇଥିଲା ଯାହାକୁ ଶୀଘ୍ର ଏବଂ ଆଶୁ ସମାଧାନ କରାଯାଇଥିଲା। ପ୍ରାପ୍ତ ମୋଟ ମତାମତର ୭୭.୭୭% ଉତ୍କୃଷ୍ଟ ଏବଂ ସନ୍ତୋଷଜନକ, ଯାହା ଗତ ବର୍ଷର ସମାନ ସମୟ ଅବଧି ତୁଳନାରେ ୧୩% ଅଧିକ ଅଟେ। ଏହା ଅଭିଯୋଗ ସମାଧାନରେ ପୂର୍ବତଟ ରେଳପଥର ସକାରାତ୍ମକ ମନବୃତ୍ତିକୁ ସୂଚିତ କରେ।ରେଳ ମଦଦ୍‌ର 'ଏକ୍ସ' , ଫେସବୁକ୍ ଏବଂ ୧୩୯ ଭଳି ଅନ୍ୟାନ୍ୟ ପ୍ଲାଟଫର୍ମ ସହିତ ସମନ୍ୱୟ ପ୍ରକୃତ-ସମୟରେ ତଥ୍ୟ ସଂଗ୍ରହ କରିବାକୁ ଅନୁମତି ଯୋଗାଇଥାଏ, ଯାହା ଅଭିଯୋଗର ଶୀଘ୍ର ସମାଧାନରେ ସହାୟତା କରେ। ରେଳ ମଦଦ୍ ର ପ୍ରଭାବଶାଳୀତା ରେଳବାଇର ଅଭିଯୋଗ ସମାଧାନ ବ୍ୟବସ୍ଥା ପ୍ରତି ଯାତ୍ରୀମାନଙ୍କ ମଧ୍ୟରେ ପୁନଃ ଆସ୍ଥା ସୃଷ୍ଟି କରିଛି। ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଏକ ସୁଗମ ଏବଂ ଦକ୍ଷ ପ୍ରକ୍ରିୟା ପ୍ରଦାନ କରି, ରେଳ ମଦଦ୍ ଟ୍ରେନ୍ ଯାତ୍ରା ସମୟରେ କିମ୍ବା ରେଳ ପରିସରରେ ଥିବା ସମୟରେ ଅସୁବିଧାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ରେଳ ମନ୍ତ୍ରଣାଳୟ ରେଳ ମଦଦ୍ ସିଷ୍ଟମରେ ନିରନ୍ତର ଉନ୍ନତି ଆଣି ଏବଂ ଯାତ୍ରୀଙ୍କ ମତାମତକୁ ସମ୍ବୋଧିତ କରି ଯାତ୍ରୀଙ୍କ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ। ରେଳ ମଦଦ୍ ମାଧ୍ୟମରେ ସଂଗୃହିତ ତଥ୍ୟ ରେଳ ପରିଚାଳନାରେ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାରେ ମଧ୍ୟ ସାହାଯ୍ୟ କରେ, ଯାହା ଅଧିକ ପ୍ରଭାବଶାଳୀ ଏବଂ ଲକ୍ଷ୍ୟଭେଦୀ ସଂଶୋଧନମୂଳକ କାର୍ଯ୍ୟ ପାଇଁ ସହାୟକ ହୁଏ।

# ସ୍ୱାୟତ୍ତ ଦିବସ ପାଳନ ଉପଲକ୍ଷେ ସବୁଜ ୱାର୍ଡ୍ ଅଭିଯାନ

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ଅଗଷ୍ଟ ୩୧ରେ ପ୍ରତିବର୍ଷ ଭଳି ପାଳିତ ହେବାକୁ ଯାଉଛି ସ୍ୱାୟତ୍ତ ଶାସନ ଦିବସ। ଏହି ଉପଲକ୍ଷେ ଅଗଷ୍ଟ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରାକ୍ ଉତ୍ସବ ପାଳନ ସ୍ୱରୂପ ୧୧୫ଟି ପୌରପାଳିକାରେ ସପ୍ତାହବ୍ୟାପୀ ସବୁଜ ୱାର୍ଡ ଅଭିଯାନ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ପାଳନ କରାଯିବ। ଏଥିପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବିଭିନ୍ନ ମହାନଗର ନିଗମର କମିଶନର ଓ ସମସ୍ତ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ 'ଏକ ପେଡ୍ ମା'କେ ନାମ୍' ଶୀର୍ଷକ କାର୍ଯ୍ୟକ୍ରମ ଅଧୀନରେ ପରିବେଶ ଓ ସବୁଜବନାନୀ ସୃଷ୍ଟି ପାଇଁ ସହରାଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟ ଏବଂ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ନାଗରିକ ସମାଜର ସଦସ୍ୟଙ୍କୁ ନେଇ ସଚେତନତା ରାଲି, ସବୁଜ ୱାର୍ଡ ଅଭିଯାନର ଶୁଭାରମ୍ଭ, 'ଗରିମା' କାର୍ଯ୍ୟକ୍ରମର ସୂଚନା, ଶିକ୍ଷା ଓ ପ୍ରସାର ବ୍ୟବସ୍ଥା, ସହଯୋଗ ଯାନରେ 'ସହଯୋଗ' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର, ହର ଘର ତିରଙ୍ଗା: ହର ଘର ସ୍ୱଚ୍ଛତା ଥିମ୍‌ରେ ସହରାଞ୍ଚଳର ପ୍ରମୁଖ ସ୍ଥାନଗୁଡ଼ିକରେ ମେଗା ସ୍ୱଚ୍ଛତା ଅଭିଯାନ, ସବୁଠାରୁ ପରିଷ୍କାର ସହର ବା ରାସ୍ତା ପାଇଁ ୱାର୍ଡ ସ୍ତରୀୟ ପ୍ରତିଯୋଗିତା, ସ୍ୱଚ୍ଛତା ପାଇଁ ଶପଥ ଗ୍ରହଣ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏହା ବ୍ୟତୀତ ପଥ ଉତ୍ସବ ଓ ଏଥି ଅନ୍ତର୍ଗତ ରାସ୍ତା ନିରାପତ୍ତା ସଚେତନତା ସହ ବିଭିନ୍ନ କାର୍ଯ୍ୟକ୍ରମ, ଯୁବଗୋଷ୍ଠୀ ଓ ଛାତ୍ର ସମାଜ ପାଇଁ ପ୍ରବନ୍ଧ, ସ୍ଲୋଗାନ୍ ରାଇଟିଙ୍ଗ, ୱାର୍କସପ୍ ଓ ସ୍ପୋର୍ଟସ୍ ଦିବସ ଆଦି ପାଳନ କରାଯିବ।

## ଚନ୍ଦ୍ରଭାଗା ସମୁଦ୍ରକୂଳ ସଫାକଲେ ଆମେରିକା ସିଟି ୟୁନିଭର୍ସିଟିର ଛାତ୍ରଛାତ୍ରୀ

**କୋଣାର୍କ,୮।୮/ଏନ୍ଏନ୍ଏସ୍:** ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଶା ବୁଲିଆସିଥିବା ସୁଦୂର ଆମେରିକାର ନିୟୁର୍କ ସିଟି ୟୁନିଭର୍ସିଟିର ଅଧ୍ୟକ୍ଷ ନୀଲ୍ ହଡସନ୍ ଫିଲିପ୍ଙ୍କ ସମେତ ୨୭ ଜଣରୁ ଊର୍ଦ୍ଧ୍ୱ ଉଚ୍ଚଶିକ୍ଷିତ ବିଦେଶୀ ଛାତ୍ରଛାତ୍ରୀ କିଟ୍ ୟୁନିଭର୍ସିଟି ସହଯୋଗରେ ଡକ୍ଟର ଦେବେନ୍ଦ୍ର କୁମାର ସାମଲଙ୍କ ନେତୃତ୍ୱରେ ଓଡ଼ିଶାର ସଂସ୍କୃତି,ଐତିହ୍ୟ ଓ ପଥରର ଚିତ୍ରକଳା ବିଭିନ୍ନ ସ୍ଥାନରେ ବୁଲି ଦେଖିବା ସହିତ କୋଣାର୍କ ପରିଭ୍ରମଣରେ ଆସି ସାମୁଦ୍ରିକ ଥାନା ଅଧୀନ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଥିବା ବିସ୍ତୀର୍ଣ୍ଣ ବେଳାଭୂମିର ସୌନ୍ଦର୍ଯ୍ୟର ଉପଭୋଗ କରିଛନ୍ତି। ଏହା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସୁରକ୍ଷିତ କରିବା ପାଇଁ ସମୁଦ୍ରକୂଳରେ ଜମି ରହିଥିବା ଅଳିଆ ଆବର୍ଜନା ସଫା କରିଛନ୍ତି। ଉଚ୍ଚଶିକ୍ଷିତ ବିଦେଶୀ ଯୁବ ଗୋଷ୍ଠୀଙ୍କର ଏପରି ମହାନୀୟ କାର୍ଯ୍ୟ ପାଇଁ ସାଧାରଣରେ ଖୁବ ପ୍ରଶଂସା କରାଯାଇଛି।

## ଷଣ୍ଢ ଆକ୍ରମଣରେ ୫ ଗୁରୁତର

**ଟାଙ୍ଗୀ,୮।୮/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟଠାରୁ କୋଟେଶ୍ୱର ମନ୍ଦିର, ହାଟ ଚଉରା ନିକଟରେ ଦୁଇ ଦିନ ହେବ ଏକ ଷଣ୍ଢର ଆକ୍ରମଣରେ ୫ ଜଣ ଗୁରୁତର ହୋଇଛନ୍ତି। ଏଥିପ୍ରତି ନା ବନ ବିଭାଗ ନା ପଶୁ ଅଧିକାରୀ ନା ପ୍ରଶାସନ କେହି ବି କାବୁ କରିବା ପାଇଁ ଚେଷ୍ଟା କରୁନାହାନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଷଣ୍ଢକୁ କିଛି ଦିନ ପୂର୍ବେ ଏକ କୁକୁର କାମୁଡ଼ିଥିଲା। ଯାହା ଫଳରେ ଷଣ୍ଢଟି ପାଗଳ ହୋଇ ଆକ୍ରମଣ କରୁଛି ବୋଲି ଅନୁମାନ କରାଯାଉଛି। ଗତକାଲି ସଂନ୍ଧ୍ୟାରେ ୪ ଜଣଙ୍କୁ ଆକ୍ରମଣ କରି ଗୁରୁତର କରିବା ସହ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଆଜି ସକାଳୁ ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଷଣ୍ଢ ପାଇଁ କୋଟେଶ୍ୱର ମନ୍ଦିର ରାସ୍ତାଠାରୁ ବ୍ଲକ ପର୍ଯ୍ୟନ୍ତ ଜନ ସାଧାରଣ ଯାତାୟାତ ନ କରି ପାରି ଘଣ୍ଟା ଘଣ୍ଟା କାଳ ଉଭୟ ପଟରେ ବାଇକ ଧରି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପାଗଳ ଷଣ୍ଢକୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇ ପ୍ରଶାସନର ସହ ଯୋଗ ଲୋଡ଼ିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ ଧରା ଛୁଆଁ ନ ଦେବାରୁ ଷଣ୍ଢଟି ଆତଙ୍କ ଖେଳାଇ ଚାଲିଛି। ତୁରନ୍ତ ପ୍ରଶାସନ ଷଣ୍ଢକୁ କାବୁ ନ କଲେ ଅନେକ ଜନସାଧାରଣ ଆହତ ହେବାର ସମ୍ଭାବନା ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବେଗୁନିଆ,୮।୮/ଏନ୍ଏନ୍ଏସ୍:** ଆଦର୍ଶ ଶିକ୍ଷାବିତ୍ ଓ ବଳିଷ୍ଠ ସଂଗଠକ ତଥା ଶିକ୍ଷକ ନେତା ସ୍ୱର୍ଗତ ଲିଙ୍ଗରାଜ ମହାପାତ୍ରଙ୍କ ଛତ୍ରପଡ଼ା ସ୍ଥିତ ଜନ୍ମମାଟିରେ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ସ୍ମରଣିକା ଅନନ୍ୟ ପ୍ରତିଭାର ଉନ୍ମୋଚନ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବୋତଲମା ପଞ୍ଚାୟତର ସମିତି ସଭ୍ୟ ଭରତ ଛୋଟରାୟ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ୍ତ କୁମାର ସାହୁ ମଞ୍ଚ ଉଦ୍‌ଘାଟନ ସହିତ ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ସମ୍ମାନିତ ଅତିଥି ଭାବେ ଡ଼ଃ ବନବିହାରୀ ମହାପାତ୍ର, ବେଗୁନିଆ ପୂର୍ବତନ ବିଇଓ ବିଷ୍ଣୁ ପ୍ରସାଦ ମିଶ୍ର, ନୟାଗଡ଼ର ପୂର୍ବତନ ଡିଆଇଇ ରଘୁନାଥ ଦଳବେହେରା, ଶିକ୍ଷକ ନେତା ବଟକୃଷ୍ଣ ପରିଡ଼ା, ଦେବରାଜ ପ୍ରଧାନ, ବୈକୁଣ୍ଠ ମହାରଣା, କବି ବଳରାମ ରଣସିଂହ, ଶିକ୍ଷକ ପ୍ରଫୁଲ୍ଲ ଦାସ, ଶିକ୍ଷକ ଶେଷଦେବ ଛୋଟରାୟ, ଶିକ୍ଷକ ଚକ୍ରଧର ମିଶ୍ର, ଶିକ୍ଷକ ବଳଭଦ୍ର ପାଟ୍ଟଶାଣୀ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ଶିକ୍ଷକ ଓ ସୁସାହିତ୍ୟକ ତଥା ସ୍ମରଣିକା ଅନନ୍ୟ ପ୍ରତିଭାର ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଯୋଗ ଦେଇ ମଙ୍ଗଳାଚରଣ ପାଠ ଓ ସଂଯୋଜନା କରିବା ସହିତ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳକଣ୍ଠ ମହାନ୍ତି, ରାଜକିଶୋର ସାହୁ, କିଶୋର ମହାରଥୀ, ଯୋଗିନାଥ ବଳିଆରସିଂହ, ଯୋଗୀନାଥ ଛୋଟରାୟ, କୈଳାସ ଚନ୍ଦ୍ର ତ୍ରିପାଠୀ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଜମ୍ୱେଶ୍ୱର ମଙ୍ଗରାଜ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୁତ୍ର ବିଜୟ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

# ଅକ୍ଟୋବର ୨୨ରୁ ଅଗ୍ନିବୀର ନିଯୁକ୍ତି ରାଲି




**ଖୋର୍ଦ୍ଧା,୮।୮/ଏନ୍ଏନ୍ଏସ୍:** ଆଜି ଅପରାହ୍ଣରେ ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟାଳୟ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆସନ୍ତା ଅକ୍ଟୋବର ୨୨ରୁ ୩୦ ତାରିଖରେ ଅଗ୍ନିବୀର ଅଧୀନ ସୈନ୍ୟ ବାହିନୀରେ ନିଯୁକ୍ତି ନିମନ୍ତେ ଶାରୀରିକ ଓ ମେଡିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଯେଉଁ ପ୍ରତିଯୋଗୀମାନେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ସେହି ଯୁବକମାନେ କେବଳ ଉକ୍ତ ରାଲିରେ ଯୋଗ ଦେଇପାରିବେ। ପ୍ରତିଯୋଗୀମାନଙ୍କର ଦୌଡ଼ ପରୀକ୍ଷା, ଶାରୀରିକ ପରୀକ୍ଷା ଏବଂ ପରେ ମେଡିକାଲ ପରୀକ୍ଷା କରାଯିବ। ଯେଉଁମାନେ ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ନିଯୁକ୍ତି ମିଳିବ। ଏହି ପରୀକ୍ଷା ସୈନ୍ୟବାହିନୀ ନିଯୁକ୍ତି ପରୀକ୍ଷା ଆର୍ମି ରିକ୍ରୁଟ୍‌ମେଣ୍ଟ୍ କାର୍ଯ୍ୟାଳୟ କଟକ କରାଇବେ। ଏହା ସମ୍ପୂର୍ଣ୍ଣ ଦକ୍ଷତା ଓ ପାରଦର୍ଶିତା ଭିତ୍ତିରେ ଅନୁଷ୍ଠିତ ହେବ। ଏଥିପାଇଁ କୌଣସି ଲାଞ୍ଚ ବା କାହା ପ୍ରରୋଚନାରେ ନିଯୁକ୍ତି ମିଳେ ନାହିଁ ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରକାଶ କରିବା ସହ କର୍ଣ୍ଣେଲ ପ୍ରସନ୍ନ, ଆର୍ମି ରିକ୍ରୁଟ୍‌ମେଣ୍ଟ୍ ଅଫିସ୍ ନିର୍ଦ୍ଦେଶକ, କଟକ ପ୍ରକାଶ କରିଛନ୍ତି। ଆସନ୍ତା ଅକ୍ଟୋବର ମାସରେ ହେବାକୁ ଥିବା ଏହି ସୈନ୍ୟବାହିନୀ ନିଯୁକ୍ତି ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବାରିକେଡ଼ିଂ, ଆଶୁ ଚିକିତ୍ସା ବ୍ୟବସ୍ଥା, ନିର୍ବାହୀ ମାଜିଷ୍ଟ୍ରେଟ ନିଯୁକ୍ତି, ବସ୍ ଯୋଗାଣ, ମାଇକ ବ୍ୟବସ୍ଥା, ସତର୍କ ସୂଚନା ହୋର୍ଡିଂ ଓ ବିଏମ୍‌ସି ପରିମଳ ଗାଡ଼ିରେ ଅଡିଓ ଜିଙ୍ଗିଲ ସୂଚନା ବଜାଇବା, ଆଇନଶୃଙ୍ଖଳା ପାଇଁ ପୁଲିସ ବ୍ୟବସ୍ଥା, ବିଜୁଳି ଯୋଗାଣ ଓ ଆଲୋକୀକରଣ, ଇଣ୍ଟରନେଟ୍ ସେବା, ପାନୀୟ ଜଳ, ବାୟୋଟୟେଲେଟ୍, ପଡ଼ିଆ ସଫାସୁତରା ଆଦି ବିଭିନ୍ନ କାର୍ଯ୍ୟ ସହଯୋଗ ଯୋଗାଇ ଦେବାକୁ ଶ୍ରୀ ବେଉରା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାୟୁକ୍ତ, ବିଏମ୍‌ସି, ରଶ୍ମିରେଖା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଡେପୁଟି କଲେକ୍ଟର, ସାଧାରଣ ଓ ବିବିଧ, ପ୍ରଧାନ ଟୁଲିଆମା, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଏସିପିଡିଆଇବି, ଭୁବନେଶ୍ୱର କମଳ ଲୋଚନ ଭୂୟାଁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅମରେନ୍ଦ୍ର ନାୟକ, ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ, ଭୁବନେଶ୍ୱର ଇଂ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ବାୟୁସେନା ଇଞ୍ଜିନିୟର୍‌ଙ୍କ ପରଲୋକ

**ଅସ୍ତରଙ୍ଗ,୮।୮/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ୍ ପାଟଳଦା ପଞ୍ଚାୟତର ସୁନ୍ଦର ଗ୍ରାମର ସ୍ୱରାଜ୍ୟ କୁମାର ସାହୁ (୩୫)ଙ୍କ ପରଲୋକ ହୋଇଯାଇଛି। ସେ ଭାରତୀୟ ବାୟୁ ସେନାର ଆଗ୍ରାଠାରେ ମେକାନିକାଲ ଇଞ୍ଜିନିୟର୍ ଭାବେ କାର୍ଯ୍ୟରତ ଥିଲେ। ସେ କାର୍ଯ୍ୟରତ ଥିବାବେଳେ କୌଣସି ଏକ ଦୁର୍ଘଟଣାରେ ତାଙ୍କର ଶରୀର ପୋଡ଼ିଯାଇଥିଲା। ସେ କିଛି ଦିନ ଦିଲ୍ଲୀରେ ସେନା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଥିଲେ। ଆଜି ତାଙ୍କର ପରଲୋକ ହୋଇଛି। ଆଜି ଆମେ ଜଣେ ଭାରତ ମା'ର ବୀର ପୁତ୍ରକୁ ହରାଇଛୁ ବୋଲି ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ କହିଛନ୍ତି। ଭଗବାନ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ତଥା ତାଙ୍କ ପରିବାରକୁ ପ୍ରଭୁ ଜଗନ୍ନାଥ ଶକ୍ତି ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶନିବାର ତାଙ୍କ ମରଶରୀର ପୈତୃକ ଗ୍ରାମ ସୁନ୍ଦରଠାରେ ପହଞ୍ଚିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

## ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ବିୟୋଗରେ ଶୋକ



**କଣ୍ଟିଲୋ,୮।୮/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଗଡ଼ର ରାଜା ତଥା ଓଡ଼ିଶା ବିଧାନସଭାର ପୂର୍ବତନ ମନ୍ତ୍ରୀ ଓ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ(୭୦) ଆଉ ଏହି ଦୁନିଆରେ ନାହାନ୍ତି। ସେ ଇହ ଧାମ ପରିତ୍ୟାଗ କରି ପରଲୋକକୁ ଗତ ବୁଧବାର ବିଳମ୍ବିତ ରାତିରେ ଗମନ କରିଥିବା ଖବର ପ୍ରଚାରିତ ହେବା ଫଳରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଯୋଗ୍ୟ ଯେ, ସେ ଦୀର୍ଘଦିନ ହେଲା ଅସୁସ୍ଥତା ଅନୁଭବ କରୁଥିବା ଯୋଗୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। କିନ୍ତୁ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଗତ ୧୫ ଦିନ ହେବ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ବେଳେ ଗତ ବୁଧବାର ବିଳମ୍ବିତ ରାତିରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ରାୟପୁରରୁ ପାଠପଢ଼ା ଶେଷ କରି ଖଣ୍ଡପଡ଼ା ଆସିବା ପରେ ପ୍ରଥମ ଥର ୧୯୮୦ରେ ନିର୍ବାଚନ ଜିତି ସ୍ୱାଧୀନପ୍ରାର୍ଥୀ ଭାବେ ଖଣ୍ଡପଡ଼ା ବିଧାୟକ ହେବା ପରେ ୧୯୮୫ରେ କଂଗ୍ରେସ ଦଳ ତରଫରୁ ବିଧାୟକ ଭାବେ ଜିତି ୧୯୮୯ ମସିହାରେ ହେମାନନ୍ଦ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ହୋଇ ଥିଲେ। ପୁଣି ୧୯୯୫ ମସିହାରେ କଂଗ୍ରେସ ଦଳରୁ ଖଣ୍ଡପଡ଼ା ବିଧାୟକ ଭାବେ ଜିତି ଓଡ଼ିଶା ବିଧାନସଭାର ଉପବାଚସ୍ପତି ହୋଇଥିଲେ। ଗତକାଲି ଗୁରୁବାର ତାଙ୍କର ମରଶରୀର ଖଣ୍ଡପଡ଼ା ରାଜବାଟୀରେ ପହଞ୍ଚିବା ପରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ସହିତ ଅନ୍ୟ ନିର୍ବାଚନ ମଣ୍ଡଳୀର ବହୁ ବିଧାୟକ, ସାଂସଦ, ମନ୍ତ୍ରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ସଭ୍ୟସଭ୍ୟା, ଉଭୟ ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟ, ଏନ୍‌ଏସି ଚେୟାରମ୍ୟାନ୍‌ଙ୍କ ସମେତ ବହୁ ମାନ୍ୟଗଣ୍ୟ ରାଜନୈତିକ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଦଳ ଗତ ବର୍ଣ୍ଣ ନିର୍ବିଶେଷରେ ହଜାର ହଜାର ସାଧାରଣ ଜନତା, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଫୋରମ୍‌ର କର୍ମକର୍ତ୍ତା ଓ ବିଭିନ୍ନ ସ୍ଥାନରୁ ରାଜପରିବାରର ସଦସ୍ୟମାନେ ତାଙ୍କର ପ୍ରିୟ ନେତାଙ୍କ ଶେଷ ଦର୍ଶନ କରିଥିଲେ। ରାଜ ପରିବାରର ପ୍ରତ୍ୟେକ ନୀତି ନିୟମ ଅନୁସାରେ ଆଜି ଶୁକ୍ରବାର ଖଣ୍ଡପଡ଼ା ଉମା ଦେଈଙ୍କ ନିକଟସ୍ଥ ରାଜ ପରିବାର ପାଇଁ ଉଦ୍ଦିଷ୍ଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମାପନ ହେବ ବୋଲି ଖବର ମିଳିଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ଚାରିଛକ,୮।୮/ଏନ୍ଏନ୍ଏସ୍:** ଚାରିଛକ-କାକଟପୁର ମୁଖ୍ୟ ରାସ୍ତାର ସାହୁପୋଖରୀ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇ ପ୍ରଥମେ ଚାରିଛକ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଚାରିଛକ ଥାନା ଅନ୍ତର୍ଗତ ଚୌରାଶୀ ଗ୍ରାମର ତ୍ରିଲୋଚନ ଦାଶ(୩୨) ଆଜି ପ୍ରାୟ ରାତ୍ର ସାଢ଼େ ୯ଟାରେ ଚାରିଛକ ବଜାରରୁ ପରିବା ନେଇ ଘରକୁ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ସହିତ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣାସ୍ଥଳରୁ ଯୁବକକୁ ଉଦ୍ଧାରକରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ଚାରିଛକ ଥାନା ଏଏସଆଇ ବୁଦ୍ଧୁରାମ ମୁର୍ମୁ ପହଞ୍ଚି ଯୁବକଙ୍କ ବାଇକଟିକୁ ଜବତ କରିବା ସହିତ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ବୟାଳିଶମୌଜା,୮।୮/ଏନ୍ଏନ୍ଏସ୍:** ୪୨ ମୌଜା ଥାନା ପକ୍ଷରୁ ଗଞ୍ଜେଇ ଚାଲାଣ ସମ୍ବନ୍ଧରେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଗତ ୭ ତାରିଖ ଶ୍ରୀରାମ ଆଦର୍ଶ ବିଦ୍ୟାଳୟ ନିକଟବର୍ତ୍ତୀ କାଠଯୋଡ଼ି ନଦୀ କୂଳ ଅଞ୍ଚଳରେ ଏକ ରେଡ୍ କରାଯାଇଥିଲା। ଏହି ରେଡ୍ ସମୟରେ ଦଧିବାମନପୁର ସାମଲ ସାହିର ସ୍ୱର୍ଗତ ଭାବଗ୍ରାହୀ ସାମଲଙ୍କ ପୁଅ ତ୍ରୈଲକ୍ୟ ସାମଲ(୪୫)ଙ୍କୁ ଗଞ୍ଜେଇ ବିକ୍ରୟ କରୁଥିବା ବେଳେ ଗିରଫ କରାଯାଇଥିଲା। ତାଙ୍କଠାରୁ ଏକ ଜରି ବ୍ୟାଗ୍‌ରେ ଥିବା ୨ କେଜି ୧୫୦ ଗ୍ରାମ ଗଞ୍ଜେଇ, ଏକ ଜିଓ ମୋବାଇଲ ଫୋନ୍ ଏବଂ ଏକ ସିଲ୍‌ଭର୍ ରଙ୍ଗର ଓଆର-୦୪ ଜେ-୭୩୮୪ ନମ୍ବର ଥିବା ହିରୋ ପ୍ରୋ ମୋଟରସାଇକେଲ ଜବତ ହୋଇଛି। ଏହି ସମ୍ବନ୍ଧରେ ୪୨ ମୌଜା ଥାନାରେ କେସ୍ ନମ୍ବର ୨୯୩/୨୫ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଯୋଗାଣରେ ବାଧକ, ଲୋକଙ୍କ ସମସ୍ୟା ବୁଝୁନାହାନ୍ତି ଯନ୍ତ୍ରୀ



**ଓଡ଼ଗାଁ,୮।୮/ଏନ୍ଏନ୍ଏସ୍:** ପ୍ରତିଦିନ କେଉଁଠି ନା କେଉଁଠି ବିଦ୍ୟୁତ୍ କାଟି ଲୋକଙ୍କୁ ହଇରାଣ କରାଯାଉଛି। ଏବେ ଲୋକଙ୍କ ସମସ୍ୟା ବୁଝିବାକୁ ବିଦ୍ୟୁତ୍ ବିଭାଗ ନାରାଜ ବୋଲି ପ୍ରଶ୍ନ ଉଠିଛି। ଦୁଇଦିନ ତଳେ ଜଣେ ଉପଭୋକ୍ତାଙ୍କୁ ଅଫିସ୍ କାର୍ଯ୍ୟାଳୟରେ ଦୁର୍ବ୍ୟବହାର କରି ବିଦ୍ୟୁତ୍ ଯନ୍ତ୍ରୀ ହଟହଟା ହୋଇଥିବାବେଳେ ଆଉ ଜଣେ ଗ୍ରାହକଙ୍କ ବର୍ଦ୍ଧିତ ଟଙ୍କା କାଟିବାକୁ କହି ଦୁଇ ବର୍ଷ ହେବ ଭୁତାଉଥିବା ଅଭିଯୋଗ ହୋଇଛି। ଓଡ଼ଗାଁ ବିଦ୍ୟୁତ୍ ଯନ୍ତ୍ରୀ ବିନୋଦ ମହାରଣାଙ୍କ ମନମାନିକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। କୈଳାସ ଚନ୍ଦ୍ର ଡ଼ାକୁଆ ଘରକୁ ବିଦ୍ୟୁତ୍ ଟାଣିବାକୁ ଯାଇ ଆକ୍ରୋଶର ଶିକାରହେବା ଘଟଣା ପଦାକୁ ଆସିଥିବାବେଳେ ସିନେମା ହଲ ଛକର ରମେଶ ଚନ୍ଦ୍ର ପାତ୍ରଙ୍କ ଉପରେ ହଜାର ହଜାର ଟଙ୍କା ବିଦ୍ୟୁତ୍ ଦେୟ ଲଦି ଦିଆଯାଇଛି। ମିଟର ତ୍ରୁଟି ଯୋଗୁ ତାଙ୍କର ଅଧିକଟଙ୍କା ଆସିବାପରେ ସେ ବିଦ୍ୟୁତ୍ କର୍ମଚାରୀଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାପରେ ମିଟର ବଦଳାଗଲା ଓ ଅଧିକ ଆସିଥିବା ଟଙ୍କା କଟାଯିବ ବୋଲି ଆଶ୍ୱାସନା ଦିଆଗଲା। ଏଥିପାଇଁ ସେ ୧୫ଥର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଦୌଡ଼ିଥିବା ପ୍ରକାଶ କରିଛନ୍ତି। କିନ୍ତୁ ଆଜିକାଲି କହି ତାଙ୍କକଥା କେହି ଶୁଣିନଥିବା ସେ ଅଭିଯୋଗ କରିଛନ୍ତି। ସେତିକି ନୁହଁ ସେ ନୟାଗଡ଼ ଏସଡ଼ିଓଙ୍କୁ ଦେଖାକରି ଆପତ୍ତି କରିଥିଲେ ମଧ କୌଣସି ଫଳ ମିଳିନଥିବାରୁ ଦୁଇଦିନ ତଳେ ଓଡ଼ଗାଁ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ପୁଣି ଅଭିଯୋଗ କରିବାପରେ ଯନ୍ତ୍ରୀ ନିରୂପାୟ ହୋଇ ୩ମାସ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ଅନେକ ଗ୍ରାହକଙ୍କୁ ବିଦ୍ୟୁତ୍ କର୍ମଚାରୀମାନେ ଅଣଦେଖା କରୁଥିବାରୁ ଗ୍ରାହକମାନେ ବିଜୁଳି ଯନ୍ତ୍ରଣାରେ କଳବଳ ହେଉଛନ୍ତି। କେବଳ ଗ୍ରାହକଙ୍କ ସମସ୍ୟା ହେଉଛି ତାହା ନୁହଁ ଦୈନିକ ବିଭିନ୍ନ ସ୍ଥାନରେ ଲାଇନ୍ କାଟି ଦିଆଯାଉଛି। ସନ୍ଧ୍ୟାହେଲେ ଆଦିବାସୀ ଅଧ୍ୟୁଷିତ ବାଣପୁର ପଞ୍ଚାୟତ ଅନ୍ଧକାରମୟ ହୋଇପଡୁଛି। ହାତୀ ଉପଦ୍ରବ ଯୋଗୁ ଲାଇନ୍ କାଟି ଦିଆଯାଉଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଓହଳି ପଡ଼ିବାରୁ ଏଭଳି ସମସ୍ୟା ଉପୁଜିଛି। କେବେ ବିଦ୍ୟୁତ୍ ତାର ମରାମତି କରାଯିବ ଓ ବିଦ୍ୟୁତ୍ ଯୋଗାଣରେ ସ୍ୱଚ୍ଛତା ଆସିବ ତାକୁ ଦେଖିବାକୁ ବାକି ରହିଛି। ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ପାଇଁ ସାଧାରଣ ଲୋକେ ହଇରାଣ ହେଉଥିବା ଗ୍ରାହକମାନେ କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଜ୍ଞାନବିଜ୍ଞାନ ମେଳା



**କଣ୍ଟାପଡ଼ା,୮।୮/ଏନ୍ଏନ୍ଏସ୍:** କଣ୍ଟାପଡ଼ା ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରର ମୁଖ୍ୟଅତିଥି, ବିଚାରକ ଓ ବୁଦ୍ଧିଜୀବମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରେ ଶିଶୁ ବିଜ୍ଞାନୀମାନେ ସେମାନେ ନିଜନିଜର ବର୍ତ୍ତମାନର ଅତ୍ୟାଧୁନିକ ଜ୍ଞାନ କୌଶଳ ସମ୍ପନ୍ନ ବୈଜ୍ଞାନିକ ଜ୍ଞାନକୌଶଳ ମାନ ପ୍ରଦର୍ଶିତ କରିଥିଲେ। ମେଳାରେ ମୁଖ୍ୟଅତିଥି ଭାବେ ପ୍ରାଚୀ ଏକାଡେମୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଅଜୟ କୁମାର ପାତ୍ର, ମୁଖ୍ୟ ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ସୁବୋଧ କୁମାର ଜେନା, ବିଦ୍ୟାଳୟର ସମ୍ପାଦକ ଡାକ୍ତର ଶ୍ରୀକାନ୍ତ ମହାନ୍ତି, ବିଦ୍ୟାଳୟର ହିତୈଷୀ ତଥା ପ୍ରାକ୍ତନ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମୁଦୁଲି, ବିଦ୍ୟାଳୟର ପ୍ରାକ୍ତନ ସଭାପତି ଶିକ୍ଷାବିତ୍ ଦିଗମ୍ବର ଭୋଳ, ପ୍ରାକ୍ତନ ସମ୍ପାଦକ ଉମାକାନ୍ତ କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲାବେଳେ କାର୍ଯ୍ୟନିର୍ବାହୀ ନିହାର ରଞ୍ଜନ ନାୟକ ଓ ବିଦ୍ୟାଳୟରେ ଗୁରୁଜୀଗୁରୁମା ସମସ୍ତ କାର୍ଯ୍ୟ ସୁପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବନ୍ଧୁକ କାରବାରରେ ସମ୍ପୃକ୍ତ ଯୁବକଙ୍କୁ ଉଠାଇନେଲା ପୁଲିସ

**ଦଶପଲ୍ଲା,୮।୮/ଏନ୍ଏନ୍ଏସ୍:** ବନ୍ଧୁକ କାରବାରରେ ସମ୍ପୃକ୍ତ ଜଣେ ଯୁବକକୁ ଉଠାଇନେଇଛି ଗଞ୍ଜାମ ଜିଲ୍ଲା ତାରସିଂ ପୁଲିସ। ଯୁବକଙ୍କ ନାମ ଅଜୁ ବିଶୋଇ। ତାଙ୍କ ଘର ଶିମିଳିସାହି ପଞ୍ଚାୟତରେ। ଅଜୁ ଏକ କ୍ରସର୍‌ରେ କାମ କରୁଥିବା ବେଳେ ତାର ସାଙ୍ଗ ଭଗବାନ ଆରୁଖଙ୍କ ସହ ଯାଉଥିବା ବେଳେ ସାଧାପୋଷାକରେ ଏକ ବୋଲେରୋରେ ତାରସିଂ ଥାନା ପୁଲିସ ଆସି ତାଙ୍କୁ ଉଠାଇ ନେଇଥିଲା। ମାତ୍ର ଅଜୁ କିମ୍ବା ତାର ସାଙ୍ଗ ଭଗବାନ ସେମାନେ ପୁଲିସ ବୋଲି ଜାଣିପାରି ନଥିଲେ। ଅଜୁକୁ ପୁଲିସ ଉଠାଇନେବା ପରେ ତାର ସାଙ୍ଗ ଭଗବାନ ଅଜୁକୁ ଅପହରଣ କରି ନେଇଯାଇଛନ୍ତି ବୋଲି ତାଙ୍କ ଘରେ ଜଣାଇବା ପରେ ଅଜୁଙ୍କ ପରିବାର ପକ୍ଷରୁ ଦଶପଲ୍ଲା ଥାନାରେ ଅଭିଯୋଗ କରାଯାଇଥିଲା। ପରେ ପୁଲିସ ପକ୍ଷରୁ ତଦନ୍ତ କରାଯାଇଥିବା ବେଳେ ଶେଷରେ ଅଜୁ ଏକ ବନ୍ଧୁକ କାରବାରରେ ସମ୍ପୃକ୍ତ ଥିବାରୁ ତାରସିଂ ପୁଲିସ ତାଙ୍କୁ ଉଠାଇ ନେଇଥିବା ଜଣାପଡ଼ିଥିଲା।

## ଅନ୍‌ଲାଇନ୍ ମୋଡ୍‌ରେ ହେବ ଓଏସ୍‌ଏଲ୍‌ଏ ନିର୍ବାଚନ

**ଖୋର୍ଦ୍ଧା,୮।୮/ଏନ୍ଏନ୍ଏସ୍:** ଓଡ଼ିଶା ଷ୍ଟେଟ୍ ଲେକଚର୍ସ' ଆସୋସିଏସନ୍ (ଓଏସ୍‌ଏଲ୍‌ଏ)ର ନିର୍ବାଚନ ୧୦ ତାରିଖ ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଆୟୋଜିତ ହେବ। ଏହିଥର, ରାଜ୍ୟର ଇତିହାସରେ ପ୍ରଥମଥର ପୂରା ଅନଲାଇନ୍ ମୋଡ୍‌ରେ ଏହା ହେବ। ଏହି ନୂଆ ପଦକ୍ଷେପରେ ଭୌଗୋଳିକ ସୀମାବଦ୍ଧତା ଦୂର ହେବ। ରାଜ୍ୟ ଓ ରାଜ୍ୟ ବାହାରେ ରହୁଥିବା ସଦସ୍ୟମାନେ ମଧ୍ୟ ସୁବିଧାରେ ଭୋଟ୍ ପକାଇପାରିବେ। ସଭାପତି, ଉପସଭାପତି, ସାଧାରଣ ସଚିବ, ଯୁକ୍ତ ସଚିବ, କୋଷାଧ୍ୟକ୍ଷ ଓ ଯୁକ୍ତ କୋଷାଧ୍ୟକ୍ଷ-ଏହି ୬ଟି ପଦବୀ ପାଇଁ ଭୋଟ୍ ହେବ। ନିର୍ବାଚନ କମିଟି ସୁରକ୍ଷିତ, ପାରଦର୍ଶୀ ଓ ସୁବ୍ୟବସ୍ଥିତ ଭୋଟିଂ ପାଇଁ ପୂରା ପ୍ରସ୍ତୁତି ନେଇଛି। ଏହାର ଫଳାଫଳ ସେହିଦିନ ପ୍ରକାଶ କରାଯିବ।

## ଆନ୍ଦୋଳନ ପରେ ମିଳିଲା ପ୍ରତିଶ୍ରୁତି, ଖୋଲିବ ମଣ୍ଡି



**ଦଶପଲ୍ଲା,୮।୮/ଏନ୍ଏନ୍ଏସ୍:** ଧାନ ମଣ୍ଡି ଖୋଲିବା ଦାବିରେ ଗତ ତିନିଦିନ ଧରି ଆନ୍ଦୋଳନ ସହ ଧାରଣାରେ ବସିଥିବା ଚାଷୀମାନେ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଓ ଜିଲ୍ଲା ସମବାୟ ରେଜିଷ୍ଟ୍ରାର ଅନନ୍ତ କୁମାର ନାଏକଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ନିବୃତ୍ତ ରହିଛନ୍ତି। ଶୁକ୍ରବାର ଉଭୟ ଅଧିକାରୀ ଚାଷୀଙ୍କ ଧାରଣା ସ୍ଥଳରେ ପହଞ୍ଚି ଖୁବ୍ ଶୀଘ୍ର ଜଳେଶ୍ୱର ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲାଯାଇ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ ବୋଲି ଆନ୍ଦୋଳନରତ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ସଭାପତି ବନବିହାରି ମୁଦୁଲିଙ୍କ ପରାମର୍ଶକ୍ରମେ ଚାଷୀମାନେ ଆନ୍ଦୋଳନରୁ ନିବୃତ୍ତ ରହିଥିଲେ। ପ୍ରକାଶ ଯେ ଦଶପଲ୍ଲା ବ୍ଲକ ଡିହଗାଓଁଠାରେ ଥିବା ଜଳେଶ୍ୱର ସେବା ସମବାୟ ସମିତିରେ ୪୫୦ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜିକୃତ କରିଛନ୍ତି। ପୂର୍ବରୁ ଏହି ସମିତି ରେ ମଣ୍ଡି ଖୋଲାଯାଇ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯାଉଥିବା ବେଳେ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଏଠାରେ ଅନିୟମିତତା ହୋଇଥିବା ଦର୍ଶାଇ ଏହାକୁ ବନ୍ଦ କରି ଦିଆଯାଇଥିଲା। ଏହା ପରେ ମଣ୍ଡି ବନ୍ଦ କରାଯାଇ ଚାଷୀଙ୍କଠାରୁ ଧାନ କିଣା ଗଲା ନାହିଁ। ଫଳରେ ଚାଷୀମାନେ ନାନା ହଇରାଣର ସମ୍ମୁଖୀନ ହୋଇଥିଲେ। ପରେ ଚାଷୀମାନଙ୍କଠାରୁ ଧାନ କ୍ରୟ ପାଇଁ ଦଶପଲ୍ଲା କୁଞ୍ଜବନଗଡ଼ ସ୍ଥିତ ମହାବୀର ସମବାୟ ସମିତିକୁ ଦାୟିତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ସିମିଳିସାହି ସେବା ସମବାୟ ସମିତିକୁ ଦାୟିତ୍ୱ ଦିଆଯାଇଛି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଚାଷୀମାନେ ଧାନ ମଣ୍ଡି ଖୋଲିବା ପାଇଁ ଆନ୍ଦୋଳନ କରିଛନ୍ତି। ଜଳେଶ୍ୱର ସେବା ସମବାୟ ସମିତି ସଭାପତି ବନବିହାରି ମୁଦୁଲିଙ୍କ ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଦଶପଲ୍ଲା ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ କେବେ ଏହି ଧାନମଣ୍ଡି ଖୋଲୁଛି ଏବଂ ଚାଷୀଙ୍କଠାରୁ ଧାନ କିଣା ଯାଉଛି ତାହା ଦେଖିବାକୁ ବାକି ରହିଲା।

## ବଡିକେୟାରର ବନ୍ଧୁତ୍ୱପୂର୍ଣ୍ଣ ଡିଲର୍ ମିଟ୍



**ଖୋର୍ଦ୍ଧା,୮।୮/ଏନ୍ଏନ୍ଏସ୍:** ଆମ ଦୈନନ୍ଦିନ ଜୀବନରେ ଯେଉଁ ତିନିଟି ଜିନିଷର ଅତ୍ୟନ୍ତ ଆବଶ୍ୟକତା ରହିଛି ତନ୍ମଧ୍ୟରୁ ପୋଷାକ ଅତ୍ୟନ୍ତ ଜରୁରୀ। ବର୍ତ୍ତମାନ ସମୟରେ ବାହାର ପିନ୍ଧା ପୋଷାକ ଏକ ପ୍ରକାର ଅଭିଜାତ୍ୟ ଭାବେ ବ୍ୟବହାର କରାଯାଉଥିବା ବେଳେ ଅନ୍ତବସ୍ତ୍ର ଆରାମ ଦାୟକ ହେବା ଜରୁରୀ ମନେ କରୁଛନ୍ତି ଗ୍ରାହକ। ବେଳେ ବେଳେ ଏପରିକି ବାହାର ପିନ୍ଧା ବସ୍ତ୍ର ଯେମିତି ବି ହେଉନା କାହିଁକି ଅନ୍ତବସ୍ତ୍ର ନିଶ୍ଚିତ ଭାବେ ଆରାମ ଦାୟକ ହୋଇଥିବା ଜରୁରୀ। ସେହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ବଡିକେୟାର କ୍ରିଏସନ୍ସ ପ୍ରାଇଭେଟ ଲିମିଟେଡ଼ର ବନ୍ଧୁତ୍ୱପୂର୍ଣ୍ଣ ଡିଲର ମିଟ୍ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୫୦ ଡିଲରଙ୍କ ସମାଗମରେ ବଡିକେୟାରର ଏକ ମେଳା ହୋଇଥିଲା। ଏହି ମେଳାରେ ବଡ଼ିକେୟାରର ମାର୍କେଟିଙ୍ଗ ଏବଂ ସେଲ୍ସ ମୁଖ୍ୟ ହେମନ୍ତ କୁମାର ଜୟଶ୍ୱାଲ, ଦିଲ୍ଲୀ ଯୋଗଦେଇଥିଲେ। ତାଙ୍କ ସହିତ ଏରିଆ ସେଲ୍ସ ମ୍ୟାନେଜର୍ ବିନୟ ପାଣ୍ଡେ, ସିନିଅର ସେଲ୍ସ ଦୀନେଶ ଖେମାନୀ, ସଞ୍ଜୟ ଅଗ୍ରୱାଲ, ଅଭିଷେକ ଦୁବେ ଓ ବିଶ୍ୱନାଥ ଦାଶଙ୍କ ସମେତ ଅନ୍ୟାନ୍ୟ ସହକର୍ମୀ ଯୋଗଦେଇଥିଲେ। ବଡ଼ିକେୟାର ବ୍ରାଣ୍ଡର ବ୍ରା, ପ୍ୟାଣ୍ଟି, ସେମିଜ୍, ଲଞ୍ଜ ୱିଅର ଇତ୍ୟାଦିର ପ୍ରାୟ ୬ ଶହ ପ୍ରକାରର ଆରାମଦାୟକ ଅନ୍ତବସ୍ତ୍ରର ମେଳା ଲାଗିଥିଲା। ଡିଲରମାନଙ୍କୁ ଆକୃଷ୍ଟ କରିବା ଏବଂ ବଡ଼ିକେୟାର କମ୍ପାନୀ ସହିତ ଯୋଡି ହୋଇ ରହିବା ପାଇଁ ବିଭିନ୍ନ ପ୍ରକାରର ଲକି ଡ୍ର କରାଯାଇଥିଲା। ଏହା ଦ୍ୱାରା ଅନେକ ଡିଲର ଆକୃଷ୍ଟ ହୋଇଥିଲେ ଏବଂ ବଡ଼ିକେୟାର ଦ୍ୱାରା ସେମାନେ ଯାହା ଲାଭବାନ ହେଉଛନ୍ତି ସେ ବିଷୟରେ ନିଜର ମତ ରଖିଥିଲେ। ଶେଷରେ ସମସ୍ତ ଡିଲରଙ୍କୁ ଧନ୍ୟବାଦ ଜଣାଇବା ସହିତ ବଡ଼ିକେୟାର ସାଙ୍ଗରେ ଯୋଡ଼ି ହୋଇ ରହିବାକୁ ହେମନ୍ତ କୁମାର ଜଇଶ୍ୱାଳ କହିଥିଲେ।

**ନିତି ଭାରତୀ** | ଅବସରକୁ ଭଲ ପାଅ ନାହିଁ। ଗୋଟିଏ ମିନିଟ୍ ମଧ ସମୟ ନଷ୍ଟ କରନାହିଁ। ସାହସୀ ହୁଅ, ସତ୍ୟକୁ ଅନୁଭବ କର। - ସ୍ୱାମୀ ଶିବାନନ୍ଦ

NITIDIN ନିତିଦିନ
ଶନିବାର, ୯ ଅଗଷ୍ଟ, ୨୦୨୫

# ଶୂନ୍ୟତାର ଭିଡ଼ରେ ରକ୍ଷା ବନ୍ଧନ



ଅନ୍ତର୍ଜିତା ନାୟକ

ଭାରତ ଭଳି ଏକ ରାଷ୍ଟ୍ରରେ ପର୍ବପର୍ବାଣି କେବଳ ଏକ ରୀତିନୀତି ବା ପରମ୍ପରା ନୁହେଁ, ବରଂ ମାନବିକତା, ଭାବପ୍ରବଣତା, ଅମ୍ତୀୟତା ଏବଂ ସାଂସ୍କୃତିକ ଧାରାବାହିକତାର ଏକ ଜୀବନ୍ତ ପ୍ରତିମୂର୍ତ୍ତି। ସେଇ ପୃଷ୍ଠଭୂମିରେ ରକ୍ଷା ବନ୍ଧନ ବା ରାକ୍ଷୀ, ଭ୍ରାତୃତ୍ୱ ଓ ଭଗିନୀତ୍ୱର ଶାନ୍ତ, ଶ୍ରଦ୍ଧା ଓ ସମ୍ମାନର ଏକ ସୂକ୍ଷ୍ମ ସମ୍ପର୍କ ଧାରଣ କରେ। ରାକ୍ଷୀ ପାଳନ ଯେ ହାତରେ କେବଳ ଏକ ସୁନ୍ଦର ରାକ୍ଷୀ ବାନ୍ଧିବା ବା ବଦଳରେ ଏକ ଲୋଭନୀୟ ଉପହାର ପାଇବା, ତାହା ନୁହେଁ, ବରଂ ଏହା ହେଉଛି ପ୍ରତିଶ୍ରୁତିର ସୂତାରେ ବୁଣା ଯାଇଥିବା ଏକ ସୁରକ୍ଷା କବଚ, ଯାହା ଭାଇ ଓ ଭଉଣୀଙ୍କୁ ସ୍ନେହ, ସମ୍ମାନ ଓ ସ୍ମୃତିର ଏକ ନିଆରା, ନିର୍ଭୟ ଓ ନିର୍ମଳ ବନ୍ଧନରେ ବାନ୍ଧିଥାଏ। କିନ୍ତୁ ସାମ୍ପ୍ରତିକ ଦଶନ୍ଧିରେ ସେହି ସୂତ୍ରଟି ବିଚ୍ଛୁରିତ ହେଉଥିବା ମନେ ହେଉଛି। ମନେ ହେଉଛି ଯେମିତି ସୁରକ୍ଷା ପ୍ରଦାନ କରୁଥିବା ରାକ୍ଷୀ ଆଜି ଏକ ଅସୁରକ୍ଷିତ ମୋଡ଼ରେ। ଭାରତର ପାରିବାରିକ ସଂରଚନାର ରୂପାନ୍ତର ଏକ ସୂକ୍ଷ୍ମ ବ୍ୟତିକ୍ରମରେ ପ୍ରଭାବିତ ଆଜି ରାକ୍ଷୀ। ଯେହେତୁ ଦେଶ ସହରୀକରଣ, ଉପଭୋକ୍ତାବାଦ ଏବଂ ସର୍ବନିମ୍ନବାଦ ଆଡ଼କୁ ଢଳି ଚାଲିଛି, ଯାହା ନିରବ ସାଂସ୍କୃତିକ ଅବକ୍ଷୟକୁ ମଧ ସାଙ୍ଗରେ ନିମନ୍ତ୍ରଣ ଦେଉଛି, ଫଳ ସ୍ୱରୂପ, ଏକକ ପରିବାର ପ୍ରତି ବ୍ୟାପକ ପରିବର୍ତ୍ତନ, ବିଳମ୍ବରେ ବିବାହ, ଏବଂ ଏକକ-ଶିଶୁ ପାଇଁ ବର୍ଦ୍ଧିତ ପସନ୍ଦ ବହୁଳ ମାତ୍ରାରେ ଦେଖା ଦେଉଛି। ଏହି ଜନସାଂଖ୍ୟିକୀୟ ପରିବର୍ତ୍ତନ ମଧରେ ଭାଇ-ଭଉଣୀ ସମ୍ପର୍କ, ରାକ୍ଷୀର ମାହାତ୍ମ୍ୟ ବିରଳ ହେବାରେ ଲାଗିଛି। ଏହା କେବଳ ଏକ ସାମାଜିକ ଅବକ୍ଷୟ ନୁହେଁ, ବରଂ ଏକ ସାଂସ୍କୃତିକ ଏବଂ ସଭ୍ୟତାଗତ ବିପର୍ଯ୍ୟୟ କହିଲେ ଅତ୍ୟୁକ୍ତି ହେବନାହିଁ।

ଆଜିକା ସମୟରେ ରାକ୍ଷୀ ପାଳନ କରିବା ପୂର୍ବରୁ ଏକ ପ୍ରଶ୍ନ ଉଠେ ଯେ ରାକ୍ଷୀ କିଏ କାହାକୁ ବାନ୍ଧିବ? ରାକ୍ଷୀ ବନ୍ଧେଇବାକୁ ଭାଇ ନାହାନ୍ତି କି ରାକ୍ଷୀ ବାନ୍ଧିବାକୁ ଭଉଣୀ ନାହାନ୍ତି! ରାକ୍ଷୀ ଭଳି ପବିତ୍ର ତିଥିରେ ନଜର ବୁଲାଇ ଦେଖନ୍ତୁ, ଖାଁ-ଖାଁ ଲାଗିବ ରାକ୍ଷୀ ଦୋକାନ। ରାକ୍ଷୀ ଦୋକାନରେ ଜମୁନାହିଁ ଆଉ ଝିଅଙ୍କ ଭିଡ଼। ଡାକଘର ଆଗରେ ଲାଗୁନାହିଁ ଆଉ ଲମ୍ବା ଲାଇନ୍। ଦିନ ଥିଲା, ଯେବେ ଡାକବାଲା ରାକ୍ଷୀ ବାଣ୍ଟି ବାଣ୍ଟି ଥକି ଯାଉଥିଲା। ଆଜି ଆଉ ନାହିଁ ଡାକବାଲାର ଅପେକ୍ଷା କି ସେଇ ରାକ୍ଷୀର ଅପେକ୍ଷା। ଆଜିକାଲି ପରିବାରରେ ପୁଅ ଥିଲେ ଝିଅ ନଥିବ ବା ଝିଅ ଥିଲେ ପୁଅ ନଥିବ। ଭାଇ ଭଉଣୀଙ୍କ ଅଭାବରେ ଆଜି ରାକ୍ଷୀ ଭଳି ଏକ ପର୍ବ ଶୂନ୍ୟତା ମଧରେ ଅଣନିଃଶ୍ୱାସୀ। ଆର୍ଥିକ ପ୍ରତିବନ୍ଧକ, କ୍ୟାରିଅର ପ୍ରାଥମିକତା, କିମ୍ବା ଆନୁଷଙ୍ଗିକ ଦାୟିତ୍ୱର ଚାପରେ ସନ୍ତାନ ଜନ୍ମ କରିବା ବା ତା'ର ଲାଳନପାଳନ କରିବା ଏକ ବୋଝ ସହ ସମାନ। ବହୁତ କଷ୍ଟରେ ଗୋଟିଏ ଛୁଆ ହୋଇଗଲେ ପରିବାର ସମ୍ପୂର୍ଣ୍ଣ ବୋଲି ଅନେକଙ୍କର ଚିନ୍ତାଧାରା ହୋଇ ଗଲାଣି। ସେଇ ଗମ୍ଭୀର ବିବର୍ତ୍ତନର ଶିକାର ଆଜି ରାକ୍ଷୀ। ଭାରତର ଜନଗଣନା ଅନୁଯାୟୀ, ପ୍ରଜନନ ହାରରେ ତୀବ୍ର ହ୍ରାସ ଘଟିଛି। ବେଙ୍ଗାଲୁରୁ, ମୁମ୍ବାଇ ଏବଂ ଦିଲ୍ଲୀ ଭଳି ସହରରେ ଦ୍ୱୈତ ଆୟ କରୁଥିବା ଦମ୍ପତିଙ୍କ ମଧରେ ଗୋଟିଏ ସନ୍ତାନ କରିବା କିମ୍ବା ପିତାମାତା ହେବାରେ ବିଳମ୍ବ ବା ସମ୍ପୂର୍ଣ୍ଣ ଅନିଚ୍ଛା ବୃଦ୍ଧି ପାଇବାରେ ଲାଗିଛି। ଏହି ମନୋବୃତ୍ତି ଧୀରେ ଧୀରେ ଆମ ପରମ୍ପରାର ତାଳକୁ ବେତାଳ କରୁଛି। ଆଗରୁ ସମ୍ପର୍କୀୟମାନେ ନିଜର ଭାଇ ଭଉଣୀ ଭଳି ଥିଲେ ଓ ପଡ଼ୋଶୀମାନେ ପରିବାର ଭଳି। ପ୍ରତ୍ୟେକ ଉତ୍ସବରେ ଏକ ସାମ୍ପ୍ରଦାୟିକ ହୃତ୍ସ୍ପନ୍ଦନ ଥିଲା। ହେଲେ ଆଜି, ଗେଟେଡ୍ ଆପାର୍ଟମେଣ୍ଟ, ଡିଜିଟାଲ୍ ଆସକ୍ତି, କୃତ୍ରିମ ବୁଦ୍ଧିମତ୍ତା ନିୟନ୍ତ୍ରିତ ଜୀବନ ଏବଂ ସପ୍ତାହାନ୍ତ ଅଭିଭାବକତ୍ୱ ଯୁଗରେ ରାକ୍ଷୀ ଭଳି



ପର୍ବ ନିଜର ଜୀବନ୍ତତା ବଜାୟ ରଖିବା ପାଇଁ ସଂଘର୍ଷ କରୁଛି। ବନ୍ଧନର ଅନୁପସ୍ଥିତିରେ, ପର୍ବଟି ଏକ ସହଭାଗୀ ଉତ୍ସବ ପରିବର୍ତ୍ତେ ଏକ ଏକାକୀ ପ୍ରଦର୍ଶନରେ ପରିଣତ ହୋଇ ଚାଲିଛି।

ରାକ୍ଷୀ ଏକ ପବିତ୍ର ବନ୍ଧନ, ଯାହା ଭାଇ ଏବଂ ଭଉଣୀଙ୍କୁ ସୁରକ୍ଷା, ସ୍ନେହ ଏବଂ ସ୍ମୃତିର ଏକ ଆଜୀବନ ବନ୍ଧନରେ ବାନ୍ଧିଥାଏ। କିନ୍ତୁ ବଦଳୁ ଥିବା ସମୟରେ, ସେହି ସୂତ୍ରଟି ଯେ କେବଳ ସଙ୍କୁଚିତ ହେଉଥିବା ପାରିବାରିକ ଢାଞ୍ଚାର ଚାପରେ ପ୍ରଭାବିତ, ତାହା ନୁହେଁ, ବରଂ ଝିଅମାନଙ୍କ ବିରୁଦ୍ଧରେ ନୈତିକ ଅବକ୍ଷୟ ଏବଂ ହିଂସାର ଜୁଆରରେ ମଧ ନଷ୍ଟ ହେବାରେ ଲାଗିଛି। ମହିଳାମାନଙ୍କ ପ୍ରତି କ୍ରୁରତାର କ୍ରମବର୍ଦ୍ଧିଷ୍ଣୁ ଘଟଣା ସହିତ ରକ୍ଷା ବନ୍ଧନର ନୈତିକ କର୍ତ୍ତୃତ୍ୱ ଉପରେ ପ୍ରଶ୍ନ ଉଠୁଛି। ଯେଉଁ ସମାଜରେ ମହିଳା ଏବଂ ଝିଅମାନେ ନିର୍ଯାତନାର ଶିକାର ହେଉଛନ୍ତି, ସେଠାରେ ସୁରକ୍ଷାର ସୂତ୍ର ରକ୍ଷା ବନ୍ଧନର ମୂଲ୍ୟ କ'ଣ ରହିଛି? ରକ୍ଷା ବନ୍ଧନ କେବଳ ରୀତିନୀତି ବା ଏକ ପର୍ବ ପାଳନର କଥା ନୁହେଁ, ବରଂ ମହିଳାମାନଙ୍କ ପାଇଁ ସୁରକ୍ଷା ଏବଂ ମର୍ଯ୍ୟାଦାର ଏକ ପ୍ରତିଶ୍ରୁତି। କିନ୍ତୁ ବାଲେଶ୍ୱର ବା ବଳଙ୍ଗା ଭଳି ନୃଶଂସ ଘଟଣା ଏକ ଭୟଙ୍କର ଅସଙ୍ଗତି ସୃଷ୍ଟି କରୁଛି। ଯେତେବେଳେ ଆମ ଝିଅମାନେ ସେମାନଙ୍କ ବିଦ୍ୟାଳୟ, ଗାଁ କିମ୍ବା ଏପରିକି ଘରେ ସୁରକ୍ଷିତ ନୁହନ୍ତି, ସେତେବେଳେ ରାକ୍ଷୀର ଅର୍ଥ କ'ଣ? ଯେତେବେଳେ ସମାଜ ନିଜ ଝିଅମାନଙ୍କୁ ବିଫଳ କରି ଚାଲିଛି, ସେତେବେଳେ ସୁରକ୍ଷାତ୍ମକ ଭାଇଚାରା କେଉଁଠି ଅଛି? ଏଭଳି ପରିସ୍ଥିତିରେ ନୈତିକ ଶୂନ୍ୟସ୍ଥାନ ବୃଦ୍ଧି ପାଉଥିବା ବେଳେ ରାକ୍ଷୀ ବାନ୍ଧିବା ବା ରକ୍ଷା ବନ୍ଧନ କେବଳ ଏକ ପ୍ରତୀକାତ୍ମକ ଶୈଳୀ ଭାବେ ଉଭା, ଯାହା ଆଜି ନିଷ୍କ୍ରିୟ, ନିରବ ଓ ନିର୍ଜୀବ। ଭାଇ ହାତରେ ଭଉଣୀଟିର ରାକ୍ଷୀ ବାନ୍ଧିବା ଯେ କେବଳ ଭାଇଠାରୁ ସୁରକ୍ଷାର ଏକ ପ୍ରତିଶ୍ରୁତି, ତାହା ନୁହେଁ, ବରଂ ଭଉଣୀ ପାଖରୁ ଭାଇ ପ୍ରତି ସମ୍ମାନ, ଶ୍ରଦ୍ଧା, ଓ ଭଲ ପାଇବାର ଆବେଗ ମଧ ଅନ୍ତର୍ଭୁକ୍ତ। ହେଲେ ଭୌତିକବାଦୀ ଏଇ ଦୁନିଆରେ ଭଉଣୀ ଆଜି ଭାଇର ନୁହେଁ। ଦିନ ଥିଲା ମା'-ବାପାଙ୍କ ଅନ୍ତେ ଭାଇ ହୁଏ ଭଉଣୀର ସାହସ। ହେଲେ ଆଜି ସେଇ ଭାଇ କିଛି ସ୍ୱାର୍ଥପର ଓ ଅବିବେକୀ ଭଉଣୀଙ୍କ ଲାଗି ବାଧକ ସ୍ୱରୂପ। ପୈତୃକ ସମ୍ପତ୍ତି ପ୍ରତି ଲୋଭ ବା ଭାଇ ପ୍ରତି ଈର୍ଷା ମନୋଭାବ ଭଳି ହୀନ ମାନସିକତା ହେତୁ ଭଉଣୀ ଆଜି ଭାଇକୁ ନିଜର କରିପାରୁ ନାହିଁ। ତ୍ୟାଗ ଓ ଭଲ ପାଇବାର ମାଳାରେ ଭାଇର ମନକୁ ଆଉ ଗୁନ୍ଥି ପାରୁନାହିଁ ଭଉଣୀ। ଆଜି ଭାଇକୁ ରାକ୍ଷୀ ବାନ୍ଧିବାର ମାନେ କେବଳ ଭାଇଠାରୁ ଅର୍ଥ ଝଡ଼େଇବା ବା ଦାମିକିଆ ଉପହାର ସଂଗ୍ରହ କରିବା ଭଳି ଘୃଣ୍ୟ ମାନସିକତାରେ ଆବଦ୍ଧ। ଆଜି ନା ଅଛି ସେଇ ଭାଇ ଭଉଣୀର ପ୍ରେମ, ନା ସେଇ ତ୍ୟାଗ! କାହିଁ ହଜି ଗଲେଣି ସେଇ ତଅପୋଇ ତ ଉଭାନ ହୋଇ ଗଲେଣି ସୁଭଦ୍ରାଙ୍କ କାଳିଆ ଓ ବଳିଆ! ରକ୍ଷା ବନ୍ଧନର ଆତ୍ମା ଆଜି ଏକ ଭଗ୍ନ ସାମାଜିକ ବୋଝ ତଳେ ନିଜର ଅସ୍ତିତ୍ୱ ଲାଗି ସଂଘର୍ଷ କରୁଛି। ଏକଦା ଭ୍ରାତୃଭାବପୂର୍ଣ୍ଣ କର୍ତ୍ତବ୍ୟ, ଭଗିନୀ ପ୍ରୀତିପୂର୍ଣ୍ଣ ଆବେଗ ଏବଂ ନାରୀ ମର୍ଯ୍ୟାଦାର ଉତ୍ସବ ଭାବେ ପାଳନ କରା ଯାଉଥିବା ରକ୍ଷା ବନ୍ଧନ ନିଜର ମୂଳ ଉଦ୍ଦେଶ୍ୟ ପରିତ୍ୟାଗ କରି କେବଳ ଲୋକ ଦେଖାଣିଆ ହୋଇ ଆଜି ବିପଦଗାମୀ।

ରକ୍ଷା ବନ୍ଧନର ପବିତ୍ରତା ଓ ମୂଲ୍ୟବୋଧକୁ ଜୀବିତ କରି ରଖିବା ପାଇଁ ଆମକୁ ଉଭୟ ପକ୍ଷରୁ ସମ୍ପର୍କ ଏବଂ ଦାୟିତ୍ୱକୁ ପୁନରୁଦ୍ଧାର କରିବାକୁ ପଡ଼ିବ। ଏହାର ଅର୍ଥ ହେଉଛି, ଜନସାଂଖ୍ୟିକୀୟ, ଜୀବନଧାରଣ ଏବଂ ଜୀବିକାର ଚିତ୍ର ପରିବର୍ତ୍ତନ ସତ୍ତ୍ୱେ ପାରିବାରିକ ବନ୍ଧନକୁ ନିବିଡ଼ ରଖିବାକୁ ହେବ। ରାକ୍ଷୀ ଭଳି ଉତ୍ସବ ପାଳନ କରିବାର ମୂଳ ଅର୍ଥ ହେଉଛି- ମହିଳାମାନଙ୍କୁ ସୁରକ୍ଷା ଦେବା, ମହିଳାମାନଙ୍କୁ ସମ୍ମତି ଓ ସମ୍ମାନ କରୁଥିବା ଘରର ପୁଅମାନଙ୍କୁ ବଡ଼େଇବା, ଏପରି ପରିବାର ଗଠନ କରିବା, ଯେଉଁଠାରେ ଝିଅମାନେ ବିନା ଭୟରେ ବଢ଼ି ପାରିବେ, ଝିଅମାନେ ରାକ୍ଷୀ ସହିତ ଜଡ଼ିତ ସାଂସ୍କୃତିକ ଏବଂ ଆଇନଗତ ଭାବନାକୁ ଯେମିତି ଅପବ୍ୟବହାର ନ କରୁଥିବେ, ପୈତୃକ ସମ୍ପତ୍ତି ପାଇଁ ଭାଇମାନଙ୍କୁ ଯେମିତି ହଇରାଣ ହରକତ ନ କରୁଥିବେ, ପିତାମାତାଙ୍କ ସମ୍ପତ୍ତିରେ ଅଂଶ ଲାଭ କରିବାକୁ ଯେମିତି ପାରିବାରିକ କଳହ ବା ଅଶାନ୍ତି ସୃଷ୍ଟି ନ କରୁଥିବେ କିମ୍ବା ଅତ୍ୟଧିକ ଧ୍ୟାନ ସାଉଁଟିବାକୁ ଯେମିତି ପାରସ୍ପରିକ ସମ୍ମାନକୁ ଅପମାନିତ ନ କରୁଥିବେ। ପ୍ରକୃତ ରକ୍ଷା ବନ୍ଧନ କେବଳ ଅନ୍ଧ ଭାବନାରେ ନିହିତ ନୁହେଁ, ବରଂ ସ୍ନେହ ଏବଂ ଉତ୍ତରଦାୟିତ୍ୱର ସନ୍ତୁଳନରେ ନିହିତ, ଯେଉଁଠାରେ ଉଭୟ ଭାଇ ଏବଂ ଭଉଣୀ ମର୍ଯ୍ୟାଦା, ଭାବପ୍ରବଣତା ଏବଂ ପାରିବାରିକ ବନ୍ଧନରେ ସଠିକ୍ ଅଂଶୀଦାର ସହିତ ବନ୍ଧନକୁ ସମ୍ମାନ କରୁଥିବେ।

ଭାରତ ଯେତେବେଳେ ଏକ ବିଶ୍ୱ ମହାଶକ୍ତି ହେବା ଦିଗରେ ଅଗ୍ରସର, ଆମେ ଏହାର ସୂକ୍ଷ୍ମ ଶକ୍ତିକୁ ପାଳନ କରିବା, ଯାହା ଏହାର ପରିବାର-ପରମ୍ପରା, ପର୍ବପର୍ବାଣି, ସଂସ୍କାର-ସଂସ୍କୃତି ଓ ନୀତି-ନୈତିକତାରେ ନିହିତ। ସମାଜ ବିଜ୍ଞାନୀମାନେ ଯୁକ୍ତି ରଖନ୍ତି ଯେ ସଭ୍ୟତା ଯୁଦ୍ଧରେ ନୁହେଁ, ବରଂ ବିସ୍ମୃତିରେ ହଜି ଯାଇଥାଏ ଏବଂ ବିସ୍ମୃତି ଅଭିଜ୍ଞତାର କ୍ଷତି ସହିତ ଆରମ୍ଭ ହୁଏ। ଯଦି ସମ୍ପୂର୍ଣ୍ଣ ଏକ ପିଢ଼ି ରାକ୍ଷୀକୁ ଗ୍ରହଣ ଓ ବିସ୍ତାର ନ କରିବ ଏବଂ ଉତ୍ସବର ନୈତିକତା ପୋଷଣ ନ କରି ବଡ଼ ହେବ, ତେବେ ଆଉ ରହିବ କ'ଣ? ଯେ କୌଣସି ପର୍ବପର୍ବାଣିର ଭବିଷ୍ୟତ ତାହା କିପରି ପାଳନ କରାଯାଏ, ତା' ଉପରେ କେବଳ ନିର୍ଭର କରେନାହିଁ, ବରଂ ପରମ୍ପରା, ପରିବାର, ସମ୍ପର୍କ, ସଂସ୍କାର ଏବଂ ସାଂସ୍କୃତିକ ନିରନ୍ତରତାକୁ କିପରି ବ୍ୟାଖ୍ୟା କରାଯାଏ, ତା' ଉପରେ ମଧ ନିର୍ଭରଶୀଳ। ସଙ୍କୁଚିତ ପରିବାର ଏକ ଆର୍ଥିକ ବାସ୍ତବତା ହୋଇପାରେ, କିନ୍ତୁ ଏହା ସମ୍ପର୍କର ସମୃଦ୍ଧି ପାଇଁ ଆମର କ୍ଷମତାକୁ ସଙ୍କୁଚିତ କରିବାର କଥା ନୁହେଁ। କାରଣ ପରିଶେଷରେ, ସଭ୍ୟତା କେବଳ ଆର୍ଥିକ ଅଭିବୃଦ୍ଧି ବା ଅର୍ଥନୈତିକ ବିକାଶ ଉପରେ ତିଷ୍ଠି ରୁହେ ନାହିଁ। ସେଥିପାଇଁ ଜରୁରୀ ଯେ ଆମେ ପରମ୍ପରାର ସୂତ୍ରକୁ ଆଧୁନିକତାର ଢାଞ୍ଚାରେ ପୁନର୍ବାର ବୁଣିବା, ଯାହା ଅତୀତର ପ୍ରତିଛବି ସହିତ ଭବିଷ୍ୟତର ନୂତନତାକୁ ବହନ କରୁଥିବ।■

ମୋ: ୬୩୭୦୯୦୫୯୪୭

# ବେଦ ସ୍ୱାଧ୍ୟାୟ କାହିଁକି କରିବା



ଇଂ ବ୍ରଜବନ୍ଧୁ ପଣ୍ଡା

**ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ପର୍ବ ଉପଲକ୍ଷେ**

ବେଦଜ୍ଞାନ ପ୍ରଭୁଙ୍କଠାରୁ ପ୍ରଥମେ ଋଷିମାନେ ପ୍ରାପ୍ତ ହେଲେ। ଋଷିମାନେ ଶୁଦ୍ଧ ପବିତ୍ର ହୃଦୟ ହୋଇଥିବାରୁ ଏବଂ ତପ ସିଦ୍ଧ ହୋଇଥିବାରୁ ସେମାନଙ୍କ ସମାଧିସ୍ଥ ଅବସ୍ଥାରେ ପରମାତ୍ମା ବେଦଜ୍ଞାନ ସେମାନଙ୍କୁ ଅନ୍ତରାତ୍ମାରେ ପ୍ରତିଫଳିତ କରିଥାନ୍ତି। ପ୍ରତ୍ୟେକ କଳ୍ପରେ ଅର୍ଥାତ୍ ସୃଷ୍ଟି ଆଦ୍ୟରେ ମାନବ ଉତ୍ପତ୍ତି ପରେ ବେଦ ଉତ୍ପତ୍ତି ହୋଇଥାଏ। ଏହି କ୍ରମରେ ଋଗ୍, ଯଜୁ, ସାମ ଓ ଅଥର୍ବ ଯଥାକ୍ରମେ ଅଗ୍ନି, ବାୟୁ, ଆଦିତ୍ୟ ଓ ଅଙ୍ଗିରା ଋଷିଙ୍କ ଅନ୍ତରାତ୍ମାରେ ବେଦଜ୍ଞାନ ପ୍ରଦାନ କରାଯାଏ। ସେମାନେ ଏହି ଜ୍ଞାନ ବ୍ରହ୍ମାଙ୍କୁ ପ୍ରଦାନ କରନ୍ତି। ତାଙ୍କଠାରୁ ଶିଷ୍ୟ ପ୍ରଶିଷ୍ୟକ୍ରମେ ଶୁଣି ଶୁଣି ମନେ ରଖିଥିବାରୁ ଏହାର ନାମ ଶ୍ରୁତି। ପରବର୍ତ୍ତୀ କାଳରେ ଶ୍ରୁତି ସ୍ତରରୁ ଏହା ଲିଖିତ ଅବସ୍ଥାକୁ ଆସି ଗ୍ରନ୍ଥ ରୂପ ସୁଲଭ ହୋଇଥାଏ। ପ୍ରତ୍ୟେକ କଳ୍ପର ଆରମ୍ଭରେ ଯେପରି ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ ସୃଷ୍ଟି ସଞ୍ଚାଳନ ତଥା ପ୍ରାଣୀମାନଙ୍କ କଲ୍ୟାଣ ପାଇଁ ପ୍ରଭୁ ପ୍ରଦାନ କରିଥାନ୍ତି, ଠିକ୍ ସେହିଭଳି ବେଦଜ୍ଞାନ ମଧ ପ୍ରଦାନ କରିଥାନ୍ତି। ସତ୍ୟ ଓ ଈଶ୍ୱର ଯେପରି ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ ବେଦ ଓ ଈଶ୍ୱର ସେହିଭଳି ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ, ତେଣୁ କୁହାଯାଏ- ସତ୍ୟ ହିଁ ଈଶ୍ୱର, ଈଶ୍ୱର ହିଁ ସତ୍ୟ। ବେଦ ହିଁ ଈଶ୍ୱର ଓ ଈଶ୍ୱର ହିଁ ବେଦ। ବେଦ- ଶବ୍ଦ ବ୍ରହ୍ମ, ଈଶ୍ୱର- ପରଂବ୍ରହ୍ମ; ବେଦ ବ୍ରହ୍ମଣୀ ବେଦିତବ୍ୟେ/ ଶବ୍ଦ ବ୍ରହ୍ମ ପରଂ ଚ ଯତ୍/ ଶବ୍ଦ ବ୍ରହ୍ମଣୀ ନିଷ୍ଣାତଃ/ ପରଂ ବ୍ରହ୍ମା ଧୀ ଗଚ୍ଛତି ॥ (ମହାଭାରତ ୧୨/୨୨୪/୬୦) (ମୈତ୍ରାୟଣୀ ଉପନିଷଦ ୬/୧୨, ତ୍ରିପୁରା ତାପିନୀ ଉପନିଷଦ ୪/୧୭, ବିଷ୍ଣୁ ପୁରାଣ ୬/୪/୬୪)। ବ୍ରହ୍ମ (ଈଶ୍ୱର)ଙ୍କର ସାକ୍ଷାତ ଉପଦିଷ୍ଟ ହୋଇଥିବାରୁ ଜ୍ଞାନର ଆଧାରଭୂତ ଶବ୍ଦମୟ ବେଦ ନିମିତ୍ତ 'ଶବ୍ଦବ୍ରହ୍ମ' ପ୍ରୟୋଗ ହୋଇଛି।

ଯଦ୍ୟପି ବେଦ ସାଧନ ଓ ବ୍ରହ୍ମ ସାଧ୍ୟ ଅଟନ୍ତି, ପୁନଶ୍ଚ ଶାସ୍ତ୍ରରେ କୌଣସି କୌଣସି ଗୌଣ ରୂପରେ ସାଧ୍ୟ ସାଧନ ମଧରେ ଅଭେଦ ମନା ଯାଇଛି। ଏଣୁ ଉଦ୍ଧୃତ ଉପନିଷଦୀୟ ଶ୍ଲୋକରେ ବେଦ ଓ ଈଶ୍ୱର ଉଭୟଙ୍କ ପାଇଁ 'ବ୍ରହ୍ମ' ଶବ୍ଦ ପ୍ରୟୋଗ କରାଯାଇଛି। ବିଶେଷଣରେ ମଧ ଭେଦ ରହିଛି। ଶବ୍ଦ ବ୍ରହ୍ମ- ବେଦ ଓ ପରଂବ୍ରହ୍ମ- ଈଶ୍ୱର ଉଭୟ ମନୁଷ୍ୟର ଜାଣିବା ଯୋଗ୍ୟ ଅଟନ୍ତି। ଯେ ଶବ୍ଦ ବ୍ରହ୍ମ ବେଦକୁ ବୁଝିବା ପାଇଁ କୁଶଳ ଅଟନ୍ତି, ସେ ହିଁ କେବଳ ପରଂବ୍ରହ୍ମଙ୍କ ସ୍ୱରୂପକୁ ବୁଝିବାରେ ତଥା ତାଙ୍କୁ ପ୍ରାପ୍ତ କରିବାରେ ସମର୍ଥ ହୋଇଥାନ୍ତି। ସୁତରାଂ, ପରଂବ୍ରହ୍ମଙ୍କୁ ଜାଣିବା ପାଇଁ ପ୍ରମୁଖ ସାଧନ ହେଉଛି- ବେଦ।

ବେଦ ଓ ଈଶ୍ୱରଙ୍କ ମଧରେ ଅଭିନ୍ନ ସଂପର୍କ ରହିଛି। ଭାରତୀୟ ମନୀଷୀ ଉଭୟଙ୍କ ଭିତରେ କୌଣସି ଭିନ୍ନତା ଦେଖେ ନାହିଁ। ତେଣୁ ମୁନି ଋଷିମାନଙ୍କ ଦୃଷ୍ଟିରେ ବେଦ ହିଁ ଈଶ୍ୱର ଓ ଈଶ୍ୱର ହିଁ ବେଦ। ଈଶ୍ୱରଙ୍କୁ ମାନୁଥିବା ଲୋକଙ୍କୁ 'ଆସ୍ତିକ' ଓ ଈଶ୍ୱରଙ୍କୁ ମାନୁ ନଥିବା ଲୋକଙ୍କୁ 'ନାସ୍ତିକ' କୁହାଯାଏ। ମାତ୍ର ମହର୍ଷି ମନୁ ବେଦକୁ ମାନୁ ନଥିବା ଲୋକଙ୍କୁ ନାସ୍ତିକ ବୋଲି କହିଛନ୍ତି- ନାସ୍ତିକୋ ବେଦ ନିନ୍ଦକଃ (ମନୁ ୨/୧୧)। ଅର୍ଥାତ୍ ବେଦ ଶବ୍ଦ ଏଠାରେ ଈଶ୍ୱର ଶବ୍ଦ ରୂପରେ ଗୃହୀତ ହୋଇଛି।

ଯେଉଁମାନେ ବେଦ ଶାସ୍ତ୍ରରେ ଅବଗାହନ କରନ୍ତି, ସେମାନେ ଋଷି ଓ ଋଷିକା। ବେଦ ହେଉଛି ମନ୍ତ୍ରପରକ ମନନାତ୍ ଇତି ମନ୍ତ୍ରଃ। ଅର୍ଥାତ୍ ଯାହା ମନନ କରିବାଯୋଗ୍ୟ, ତାହା ମନ୍ତ୍ର। ମନ୍ତ୍ରୋଚ୍ଚାରଣ କରିବା ପର୍ଯ୍ୟାପ୍ତ ନୁହେଁ, ତା'ର ଅର୍ଥ ମଧ ଜାଣିବା ଅଧିକ ମଙ୍ଗଳକାରୀ ଅଟେ। ଖାଦ୍ୟ ଚୋବାଇ ଖାଇଲେ ଯେପରି ଫଳପ୍ରଦ ହୋଇଥାଏ, ଖାଲି ଗିଳିଦେବାରେ ସେତେ ଲାଭଦାୟକ ହୋଇ ନଥାଏ। ତେଣୁ ମନ୍ତ୍ରର ଶବ୍ଦ ଅର୍ଥ ସହ ପ୍ରତିପାଦ୍ୟ ବିଷୟ ଉପରେ ଧ୍ୟାନ ଦେବା ଆବଶ୍ୟକ। ମନ୍ତ୍ରର ଶବ୍ଦକୁ ଅଙ୍ଗୁର ମନେକରି ତା'ର ଅର୍ଥକୁ ଅଙ୍ଗୁରର ରସ ମନେ କରିବା ଉଚିତ୍। ଏହି ରସ ହିଁ ଆତ୍ମାକୁ ଉର୍ଜା ପ୍ରଦାନ କରିଥାଏ। ଯେଉଁପରି ଅନ୍ନ ହେଉଛି ଶରୀରର ଭୋଜନ, ସେହିପରି ମନ୍ତ୍ର ହେଉଛି ଆତ୍ମାର ଭୋଜନ। ବେଦମନ୍ତ୍ର ଆବୃତ୍ତି ଓ ଜପ କରିବା ଦ୍ୱାରା ପାପବୃତ୍ତି ନଷ୍ଟ ହୋଇଯାଏ। ଯେପରି ମଣିଷ ହାତରେ ଠେଙ୍ଗା ଥିଲେ ତା' ନିକଟକୁ କୁକୁର ମାଙ୍କଡ଼ ପଶି ପାରନ୍ତି ନାହିଁ, ଠିକ୍ ସେହିଭଳି ମନ୍ତ୍ରୋଚ୍ଚାରଣରେ ତଲ୍ଲୀନ ବ୍ୟକ୍ତି ନିକଟକୁ ପାପ ବା ଦୁଷ୍କୃତ ପଶି ପାରେ ନାହିଁ।

କେଳା ପାତିମାଙ୍କଡ଼କୁ ଏକ ରଶିରେ ବାନ୍ଧି ତାକୁ ଧରିଥାଏ। ତା' ନିର୍ଦ୍ଦେଶରେ ମାଙ୍କଡ଼ଟି ନାଚିଥାଏ, ଡେଇଁଥାଏ ଓ ବିଭିନ୍ନ ଖେଳ ଦେଖାଇ ଥାଏ। ସେହିଭଳି ସାଧକ ଯଦି ଈଶ୍ୱରଙ୍କର ଏହି ମନ୍ତ୍ରାତ୍ମକ ରଶିରେ ନିଜକୁ ବାନ୍ଧିଦିଏ, ତେବେ ସେ ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରଭୂତ ଉପଲବ୍ଧି ପ୍ରାପ୍ତ ହୋଇଥାଏ। କିନ୍ତୁ ଯାହାଙ୍କର ଈଶ୍ୱରଙ୍କ ପ୍ରତି ରୁଚି ରହେନାହିଁ, ତେବେ ବେଦ ମଧ ତାଙ୍କର କୌଣସି ଉପକାରରେ ଆସି ପାରେ ନାହିଁ।

ଈଶ୍ୱରଙ୍କ ପ୍ରତି ଯେପରି ଅନନ୍ୟ ଭକ୍ତି ଓ ଶ୍ରଦ୍ଧାଭାବ ପୋଷଣ କରିବାକୁ ହୁଏ, ବେଦ ପ୍ରତି ମଧ ସେହିଭଳି ଏହା ଶାଶ୍ୱତ ଈଶ୍ୱରୀୟ ବାଣୀ ମନେକରି ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ସ୍ଥାପନ କରିବାକୁ ହେବ। କୌଣସି ପ୍ରକାର ଶଙ୍କା ସନ୍ଦେହ କରିବାକୁ ହେବନାହିଁ। ବେଦବାଣୀ ବା ମନ୍ତ୍ର ହେଉଛି ଆତ୍ମାକୁ ପରମାତ୍ମାଙ୍କ ସହିତ ସଂଯୋଗ କରିବାର ସେତୁ। ଏହି ଅବସ୍ଥାରେ ଦୃଢ଼ୀଭୂତ ହେବାକୁ ହେବ। ଏ ଧାରଣାରେ ଦୃଢ଼ୀଭୂତ ହେବାକୁ ଏ ଭାବନା ମନରେ ଆଣି ଅଭ୍ୟସ୍ତ ହେବାକୁ ହେବ ଯେ ପ୍ରଭୁ ଆମକୁ ଉଦର ଦେବା ସଙ୍ଗେ ସଙ୍ଗେ ଭୋଜନ ପାଇଁ ନାନାଦି ଖାଦ୍ୟଶସ୍ୟର ବ୍ୟବସ୍ଥା କରିଛନ୍ତି। ସେହିଭଳି ସୁନ୍ଦର ଶରୀର, ମନ, ବୁଦ୍ଧି, ଚିତ୍ତ, ଅହଙ୍କାର ଦେବା ସଙ୍ଗେ ସଙ୍ଗେ ଜ୍ଞାନ ପାଇଁ ବେଦ ମଧ ଦେଇଛନ୍ତି।

ଆମର ସମସ୍ତ ମୁନିଋଷି ଏବଂ ଆମର ସମସ୍ତ ସାହିତ୍ୟରେ କୁହାଯାଇଛି ଓ ପ୍ରମାଣିତ କରି ଆସିଛି। ପ୍ରଶ୍ନ ଉଠେ, ଆମେ ସନାତନଧର୍ମୀ କହୁଥିବା ଲୋକଙ୍କୁ ଜଣାନାହିଁ ଯେ- ଆମର ଧର୍ମଗ୍ରନ୍ଥ ହେଉଛି ବେଦ। ତେବେ ଏହାର ପଠନ ପାଠନର ଧାରା କାହିଁକି ରହିଲା ନାହିଁ? ସନାତନ ଧର୍ମ ନାମରେ ଗୀତା ରାମାୟଣ ଓ ପୁରାଣ ସବୁକୁ ପଢ଼ିବା ପଢ଼ାଇବାର ପ୍ରଚଳନ କିପରି ହେଲା? ଏ ପ୍ରଶ୍ନର ଉତ୍ତର ଦେବା ତ କଠିନ ନୁହେଁ, କିନ୍ତୁ ଏହାର ଉତ୍ତରକୁ ସ୍ୱୀକାର କରିନେବା ଆମର ସନାତନଧର୍ମୀ ଲୋକମାନଙ୍କ ପାଇଁ ଅସମ୍ଭବ ଓ କଠିନ ବୋଧହୁଏ। ବୁଦ୍ଧିମାନ ଲୋକେ ମାନନ୍ତି ଯେ କୌଣସି କାମ ଯେତେ କଠିନ ହେଲେ ମଧ ଯଦି




ଆବଶ୍ୟକ ଓ ଲାଭଦାୟକ, ତେବେ ତାହା କରିବା ଉଚିତ୍। ଆଜି ପ୍ରଶ୍ନ ଆବଶ୍ୟକ ଓ ଲାଭଦାୟକ କଥା ନୁହେଁ। ଆଜି ତ ଏହା ପୂରା ମାନବତାର ଜୀବନ ମରଣର ସମସ୍ୟା ରୂପରେ ଉଭା ହୋଇଛି। ବର୍ତ୍ତମାନ ତ ସମୟ ଆସି ଯାଇଛି- ବେଦ ବିଦ୍ୟାର ପଠନ ପାଠନ ପ୍ରାରମ୍ଭ ନହେଲେ ଧର୍ମ ନାମରେ ଆମେ ସବୁ ପରସ୍ପର ମଧରେ ଲଢ଼ି ମୃତ୍ୟୁବରଣ କରିବା। ଆମେ ସବୁ କେତେକ ବ୍ୟକ୍ତିମାନଙ୍କ ଦ୍ୱାରା ଗଠିତ ଓ ପ୍ରଚଳିତ ମତ ଓ ପନ୍ଥକୁ ଭୁଲ୍‌ରେ ଈଶ୍ୱରୀୟ ଆଦେଶ ମାନି ଜଣେ ଅନ୍ୟ ଜଣକ ସହିତ ଶାସ୍ତ୍ର ଚର୍ଚ୍ଚା କରିବା ବଦଳରେ ଶସ୍ତ୍ର ଚର୍ଚ୍ଚା କରିବାକୁ ପ୍ରସ୍ତୁତ ହେଉଛୁ। ବେଦ ପଢ଼ିବା ଓ ସତ୍ୟ ସନାତନ ଧର୍ମକୁ ଜାଣିବା ବୁଝିବାରେ ଆମେ ସନାତନଧର୍ମୀ ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ କିଭଳି ହେଉଛୁ?

ଏହି ଶ୍ରୁତି ପରମ୍ପରାକୁ ଚିର ଅମ୍ଳାନ ରଖିବା ପାଇଁ ଶ୍ରବଣା ନକ୍ଷତ୍ରଯୁକ୍ତ ଶ୍ରାବଣୀ ପୂର୍ଣ୍ଣିମା ତିଥିକୁ ବିଶ୍ୱବ୍ୟାପି ଶ୍ରୁତି ପର୍ବ, ଶ୍ରାବଣୀ ପର୍ବ ବା ବେଦ ଶ୍ରବଣ ପର୍ବ ରୂପେ ପାଳନ କରାହୋଇ ଆସୁଛି। ପ୍ରାଚୀନ କାଳରେ ଚାତୁର୍ମାସ ଶ୍ରାବଣ ମାସରେ ପ୍ରବଳ ବୃଷ୍ଟିପାତ ହେଉଥିଲା। ନଦୀ ନାଳ ଶସ୍ୟକ୍ଷେତ୍ର ରାସ୍ତାଘାଟ ଜଳପୂର୍ଣ୍ଣ ହେଇଥିଲା। ସାଧାରଣ ଜୀବନଯାତ୍ରା ଚଳପ୍ରଚଳ ସହଜସାଧ୍ୟ ନହୋଇ କଷ୍ଟକର ହେଉଥିଲା। ତେଣୁ ଲୋକମାନେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ନପାରି ସମସ୍ତ କାମ ସ୍ଥାପିତ ରଖୁଥିଲେ। ସମୟର ସଦ୍‌ବ୍ୟବହାର ପାଇଁ ବେଦ ବା ବେଦ ବ୍ୟାଖ୍ୟାନ ଗ୍ରନ୍ଥସବୁ ଅଧ୍ୟୟନ କରି ନିଜର ଜ୍ଞାନ ବୃଦ୍ଧି କରୁଥିଲେ। ଜନ ବସତି ନିକଟରେ ଥିବା ଆଶ୍ରମଗୁଡ଼ିକୁ ଯାଇ ଋଷି, ବେଦଜ୍ଞମାନଙ୍କଠାରୁ ଜୀବନର ଉତ୍ଥାନ ସମ୍ବନ୍ଧୀୟ ବେଦୋପଦେଶ ସାମୂହିକ ଭାବେ ଶ୍ରବଣ କରୁଥିଲେ। ଶ୍ରବଣର ଅର୍ଥ ଶୁଣିବା ଓ ଶ୍ରାବଣର ଅର୍ଥ ଶୁଣାଇବା। ତେଣୁ ଏହି ମାସରେ ବେଦ ଶୁଣିବା ଓ ଶୁଣାଇବାକୁ ଏକ ପବିତ୍ର ଉତ୍ସବ ଆକାରରେ ପାଳନ କରାଯାଉଥିଲା। ଏହାକୁ 'ଶ୍ରାବଣୀ ଉପାକର୍ମ' ବା ଶ୍ରାବଣୀ ପର୍ବ ବୋଲି କୁହାଯାଏ। ଏହା ହେଉଛି, ବେଦ ସ୍ୱାଧ୍ୟାୟର ପର୍ବ ବା ଋଷି ତର୍ପଣ- ଋଷି ଅର୍ଚ୍ଚନାର ପର୍ବ। ଶ୍ରବଣ ଓ ଶ୍ରାବଣର ମହାନ ପର୍ବ ହେଉଛି 'ଶ୍ରାବଣୀ ଉପାକର୍ମ'।

ତେଣୁ ବେଦ ଓ ବୈଦିକ ସଂସ୍କୃତିକୁ ଏଭଳି ଅବସ୍ଥାରୁ ମୁକ୍ତ କରିବା ପାଇଁ ଦେଶର ଅଗଣିତ ବେଦପ୍ରେମୀ, ଧର୍ମପ୍ରେମୀ, ସଂସ୍କୃତିପ୍ରେମୀ, ସଂସ୍କୃତ ଭାଷାର ମୂର୍ଦ୍ଧନ୍ୟ ବିଦ୍ୱାନ୍, ବିଶ୍ୱବିଦ୍ୟାଳୟ ସଂସ୍କୃତ ଭାଷାର ଛାତ୍ରଛାତ୍ରୀ ସମେତ ଏକତାବଦ୍ଧ ହୋଇ ବେଦର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡ଼ି ଆଗେଇ ଆସିବା ଉଚିତ୍। ଚାରି ବେଦର ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ବିଶ୍ୱବିଦ୍ୟାଳୟର ସ୍ନାତକ ସ୍ନାତିକାମାନଙ୍କ ଦ୍ୱାରା ଗବେଷଣା କାର୍ଯ୍ୟ ପର୍ଯ୍ୟାପ୍ତ ମାତ୍ରାରେ ହେବା ଉଚିତ୍। ବେଦ ଓ ବୈଦିକ ସାହିତ୍ୟ ଉତ୍କଳ ଭାଷାରେ ଲିଖିତ ଓ ଅନୁବାଦିତ ହେବା ଉଚିତ୍। ହିନ୍ଦୀ ଭାଷା ବୈଦିକ ସାହିତ୍ୟରେ ଖୁବ୍ ସମୃଦ୍ଧ। ତେଣୁ ସେଗୁଡ଼ିକ ଅନୁବାଦିତ ହେଲେ ଉତ୍କଳବାସୀ ବହୁ ଭାବରେ ଉପକୃତ ହୋଇ ପାରିବେ। ବେଦର ପ୍ରଚାର ପ୍ରସାର ଦ୍ୱାରା ଯେ କୌଣସି ଦେଶ ଉନ୍ନତିର ଶୀର୍ଷ ସ୍ତରରେ ପଦାର୍ପଣ କରିବା କଥା ବେଦରେ କୁହାଯାଇଛି। ତେଣୁ ବେଦର ପ୍ରଚାର ପ୍ରସାର ହେଉଛି ରାଷ୍ଟ୍ରୀୟ କର୍ତ୍ତବ୍ୟ। ଏହି ଉଦ୍ଦେଶ୍ୟ ପୂର୍ତ୍ତି ପାଇଁ ରାଜ୍ୟର ବିଦ୍ୱତ୍‌ମଣ୍ଡଳୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା ଶିକ୍ଷା ବିଭାଗ, ସଂସ୍କୃତି ବିଭାଗର ପ୍ରଶାସନିକ ଅଧିକାରୀମାନେ ଅତ୍ୟନ୍ତ ଶ୍ରଦ୍ଧା ଓ ଆଗ୍ରହ ସହ ଏହି ଗୁରୁ ଦାୟିତ୍ୱ ବହନ କରିବା ପାଇଁ ନିବେଦନ କରୁଛି।■

ବିଶ୍ୱନାଥ ଆର୍ଯ୍ୟଭବନ, ହରିଦାସପୁର, ନହରକଣ୍ଟା
ଭୁବନେଶ୍ୱର, ମୋ: ୯୪୩୭୧୩୬୧୪୨

## ଭାରତର ସ୍ୱାର୍ଥ

ପ୍ରଥମ ଥର ପାଇଁ ଆମେରିକାର ଟାରିଫ୍ ଲାଗୁ ବ୍ୟବସ୍ଥା ଉପରେ ପ୍ରତିକ୍ରିୟା ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର କୃଷିକ୍ଷେତ୍ର, ଦୁଗ୍ଧକ୍ଷେତ୍ର ଏବଂ ମତ୍ସ୍ୟକ୍ଷେତ୍ରଗୁଡ଼ିକର ସ୍ୱାର୍ଥର ସୁରକ୍ଷା କରିବାର ନିଷ୍ପତ୍ତିକୁ ଦୋହରାଇଛନ୍ତି; ଏମିତିକି ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିରେ ମଧ ସେ ଏହା କରିବେ ବୋଲି କହିଛନ୍ତି। ଭାରତର ସବୁଜ ବିପ୍ଳବର ଜନକ ଭାବରେ ଖ୍ୟାତ ଏମ୍ଏସ୍ ସ୍ୱାମୀନାଥନ୍‌ଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଦତ୍ତ ମୋଦୀଙ୍କର ଉପରୋକ୍ତ ବିବୃତି ସରକାରୀ ଭାବରେ ଆମେରିକାର ଦାବି ନିକଟରେ ମୁଣ୍ଡ ନ ନୁଆଁଇବାର ସଙ୍କେତ ପ୍ରଦାନ କରିଛି, ଯେଉଁଥିରେ ଟ୍ରମ୍ପଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ୨୫ ପ୍ରତିଶତ ଟାରିଫ୍ ଲାଗୁ କରିବାର ଧମକ ରହିଥିଲା, ଯାହା ଉପରେ ସେ ବୁଧବାର ଦିନ ଆହୁରି ଅଧିକ ୨୫ ପ୍ରତିଶତ ଟାରିଫ୍ ଲାଗୁ କରିବାକୁ କହିଛନ୍ତି। ଭାରତ ଏବଂ ଆମେରିକା ମଧରେ ବାଣିଜ୍ୟ ବ୍ୟବସାୟଜନିତ ବୁଝାମଣାର ଦ୍ୱାର ଏଯାବତ୍ ବନ୍ଦ ହୋଇ ନଥିବା ପରିପ୍ରେକ୍ଷୀରେ ଦେଖିଲେ ପ୍ରଧାନମନ୍ତ୍ରୀଙ୍କର ଏହି ଆଶ୍ୱାସନା ଆଲୋଚନାର ସର୍ତ୍ତଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଲୋହିତ ରେଖା ଅଙ୍କନ କରିଛି ବୋଲି କୁହାଯାଇପାରେ। ଚଳିତ ମାସର ଶେଷ ଭାଗରେ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ଆତିଥେୟତାରେ ଟିଆନ୍‌ଜିନ୍‌ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ସଂଘାଇ ସହଯୋଗ ଶିଖର ସମ୍ମିଳନୀ (ଏସ୍‌ସିଓ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ। ଅଗଷ୍ଟ ୩୧-ସେପ୍ଟେମ୍ବର ୧ ତାରିଖରେ ସେଠାରେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ ଯୋଗ ଦେବାର ଦୃଢ଼ ସମ୍ଭାବନା ରହିଛି। ଏହି ଅବସରରେ ଚୀନ୍ ଏବଂ ରୁଷିଆର ରାଷ୍ଟ୍ରପତିଙ୍କ ସହିତ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି, ବିଶେଷକରି ଗୁରୁବାରଠାରୁ ଟ୍ରମ୍ପଙ୍କ ଦ୍ୱାରା ବ୍ରାଜିଲ୍ ଏବଂ ଭାରତରୁ ସର୍ବାଧିକ ୫୦ ପ୍ରତିଶତ ଟାରିଫ୍ ସହିତ ଆହୁରି ୬୯ଟି ଦେଶଙ୍କ ଉପରେ ବିଭିନ୍ନ ହାରରେ ସାମଗ୍ରୀ ଆମଦାନୀ ଉପରେ ଲାଗୁ କରାଯାଇଥିବା ଟାରିଫ୍ ଯୋଗୁଁ ବିଶ୍ୱ ବାଣିଜ୍ୟ କାରବାରେ ସୃଷ୍ଟି ହୋଇଥିବା ଦୋଦୁଲ୍ୟମାନ ପରିସ୍ଥିତି ପରିପ୍ରେକ୍ଷୀରେ। ତୈଳ କାରବାରରେ ଚୀନ୍ ଏବଂ ଭାରତ (ରୁଷିଆର ଏଲ୍ଏନ୍‌ଜି କିଣୁଥିବା ୟୁରୋପ୍ ଅନ୍ୟ ଏକ କ୍ରେତା ହୋଇଥିବା ବେଳେ) ଏହାର ଦୁଇ ଗୋଟି ବଡ଼ ଗ୍ରାହକ ହୋଇଥିବାରୁ ରୁଷିଆ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଥିବା ବେଳେ ଭାରତକୁ ଚୀନ୍ ସହିତ ରହିଥିବା ପୁରୁଣା ମନୋଭାବକୁ ପରିହାର କରିବାକୁ ହେବ, ଯେଉଁଥିରେ ବୁଝାମଣାକୁ ଦୁର୍ବଳତାର ପ୍ରତୀକ ଭାବରେ ବିବେଚନା କରାଯାଉଥିଲା। ଟ୍ରମ୍ପଙ୍କ ଟାରିଫ୍ ପ୍ଲସ୍ ଦଣ୍ଡ ଦ୍ୱାରା ଗୋଟିଏ କୋଣକୁ ଠେଲି ହୋଇ ଯାଇଥିବା ଭାରତ ପାଇଁ ଏବେ ଅନିବାର୍ଯ୍ୟ ହୋଇ ପଡ଼ିଛି ତାଙ୍କୁ ଦେଖାଇ ଦେବାକୁ ଯେ ଏହା ନିକଟରେ ଏକ ବିକଳ୍ପ ରହିଛି, ନିର୍ଦ୍ଦିଷ୍ଟ ଭାବରେ ଚୀନ୍, ଯିଏକି ଭାରତକୁ ବିଭିନ୍ନ ସାମଗ୍ରୀର ଏକ ବଡ଼ ରପ୍ତାନୀକାରୀ।

ଟ୍ରମ୍ପଙ୍କୁ ଧନ୍ୟବାଦ ଦେବା କଥା ଯେ ସମ୍ପ୍ରତି ଭାରତ ପାଇଁ ଆମେରିକା ବା ଏହାର ଟାରିଫ୍ ବ୍ୟବସ୍ଥା ଅପେକ୍ଷା ସମ୍ପର୍କ ପ୍ରତିଷ୍ଠା କରିବା, ବିଶେଷକରି ନିଜର ପଡ଼ୋଶୀ ଏବଂ ବିଶ୍ୱସ୍ତ ବନ୍ଧୁଙ୍କ ସହିତ ସମ୍ପର୍କରେ ସୁଧାର ଆଣିବା କେତେ ଜରୁରୀ, ତାହା ସେ ଶିଖାଇ ଦେଇଛନ୍ତି ଏବଂ ଏହାର ଉପଯୋଗ କରିବାକୁ ଯାଇ ଭାରତ ଏକ କୂଟନୀତିକ-ଦ୍ୱିପାକ୍ଷିକ ବା ମନ୍ତ୍ରୀ ସ୍ତରୀୟ ବୈଠକଠାରୁ ଆଗକୁ ଯାଇ ସିଧାସଳଖ ଚୀନ୍ ସହିତ ଆଲୋଚନା କରିବାର ଆବଶ୍ୟକତା ରହିଛି ଏବଂ ଚୀନ୍ କିପରି ଭାରତରୁ ଅଧିକ ସାମଗ୍ରୀ ଆମଦାନୀ କରିବ ଏବଂ ଆମେରିକା କ୍ରୟ କରୁଥିବା ସାମଗ୍ରୀରୁ କେତେକ ପରିମାଣର ସାମଗ୍ରୀକୁ ଚୀନ୍‌କୁ ବିକ୍ରି କରାଯାଇ ପାରିବ, ସେ ବାବଦରେ ପଦକ୍ଷେପ ନେବା ଉଚିତ। ଚୀନ୍ ସହିତ ଏବେ ସୀମା ପରିସ୍ଥିତିକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାଗୁଡ଼ିକ ସନ୍ତୋଷଜନକ ରହିଥିବା ବେଳେ, ବିଶେଷକରି ରୁଷିଆର କାଜାନ୍‌ଠାରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଜି ଜିନ୍‌ପିଙ୍ଗଙ୍କ ମଧରେ ଆଲୋଚନା ପରେ ପଡ଼ୋଶୀ ଭାବରେ ଏହା ସହିତ ଗଭୀର ଭାବରେ ବାଣିଜ୍ୟ ବ୍ୟବସାୟ ସମ୍ପର୍କରେ ଆଲୋଚନା କରିବାରେ ଆପାତତଃ କିଛି ଅସୁବିଧା ନାହିଁ। ଏକଥା ଅବଶ୍ୟ ସତ୍ୟ ଯେ ପାକିସ୍ତାନ ସେନାବାହିନୀକୁ ଚୀନ୍ ମେ' ୨୦୨୫ର ଯୁଦ୍ଧରେ ଡ୍ରୋନ୍, ମିସାଇଲ ଏବଂ ଲଢୁଆ ଜେଟ୍ ଯୋଗାଇ ଦେବା ପରେ ଏହା ସହିତ ହୃଦୟଖୋଲା ଆଲୋଚନା କରିବା ସେତେ ସହଜ ହେବନାହିଁ। କିନ୍ତୁ ସୁରକ୍ଷା ପ୍ରସଙ୍ଗକୁ ବାଣିଜ୍ୟ ବ୍ୟବସାୟ କାରବାରଠୁ ଅଲଗା କରିବା ବର୍ତ୍ତମାନ ସମୟ ଅନିବାର୍ଯ୍ୟତା। କାରଣ, କେବଳ ଏହି ମାଧ୍ୟମରେ ହିଁ ଆମେରିକାକୁ ଦେଖାଇ ହେବ ଯେ ଯେଉଁ ବନ୍ଧୁକୁ ତା'ର ଫାଇଦା ପାଇଁ ଏହା ଚିପୁଡ଼ିବାକୁ ଚାହୁଁଛି, ସେହି ବନ୍ଧୁ ନିକଟରେ ମଧ ନିଜର ସୁରକ୍ଷା ପାଇଁ ଅନ୍ୟାନ୍ୟ ବିକଳ୍ପ ରହିଛି।

ଅପରେସନ୍ ସିନ୍ଦୂରକୁ ବନ୍ଦ କରିବାରେ ଏହାର ବଡ଼ ଭୂମିକା ରହିଛି ବୋଲି ଆମେରିକା ଯେଉଁ ମିଛ କହିଥିଲା, ତା'ର ଉପଯୁକ୍ତ ପ୍ରତିଜବାବ ଦେଇ ତଥା ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ପ୍ରସ୍ତାବ ଦେବା ଭଳି ତୈଳ ମର୍ଦ୍ଦନ କାର୍ଯ୍ୟରୁ ଭାରତ ନିବୃତ୍ତ ରହିବା ସଙ୍ଗେ ସଙ୍ଗେ ତାଙ୍କ ପରିବାରର କ୍ରିପ୍ଟୋକରେନ୍ସି କାରବାରରେ ନିବେଶ ନ କରିବା ହିଁ ଟ୍ରମ୍ପଙ୍କ ରୋଷର କାରଣ। ଏହା ସହିତ ଭାରତ ରୁଷିଆରୁ ତୈଳ ଆମଦାନୀ କରିବାକୁ ଅନ୍ୟ ଏକ ବାହାନା ଭାବରେ ସେ ବ୍ୟବହାର କରୁଛନ୍ତି। କିନ୍ତୁ ଏଥିପାଇଁ ଯେ ଭାରତ ତା'ର ସାର୍ବଭୌମତ୍ୱକୁ ବଳି ପକାଇବ, ସେପରି ସେ ଭାବିବା ଉଚିତ ନୁହେଁ। ରୁଷୀୟ ତୈଳକୁ ଟ୍ରମ୍ପ ହୁଏତ ଟ୍ରମ୍ପକାର୍ଡ ବିବେଚନା କରୁଥାଇ ପାରନ୍ତି, କିନ୍ତୁ ଦୁଗ୍ଧ ଏବଂ କୃଷିକ୍ଷେତ୍ରକୁ ଖୋଲା କରିବା ନିମନ୍ତେ ଟ୍ରମ୍ପଙ୍କ ଦାବି ସମ୍ଭବତଃ ଆମଦାନୀ ଉପରେ ଅଧିକ ଟିକସ ଲଦିବାକୁ ବନ୍ଧୁକର ଟ୍ରିଗର ହୋଇଥାଇପାରେ। ଆତ୍ମନିର୍ଭରତା ଏକ ସାଧୁ ଅବଧାରଣା, କିନ୍ତୁ ଏହାକୁ ହାସଲ କରିବାର ପଥ ବହୁଦୂର। ଭଲ ପାଇଁ ଏକ ଉତ୍ତମ ସନ୍ତୁଳନ ପ୍ରତିକ୍ରିୟା ପାଇବାକୁ ହେଲେ ଖରାପ ଏବଂ କୁତ୍ସିତ କାର୍ଯ୍ୟଗୁଡ଼ିକ ତତ୍କାଳ ଆହ୍ୱାନ ଭାବରେ ଉଭା ହୋଇଥାଏ ଏବଂ ଚୀନ୍ ଓ ରୁଷିଆର ରାଷ୍ଟ୍ରପତିଙ୍କ ସହିତ ବୈଠକ ଏହାକୁ ଏକ ଭଲ ରୂପରେଖ ପ୍ରଦାନ କରିପାରେ।■

## ପର ପାଇଁ ପଣ୍ଡିତ

କୌଣସି ଗୋଟିଏ ସମସ୍ୟା ପାଇଁ ବହୁ ପରାମର୍ଶଦାତା ବାହାରି ଥାଆନ୍ତି। ପରାମର୍ଶଦାତାଙ୍କ ତୁଳନାରେ ସାହାଯ୍ୟକାରୀଙ୍କ ସଂଖ୍ୟା ଖୁବ୍ କମ୍। ଅନେକ କ୍ଷେତ୍ରରେ ଦେଖାଯାଏ, ପର ପାଇଁ ପଣ୍ଡିତ ସାଜୁଥିବା ଲୋକ ନିଜ ପାଇଁ ମୂର୍ଖ। ଅନ୍ୟକୁ ଆଲୋକ ଦେଖାଉ ଥିବା ଲୋକ ଅନ୍ଧାରରେ ଚାଲୁଥାଏ। ମୂର୍ଖମାନେ ପଣ୍ଡିତର ଅଭିନୟ କଲେ ସାଧାରଣ ଲୋକ ସେମାନଙ୍କ ଫାଶରେ ପଡ଼ି ଯାଇ ଥାଆନ୍ତି। ବାସ୍ତବ କଥାଟି ହେଲା, ଉପଦେଶ ଦେଉଥିବା ଲୋକର ଆଚରଣକୁ ଅନୁଧ୍ୟାନ କରି ଉପଦେଶ ଗ୍ରହଣ କରାଯାଇପାରେ। ଏ ନେଇ ଉଦାହରଣଟିଏ।

ଜଣେ ଲୋକକୁ ବାକ୍‌ଚାତୁରୀ କଳାଟି ବେଶ୍ ମାଲୁମ୍ ଥିଲା। ଥରେ ତା'ର ସାଙ୍ଗ ପରାମର୍ଶ ଦେଲା, ପରିବାରରେ ସୁ-ସମ୍ପର୍କ କିପରି ରହିବ, ସେହି ବିଷୟରେ ବହି ଲେଖିବା ପାଇଁ। ବହି ଲେଖା ସରିଲା। ସେ ବହି ମଧ ବହୁତ ବିକ୍ରି ହେଲା। ସେଥିରୁ ବହୁତ ଟଙ୍କା ରୋଜଗାର ହେଲା। କେହି କେହି ସେ ବହିକୁ ପଢ଼ି କାମରେ ଲଗାଇଲେ। ଅନେକ ଲୋକ ବହି ଅନୁସାରେ ଚଳିଲେ। କିନ୍ତୁ ଘରେ ବିଶୃଙ୍ଖଳା ସୃଷ୍ଟି ହେଲା। ଦିନେ କିଛି ଯୁବକ ବାହାରିଲେ ବହିର ଲେଖକଙ୍କ ପାଖକୁ- ସେ ନିଜେ ବହି ଅନୁସାରେ ଚଳୁଛି କି ନାହିଁ, ଦେଖିବା ପାଇଁ।

ନିଜ ଘରେ ଲେଖକ ଭାଷଣ ଦେଉଥିଲେ। ସମସ୍ତେ ମନ୍ତ୍ରମୁଗ୍ଧ। ପିତାମାତାଙ୍କୁ କିପରି ସମ୍ମାନ ଦେବ, ସେ ବିଷୟରେ ଗଭୀର ଆଲୋଚନା ଚାଲିଥାଏ। ଏତିକି ବେଳେ ଅଣ୍ଟା ନଇଁ ପଡ଼ିଥିବା ଜଣେ ବୃଦ୍ଧ ବାଡ଼ି ଧରି ଆସି ଲେଖକଙ୍କ ଆଗରେ ବସି ପଡ଼ିଲେ। ଲେଖକ ଭାଷଣ ଦେବା ବଦଳରେ ବୃଦ୍ଧଙ୍କୁ ଗାଳି ଦେବା ଆରମ୍ଭ କଲେ। ଆଗରୁ ଉଠିଯିବା ପାଇଁ ତାଗିଦ୍ କଲେ। ଶେଷରେ ଧକ୍କା ଦେଇ ବାହାର କରିଦେଲେ। ବୃଦ୍ଧ ଜଣକ ପଡ଼ିଯାଇ କହିଲେ- ପୁଅରେ, ମୁଁ ତୋତେ ଜନ୍ମ ଦେଇ ମୋ ପାପର ପ୍ରାୟଶ୍ଚିତ କରୁଛି। ଏଠାରେ ତୋ ଉପଦେଶକୁ ଶୁଣୁଥିବା ଲୋକଙ୍କ ଭିତରୁ ଯଦି କିଏ ବି ମୋ ପୁଅ ହୋଇ ଥାଆନ୍ତା, ତେବେ ବାପା ଭାବରେ ମୋତେ ଏପରି ବ୍ୟବହାର କରି ନଥାନ୍ତା। ତୁ ଯାହା କରୁଛୁ, ତାହା ବହିରେ ଲେଖିଥିଲେ ଏ ଲୋକମାନେ ତୋତେ ବି ପିଟି ଥାଆନ୍ତେ। ଆଉ ତୋ ପାଖରେ ଏତେ ସମୟ ନଷ୍ଟ କରି ନଥାନ୍ତେ।

ଶ୍ରୋତାମାନେ ଉଠି ଚାଲିଗଲା ବେଳେ ଲେଖକ କହିଲେ- ଯିଏ ଖଣ୍ଡା ତିଆରି କରେ, ସେ ଯୁଦ୍ଧ କରେନା। ଯିଏ ଆଖୁ ଚାଷ କରେ, ସେ ଚିନି ତିଆରି କରି ନଥାଏ। ସେମିତି ମୋ ଲେଖା ମୋ ନିଜ ପାଇଁ ନୁହେଁ; ଆପଣମାନଙ୍କ ପାଇଁ। ମୁଁ ପର ପାଇଁ ପଣ୍ଡିତ; ନିଜ ପାଇଁ ନୁହେଁ। ଏହା ଶୁଣି ସମସ୍ତେ ହସୁଥିଲେ।■

ନିତିଦିନ NITIDIN



**ବନ୍ଦ ଘରେ କେମିତି ଓ କାହିଁକି ପୋଡ଼ିଗଲେ ପଟ୍ଟାମୁଣ୍ଡାଇ ଛାତ୍ରୀ ?**

# ଚେନ୍ନାଇରୁ ପୁରୁଷ ବନ୍ଧୁଙ୍କୁ ଆଣି ସତ ଖୋଜୁଛି ପୁଲିସ



**ପଟ୍ଟାମୁଣ୍ଡାଇ,୮।୮/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ମାମଲାର ଘନ ଘନ ମୋଡ଼ ନେଉଛି। ମୃତ ଛାତ୍ରୀଙ୍କ ବୟଫ୍ରେଣ୍ଡ ବଖାଣୁଛନ୍ତି, ମୃତ୍ୟୁ ପଛର ରହସ୍ୟ। ଆଜି ଚେନ୍ନାଇରୁ ମୃତ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ କେନ୍ଦ୍ରାପଡ଼ା ପୁଲିସ ଧରି ଆଣି ଅଜ୍ଞାତ ସ୍ଥାନରେ ତଥ୍ୟ ଉଗାଉଛି। ଏପରିକି ମୃତ ଛାତ୍ରୀଙ୍କ ବାପା, ମା' ଏବଂ ଭଉଣୀଙ୍କୁ କେନ୍ଦ୍ରାପଡ଼ା ଏସପି ଜେରା କରିଛନ୍ତି। ତାହାରି ଭିତରେ ନୂଆ ନୂଆ ଥିଓରୀ ବି ସାମ୍ନାକୁ ଆସିଥିବାବେଳେ ବୟଫ୍ରେଣ୍ଡଙ୍କ ମା' ଓ ଭଉଣୀଙ୍କ ଫଙ୍ଗାନ ଅଭିଯୋଗ, ଫସ୍କ ଯୁବତୀଙ୍କୁ ତାଙ୍କ ବାପା ହିଁ ହତ୍ୟା କରିଛନ୍ତି। କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ନିଜେ ମାମଲାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଛନ୍ତି। ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ବଦନ ପାତ୍ରଙ୍କ ନେତୃତ୍ୱରେ ଗଠିତ ପୁଲିସ ଟିମ୍ ମାମଲାର ତଦନ୍ତ କରୁଛନ୍ତି। ପ୍ରେମିକ ଯୁବକରେ ଅତିଷ୍ଠ ହୋଇ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ମୃତା କଲେଜ ଛାତ୍ରୀ ପି ଡି ସଙ୍ଗୀତାଙ୍କ ବାପା ଶଶିକାନ୍ତ ପରିଡା ବୟାନ ଦେଇଥିଲେ। ତାଙ୍କ ବାପାଙ୍କ ବୟାନକୁ ଆଧାର କରି ଏସ୍‌ପି ନିର୍ଦ୍ଦେଶରେ ପୋଲିସ ଟିମ୍ ସୁଦୂର ତାମିଲନାଡୁ ଯାଇ ମୃତା ଛାତ୍ରୀଙ୍କ ପ୍ରେମିକ କୁହାଯାଉଥିବା ପଟ୍ଟାମୁଣ୍ଡାଇ ବ୍ଲକ୍ ତେରୋହୀ ଗ୍ରାମର ଗଣେଶ୍ୱର ବେହେରାଙ୍କ ପୁଅ ପ୍ରମୋଦ ବେହେରାଙ୍କୁ ଚେନ୍ନାଇରୁ ଧରି ଆଣି ଓଡିଶା ଫେରିଛନ୍ତି। ଗତକାଲି ମୃତା ଛାତ୍ରୀଙ୍କ କଟକରେ ଶବ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ମରଶରୀର କାଠିଆପଡା ଗ୍ରାମରେ ପହଞ୍ଚିବା ପରେ ଗ୍ରାମ ଶ୍ମଶାନରେ ତାର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତା ଛାତ୍ରୀଙ୍କ ଶେଷକୃତ୍ୟ ପରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଆଜି ଅପରାହ୍ନରେ କେନ୍ଦ୍ରାପଡ଼ା ଏସ୍‌ପି ଓ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି ପୁଲିସ ଓ ସାଇଣ୍ଟିଫିକ୍ ଟିମ ସହିତ କାଠିଆପଡା ଗ୍ରାମରେ ଥିବା ମୃତାଛାତ୍ରୀଙ୍କ ଘରେ ପହଞ୍ଚି ଛାତ୍ରୀ ନିଆଁରେ ପୋଡି ହୋଇ ମରିଥିବା ଘର ଛାତ ଉପରକୁ ଯାଇ ମୃତ୍ୟୁର କାରଣ ଓ ପାରିପାର୍ଶ୍ୱିକ ଅବସ୍ଥା ନିରୀକ୍ଷଣ କରିଥିଲେ। ପୁଲିସ ତାଙ୍କ ପରିବାର ଲୋକମାନଙ୍କ ସହିତ ଗ୍ରାମବାସୀ ଓ ସାହିପଡ଼ିଶାଙ୍କ ମତାମତ ସଂଗ୍ରହ କରୁଛି। ଖୁବ୍‌ଶୀଘ୍ର ଛାତ୍ରୀ ଆତ୍ମଦାହ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ହିଁ ଛାତ୍ରୀ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ କରିବ । ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବ୍ଲକ୍ ବିଲିକଣା ପଞ୍ଚାୟତ ତେରୋହୀ ଗ୍ରାମରେ ଥିବା ମୃତା ଛାତ୍ରୀଙ୍କ ପ୍ରେମିକ ପ୍ରମୋଦ ବେହେରାଙ୍କ ବାପା ଗଣେଶ୍ୱର ବେହେରା ମା ଓ ଭଉଣୀ ତଥା ଗ୍ରାମବାସୀ ଏହି ମାମଲାରେ ନିରୀହ ପ୍ରମୋଦଙ୍କୁ ମୃତା ଛାତ୍ରୀଙ୍କ ପରିବାର ଲୋକମାନେ ଫସାଇ ଦେଇଛନ୍ତି। ପ୍ରମୋଦ ସଂପୂର୍ଣ୍ଣ ନିରୀହ। ତାଙ୍କର ଏଥିରେ କୌଣସି ସମ୍ପୃକ୍ତି ନାହିଁ। ଛାତ୍ରୀଙ୍କ ଆତ୍ମଦାହ ଓ ମୃତ୍ୟୁ ପାଇଁ ତାଙ୍କ ପରିବାର ଲୋକମାନେ ଦାୟୀ ବୋଲି ପ୍ରେମିକଙ୍କ ପରିବାର ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ତଥା ପୋଲିସ ପ୍ରଶାସନ ଉପଯୁକ୍ତ ତଦନ୍ତ କରି ଛାତ୍ରୀ ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚନ କରିବାକୁ ମୃତା ଛାତ୍ରୀଙ୍କ ପ୍ରେମିକଙ୍କ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି।

## ଅଟକ ଏସ୍‌ଡିଓଙ୍କୁ ଛାଡ଼ିଲେ ଗ୍ରାମବାସୀ




**କେନ୍ଦ୍ରାପଡ଼ା,୮।୮/ଏନ୍‌ଏନ୍‌ଏସ୍:** ନିମ୍ନମାନର ରାସ୍ତାକାମ ଯୋଗୁଁ ପଟ୍ଟାମୁଣ୍ଡାଇ ଆର୍‌ଡି ଏସ୍‌ଡିଓଙ୍କୁ ଗ୍ରାମବାସୀମାନେ ଅଟକ ରଖିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରେ ହୋଇଥିବା ଏକ ରାସ୍ତାକାମ ଦେଖିବାକୁ ଏସ୍‌ଡିଓ ଘଟଣାସ୍ଥଳୁ ଯାଇଥିଲେ। ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ କରି ଗ୍ରାମବାସୀମାନେ ଆର୍‌ଡି ଏସଡିଓଙ୍କୁ ଅଟକ ରଖିଥିଲେ। ପରେ ଏସଡିଓ ଏହି ରାସ୍ତା କାମ ୧୫ ଦିନ ମଧ୍ୟରେ ମରାମତି କରିବା ସହିତ ଜେଇଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀଙ୍କ ଠାରୁ ମୁକୁଳିଥିଲେ। ଏ ଘଟଣା ଏବେ ସାରା ଜିଲ୍ଲାରେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

## ୨୩୬ ଲିଟର ଚୋରାମଦ ଜବତ, ୬ଗିରଫ



**କେନ୍ଦ୍ରାପଡ଼ା,୮।୮/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚୋରାମଦ ଜବତ କରାଯିବା ସହିତ ୬ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ, ମାଲଦିହ ଗ୍ରାମର ଗଗନ ସ୍ୱାଇଁ(୬୦)ଙ୍କ ଠାରୁ ୪୫ଲିଟର ଚୋରା ଦେଶୀମଦ, ତୁଳସୀପୁର ଗ୍ରାମର ଖଗେଶ୍ୱର ସ୍ୱାଇଁ(୬୨)ଙ୍କ ଠାରୁ ୪୦ଲିଟର ଚୋରା ଦେଶୀମଦ,ନୂଆଗାଁ ଗ୍ରାମର ଦେବାଶିଷ ବେହେରା(୨୮)ଙ୍କ ଠାରୁ ୪୫ଲିଟର ଚୋରା ବିଦେଶୀମଦ, ତେରଗାଁ ଗ୍ରାମର ରଞ୍ଜନ ପରିଡା(୪୨)ଙ୍କ ଠାରୁ ୪୭ଲିଟର ଚୋରା ବିଦେଶୀ ମଦ, ସେହି ଗ୍ରାମର ପ୍ରକାଶ ଚନ୍ଦ୍ର ସାହାଣୀ(୭୦)ଙ୍କ ଠାରୁ ୧୮ଲିଟର ଚୋରା ଦେଶୀମଦ ଓ ବାଲିଶୁଆଁ ଗ୍ରାମର ବିଜ୍ଞାନ ଚୌଧୁରୀ(୩୬)ଙ୍କ ଠାରୁ ୪୧ଲିଟର ଚୋରା ଦେଶିମଦ ଜବତ କରାଯିବା ସହ ସମସ୍ତ ୬ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୨୩୬ଲିଟର ଚୋରା ଦେଶି ଓ ବିଦେଶୀ ମଦ ସହିତ ଏକ ମୋଟର ସାଇକେଲ ଜବତ କରାଯାଇଛି। ଏଥିରେ ସଂପୃକ୍ତ ଥିବା ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହି ଚଢାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲ୍ଲିକ କହିଛନ୍ତି। ଏହି ଚଢାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରୀକ୍ଷକ କଳ୍ପନା ରାଉତଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ସାମ୍ବାଦିକଙ୍କୁ ରାଖୀ ବାନ୍ଧିଲେ ବ୍ରହ୍ମକୁମାରୀ ଭଉଣୀ



**ପାରାଦୀପ,୮।୮/ଏନ୍‌ଏନ୍‌ଏସ୍:** ସମାଜରେ ଶାନ୍ତି,ଶୃଙ୍ଖଳା, ମୈତ୍ରୀ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି। ତେବେ ପ୍ରତ୍ୟକବର୍ଷ ରାଖୀପୂର୍ଣ୍ଣିମା ଅବସରରେ ସାମ୍ବାଦିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇ ସେମାନଙ୍କୁ ରାଖୀ ବାନ୍ଧିଥାନ୍ତି ବ୍ରହ୍ମକୁମାରୀର ଭଉଣୀମାନେ। ଏହି ରକ୍ଷାବନ୍ଧନ ପରିପ୍ରେକ୍ଷୀରେ ପାରାଦୀପର ମଧୁବନ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅପରାହ୍ନରେ ଏକ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଭଉଣୀ ସୁମନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ ଓ ସ୍ୱାଗତ କରାଯାଇ ସେମାନଙ୍କୁ ରାଖୀ ବନ୍ଧା ଯାଇଥିଲା। ଏହି ଅବସରରେ ଭଉଣୀ ସୁମନ ସମାଜର ସୁରକ୍ଷା ନିମନ୍ତେ ସାମ୍ବାଦିକମାନଙ୍କ ଭୂମିକା ଓ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଥିରେ ଆୟୋଜିତ ଧାର୍ମିକ ସଭାରେ ଭଉଣୀ ସୁମନଙ୍କ ସମେତ ବ୍ରହ୍ମ କୁମାରୀ ଅନୁଷ୍ଠାନର ସଦସ୍ୟ ବିବେକାନନ୍ଦ ନାୟକ ଏବଂ ରାଜେଶ ରଞ୍ଜନ ଉପସ୍ଥିତ ରହି ଆତ୍ମାର ସହ ବିଚାର କରି ସମ୍ବାଦ ପରିବେଷଣ କରିବାକୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉତ୍ସାହିତ କରିଥିଲେ।

## ତାଳଚେର ନିତ୍ୟାନନ୍ଦ ଆଶ୍ରମରେ ଝୁଲଣ ଯାତ୍ରା

**ତାଳଚେର,୮।୮/ଏନ୍‌ଏନ୍‌ଏସ୍:** ତାଳଚେର ଟାଉନ ସ୍ଥିତ ଶ୍ରୀ ଶ୍ରୀ ପ୍ରଭୁ ନିତ୍ୟାନନ୍ଦଙ୍କ ଆଶ୍ରମରେ ପ୍ରସିଦ୍ଧ ଝୁଲଣଯାତ୍ରାର ଆରମ୍ଭ ହୋଇଯାଇଛି। ୭ଦିନବ୍ୟାପି ଅନୁଷ୍ଠିତ ହେବ ଏହି ବର୍ଷାକାଳୀନ ରାହାସ ଉତ୍ସବ। ମଠ, ମନ୍ଦିର ଝୁଲଣକୁଞ୍ଜରେ ଝୁଲୁଛନ୍ତି ଦେବାଦେବୀ। ଶ୍ରୀ ଝୁଲଣରେ ବିଜେ ହୋଇଛନ୍ତି ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ। ମଠରରେ ସୁସଜ୍ଜିତ ଝୁଲଣକୁଞ୍ଜରେ ରାଧାକୃଷ୍ଣ ଓ ଶ୍ରୀ ରଘୁନାଥ ଜିଉ। କୁଞ୍ଜ କାନନର ପଶୁପକ୍ଷୀର କଳେବର ମଧ୍ୟରେ ଠାକୁର ଝୁଲୁଛନ୍ତି ଓ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଜମୁଛି। ମଠ ମଧ୍ୟରେ ସନ୍ଧ୍ୟାରେ ସମୟରେ ମୁଖ୍ୟତଃ ଝୁଲଣ ଦେଖିବାକୁ ଦର୍ଶନାର୍ଥୀଙ୍କ ଭିଡ଼ ଲାଗୁଛି। ଆଜି ଠାରୁ ଝୁଲଣଯାତ୍ରାର ସ୍ୱତନ୍ତ୍ର ବିଧିବିଧାନ ଆରମ୍ଭ ହୋଇଛି। ଠାକୁରଙ୍କ ମଧ୍ୟାହ୍ନ ଧୂପ ପରେ ମଇଲମ କରାଯାଇ ଭୂଦେବୀ ଓ ଶ୍ରୀ ଦେବୀ ଦକ୍ଷିଣଘରର ଖଟଶେଯ ଉପରେ ବିଜେ ହୋଇଥିଲେ। ମହାପ୍ରଭୁ ଆଜ୍ଞାମାଳ ପାଇଲା ପରେ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଶ୍ରୀ ମଦନମୋହନ ରାତି ରାତି ୮ଘଟିକାରେ ମୁକ୍ତି ମଣ୍ଡପ ଝୁଲଣ କୁଞ୍ଜକୁ ବିଜେ କରିଥିଲେ। ସ୍ୱତନ୍ତ୍ର ନୀତି ସହ ଭୋଗ ଓ ବିଡ଼ିଆ ମଣୋହୀ କରାଯାଇଥିଲା। ଏହାପରେ ନିଜ ନିଜ ଆସ୍ଥାନକୁ ବାହୁଡ଼ିଥିଲେ ଠାକୁରେ। ମୁକ୍ତି ମଣ୍ଡପରେ ଝୁଲଣ ସାଜସାଜ୍ଜା ଦେଖି ଭକ୍ତମାନେ ଆନନ୍ଦରେ ଭାବିହ୍ୱଳ ହୋଇ ଯାଇଥିଲେ। ଏହି କାର୍ଯ୍ୟକ୍ରମ ଆଶ୍ରମର ସେବକ ଗୋଲଖଚନ୍ଦ୍ର ଆଚାର୍ଯ୍ୟ, ବାବା ଆନନ୍ଦ ଗୋପାଳ, ଜିତୁ ଶତପଥୀ, ଅକ୍ଷୟ ମହାରଣା, ଦେବେନ୍ଦ୍ର ସାହୁ, କୁମାର ରମେଶ, ଟୁଟୁ, ଅକେ, ପିଙ୍କୁ, ଶିବା ଓ ଅନ୍ୟଭକ୍ତମାନେ ପୂଜାକାନ୍ତିରେ ଉପସ୍ଥିତଥିଲେ। ଦୈନନ୍ଦିନ ନାମସଂକୀର୍ତ୍ତରେ ମଠ ପରିବେଶରେ ଏକ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରୁଛି।

## ବସ୍ ଦୁର୍ଘଟଣାଗ୍ରସ୍ତ, ୧୫ରୁ ଊର୍ଦ୍ଧ୍ୱ ଆହତ



**ଢେଙ୍କାନାଳ,୮।୮/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗରୁ ଭୁବନେଶ୍ୱର ଯାଉଥିବା ଜଗନ୍ନାଥ ନାମକ ଏକ ଯାତ୍ରୀ ବାହୀ ବସ ଦୁର୍ଘଟଣା ଗ୍ରସ୍ତ ହୋଇଛି। ତୁମୁସିଂହା କନ୍ତିଓ ପୁଟସାହି କେନାଲ ରାସ୍ତାରେ ବସଟି ଭାରସାମ୍ୟ ହରାଇ ରେଙ୍ଗାଲି ଶାଖା କେନାଲକୁ ଓଲଟି ପଡଥିଲା। ଫଳରେ ଦୁର୍ଘଟଣା ଗ୍ରସ୍ତ ବସରୁ ଯାତ୍ରୀମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ସେମାନଙ୍କ ମଧ୍ୟରୁ ଆହତ ହୋଇଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଅଁଳା ବେରଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ବସ୍‌ରେ ପ୍ରାୟ ୫୦ଜଣ ଯାତ୍ରୀ ଥିଲେ ବୋଲି ଜଣାପଡିଛି। ଆହତ ଯାତ୍ରୀମାନେ ପରଜଙ୍ଗ ଓ ଭୁବନେଶ୍ୱର ଅଞ୍ଚଳର ବୋଲି ସୂଚନା ମିଳିଛି। ପରଜଙ୍ଗ ଥାନା କୁମୁସୀ ଗ୍ରାମରୁ ଜଗନ୍ନାଥ ନାମକ ଏକ ଯାତ୍ରୀବାହୀ ବସ ଶୁକ୍ରବାର ଭୁବନେଶ୍ୱର ଅଭିମୁଖେ ଯାଉଥିଲା।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

**କୁଆଖିଆ,୮।୮/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅଞ୍ଚଳର ଜନୈକ ଯୁବତୀଙ୍କୁ କୋଲଡ୍ରିଙ୍କ୍ସରେ ନିଶାଦେଇ ଅସଦାଚରଣ କରିଥିବା ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। କୁଆଖିଆ ପୁଲିସ କେଶ ନଂ ୩୦୭/୨୦୨୫ରେ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲେ। ପୁଲିସ ଆଜି ଯୁବତୀଙ୍କୁ ଉଦ୍ଧାର କରି ଅଭିଯୁକ୍ତ ବେତଣ୍ଡା ଗ୍ରାମର ଦିବାକର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଆଜି ଦିବାକରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**କଙ୍କଡ଼ାହାଡ,୮।୮/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲାରେ ବାଲ୍ୟବିବାହ ନିରାକରଣ ଓ ଶିଶୁଅଧିକାର ଉଲଂଘନ ଉପରେ ସଚତନତା ସକାଶେ କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ଦଧିବାମନ ଉଚ୍ଚ ବିଦ୍ୟାଳୟ କନ୍ଧରା ଠାରେ ସଚେତନ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ଉପସ୍ଥିରେ ଶିଶୁମାନଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବାଲ୍ୟବିବାହ,ଶିଶୁଚାଲାନ, ଶିଶୁଯୌନ ନିର୍ଯାତନା,ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ ତଥା ଏହାର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା । ବାଲ୍ୟବିବାହ ତଥା ଶିଶୁ ଶ୍ରମ ଉପରେ ନିୟୋଜିତ କରୁଥିବା ଲୋକଙ୍କପାଇଁ ଭାରତୀୟ ଆଇନ ଅନୁଯାୟୀ ବାଲ୍ୟବିବାହ ଦଣ୍ଡବିଧାନ ଓ ନିୟମାବଳୀ ଓ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮, ପୁଲିସ୍ ସହାୟତା ନମ୍ବର ୧୧୨ ଅବଗତ କରାଯାଇଥିଲା। ଏହି ସବୁ କାର୍ଯ୍ୟକ୍ରମର ଆୟୋଜକ ଓ ପରିଚାଳନା ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର, ମାନି ସ୍ୱାଇଁ, ମନସ୍ମିତା ନାୟକ ଓ ପୂର୍ଣ୍ଣିମା ସାହୁ କରିଥିଲେ।

## ଯାଜପୁର ଗସ୍ତରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ



**ଯାଜପୁର,୮।୮/ଏନ୍‌ଏନ୍‌ଏସ୍:** ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଯାଜପୁର ଜିଲ୍ଲା ଗସ୍ତରେ ଆସି ଯାଜପୁର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଯାଜପୁର ଓ ବ୍ୟାସନଗର ମ୍ୟୁନିସିପାଲିଟିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସାଧାରଣ ଲୋକଙ୍କୁ ସେବା ଯୋଗାଇଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କିଛି ଦିନ ପୂର୍ବରୁ ଜିଲ୍ଲାରେ ହଇଜା ସଂକ୍ରମଣ ବ୍ୟାପକ ହୋଇଥିଲା। ଲୋକମାନଙ୍କର ଜୀବନ ସୁରକ୍ଷା ଆମର ଦାୟିତ୍ୱ। ୨୦୧୪ ମସିହା ଠାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତକୁ ଗୁରୁତ୍ୱ ଦେଲେ। ସ୍ୱଚ୍ଛତା ହିଁ ସଭ୍ୟତା ଏହା ଆମର ପରିଚୟ। ଯାଜପୁର ସହରରେ ବିଭିନ୍ନ ସ୍ଥାନରେ ଅଳିଆ ଜମା ହୋଇରହୁଛି। ଡମ୍ପିଂ ୟାର୍ଡରୁ ଅଳିଆ ଯାଇ ନଦୀରେ ମିଶୁଛି। ଏହା ଦ୍ୱାରା ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସହରର ସ୍ଥିତିକୁ ସୁଧାରିବାକୁ ପଡ଼ିବ। ସରକାର ସଦାସର୍ବଦା ଲୋକଙ୍କ ସେବାକୁ ଗୁରୁତ୍ୱ ଦେଉଛନ୍ତି। ସମସ୍ତେ ମିଳିମିଶି କାମ କରିବା ଏବଂ ଲୋକଙ୍କୁ ମୌଳିକ ସେବା ଯୋଗାଇଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସହରର ପରିଷ୍କାର ପରିଚ୍ଛନ୍ନତା, ରାସ୍ତାଘାଟ ନିର୍ମାଣ, ସ୍ୱଚ୍ଛ ପାନୀୟଜଳ ଯୋଗାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ କୋରେଇ ବିଧାୟକ ଆକାଶ ଦାସନାୟକ, ରଞ୍ଜୁଲତା ହୋତା, ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସହର ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଉପସ୍ଥିତ ରହି ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣ, ପେଭର ରୋଡ, ଡ୍ରେନେଜ ବ୍ୟବସ୍ଥା, ସିଏଫ୍‌ସି, ଏସଏଫ୍‌ସି ଫଣ୍ଡ ବିନିଯୋଗ, ଟ୍ୟାକ୍ସ କଲେକ୍ସନ, ସହରାଞ୍ଚଳ ପୋଖରୀ ଉନ୍ନତିକରଣ, ଗାରିମା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ, ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ ଲାଇଟ୍, ପାର୍କ, ଆହାର କେନ୍ଦ୍ର, ପିଏମ୍ ସ୍ୱନିଧି, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ମଶା ନିରାକରଣ ତୈଳ ଉପଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ସକାଳେ ମନ୍ତ୍ରୀ ଡା. ମହାପାତ୍ର ବିରଜା ମା' ଙ୍କ ମନ୍ଦିର ଦର୍ଶନ କରି ୧୬ ନମ୍ବର ୱାର୍ଡର ସବର ସାହି ବୁଲି ଭୂମିହୀନ ପରିବାରଙ୍କ ସହିତ ଆଲୋଚନା କରିଥିଲେ।

## ମୁଖ୍ୟ ଗେଟ୍‌ରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ



**ଢେଙ୍କାନାଳ,୮।୮/ଏନ୍‌ଏନ୍‌ଏସ୍:** ସଦର ବ୍ଲକ୍ ବଳଭଦ୍ରପୁର ଭାନିରାମ ଆଦର୍ଶ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ଛାତ୍ରଛାତ୍ରୀମାନେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ବିଦ୍ୟାଳୟରେ ଥିବା ସଂସ୍କୃତି ଶିକ୍ଷୟିତ୍ରୀ ପ୍ରମିଳା ବେହେରା ସବୁବେଳେ ଛାତ୍ରଛାତ୍ରୀମାନଙ୍କୁ ଖରାପ ବ୍ୟବହାର କରୁଥିବା ଏବଂ ଠିକରେ ପାଠ ପଢ଼ାଉ ନଥିବା ଅଭିଯୋଗରେ ଛାତ୍ରଛାତ୍ରୀମାନେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ତୁରନ୍ତ ବିଦ୍ୟାଳୟରୁ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପାଇଁ ଦାବି କରିଛନ୍ତି। କେବଳ ଛାତ୍ରଛାତ୍ରୀ ନୁହେଁ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ବାଦପଡୁ ନାହାଁନ୍ତି। ଏପରିକି ସ୍କୁଲ କମିଟି ବସିଲେ ମଧ୍ୟ ସେଥିରେ ସହଯୋଗ କରନ୍ତି ନାହିଁ। ପୂର୍ବରୁ ଛାତ୍ରଛାତ୍ରୀମାନେ ଏହାକୁ ନେଇ ଆନ୍ଦୋଳନ କରିଥିଲେ। ସେହି ଘଟଣାକୁ ନେଇ ସ୍କୁଲରେ କମିଟରେ ଆଲୋଚନା ହୋଇଥିଲା। ପୁଣି ଶିକ୍ଷୟିତ୍ରୀ ଜଣଙ୍କ ପିଲାମାନଙ୍କୁ ଧମକ ଚମକ ଦେବାରୁ ପିଲାମାନେ ଆଜି ଆନ୍ଦୋଳନ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି।

**କଲେଜ ଛାତ୍ରୀ ମୃତ୍ୟୁ ଘଟଣା**

## କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବିରେ ଦାବିପତ୍ର



**କେନ୍ଦ୍ରାପଡ଼ା,୮।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳଙ୍କ ସଂଯୋଜନାରେ ଗୁରୁବାର ଦଳ ପକ୍ଷରୁ ପଟ୍ଟାମୁଣ୍ଡାଇ କାଠିଆପଡା ମହାବିଦ୍ୟାଳୟର କଲେଜ ଛାତ୍ରୀ କିରୋସିନି ଢାଳି ହୋଇ ଆତ୍ମହତ୍ୟା କରିଥିବା ଘଟଣାକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଓ ନେତୃବୃନ୍ଦ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦ୍ରୁତଗତିରେ ଭୁଷୁଡ଼ି ପଡୁଛି । ନାରୀ ନିର୍ଯାତନା, ଧର୍ଷଣ, ଗଣଧର୍ଷଣ ଆଦି ଜଘନ୍ୟ ଅପରାଧ ନିରବଚ୍ଛିନ୍ନ ଭାବେ ଘଟିଚାଲିଛି ।ପୁଲିସର ଅଭାବନୀୟ ରାଜନୀତିକରଣ ହେତୁ ଆଇନର ଶାସନ ବାଟ ହୁଡ଼ିଛି। ଅଯୋଗ୍ୟ, ଅପାରଗ ତଥା ପଇସାଖୋର ପୁଲିସ ଅଧିକାରୀମାନେ ସରକାରଙ୍କ ବାହୁଛାୟାର ସୁରକ୍ଷା ପାଇଁ ଆଇନର ଶାସନକୁ ଫୁ କରିଚାଲିଛନ୍ତି। ପୁଲିସ ନିଷ୍କ୍ରିୟତା ତଥା ସଙ୍ଗୀନ ଅପରାଧ ଏବଂ ଅପରାଧୀଙ୍କ ପ୍ରତି ଉଦାସୀନତା ହେତୁ କେନ୍ଦ୍ରାପଡ଼ା ଜିଲ୍ଲାର କାଠିଆପଡ଼ା ଗ୍ରାମର ଜଣେ +୩ ରାଜନୀତି ବିଜ୍ଞାନ ସ୍ନାତକ ଛାତ୍ରୀ ପି.ବି. ସଙ୍ଗୀତାଙ୍କ ମୂଲ୍ୟବାନ ଜୀବନ ବଳି ପଡିଛି । ପୀଡ଼ିତାଙ୍କ ପିତାଙ୍କ ଅଭିଯୋଗ ଅନୁସାରେ ୬ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ତାଙ୍କ ତରଫରୁ ତାଙ୍କ ଝିଅକୁ ବ୍ଲାକ୍‌ମେଲ୍ କରୁଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ ଯଦି ତତ୍‌କ୍ଷଣାତ୍ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା, ଏକ ଦୁର୍ଲ୍ଲଭ ଜୀବନ ରକ୍ଷା କରାଯାଇ ପାରିଥାନ୍ତା। ଅଭିଯୋଗର ତଦନ୍ତ ମଧ୍ୟ ଏଡ଼ାଇ ଦିଆଗଲା। ଫକୀରମୋହନ କଲେଜର ସୌମ୍ୟାଶ୍ରୀ, ବଳଙ୍ଗାର ପରେ କାଠିଆପଡ଼ାର ପି.ଡ଼ି. ସଙ୍ଗୀତା । ମାତ୍ର ୧ ମାସ ମଧ୍ୟରେ ତିନିଟି ଲୋମହର୍ଷଣକାରୀ ଅଘଟଣ କେବଳ ବିଜେଡ଼ିକୁ ନୁହେଁ ସମଗ୍ର ରାଜ୍ୟବାସୀଙ୍କୁ ପୀଡ଼ିତ କରିଛି। ଦାବି ଗୁଡିକ ମଧ୍ୟରେ ଛାତ୍ରୀ ପୋଡି ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ, ସଂପୃକ୍ତି ପୁଲିସ ଅଧିକାରୀଙ୍କୁ ନିଲମ୍ବନ, ଛାତ୍ରୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ସହିତ ପୁଲିସ ମୁଖ୍ୟଙ୍କୁ ଏଠାରୁ ବଦଳି କରିବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ମହିଳା ସଭାପତି ରୋସନା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଶ୍ମୀ ରଞ୍ଜନ ରାଉତ, ହିରଣ୍ୟ କୁମାର ପଣ୍ଡା, ମିର୍ ମୁରସିଦ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ଜିତ ଜେନାଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବି



**ଧର୍ମଶାଳା,୮।୮/ଏନ୍‌ଏନ୍‌ଏସ୍:** ଧର୍ମଶାଳାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ କ୍ରସର କର୍ମଚାରୀ ଅର୍ଜିତ ଜେନାଙ୍କ ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରୁନଥିବାରୁ ଆଜି ଧର୍ମଶାଳା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରକାଶ, ଜାରକାରେ ରହୁଥିବା ଅମୂଲ୍ୟ ଜେନାଙ୍କ ପୁଅ ଅର୍ଜିତ ଜେନା କ୍ରସରରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। କିଛି ଟଙ୍କା ହେରଫେର ହୋଇଥିବା ଅଭିଯୋଗ ଆଣି ଅର୍ଜିତଙ୍କୁ ଏକ କୋଠରୀରେ ଅଟକ ରଖି ୪ଜଣ ମାଡ଼ ମାରିଥିଲେ। ଫଳରେ ଅର୍ଜିତ ଗୁରୁତ୍ୱର ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି କଟକ ମେଡିକାଲରେ ଚିକିତ୍ସା କରାଇ ଥିଲେ। ଚିକିତ୍ସା ଚାଲିଥିବା ବେଳେ ମେ ୧ତାରିଖରେ ତାଙ୍କର ମୃତ୍ୟୁ ହେଇଥିଲା। ଏହି ହତ୍ୟା ଘଟଣାରେ ସଂପୃକ୍ତ ୪ ଜଣଙ୍କ ମଧ୍ୟରୁ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜ୍ଞାନ ରଞ୍ଜନ ମହାପାତ୍ରଙ୍କୁ ପୁଲିସ ଅଦ୍ୟାବଧି ଗିରଫ କରୁନାହିଁ। ପୁଲିସର ନିଷ୍କ୍ରିୟତାକୁ ବିରୋଧ କରି ଆଜି ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟ ଅଭିଯୁକ୍ତଙ୍କୁ ୭ଦିନ ମଧ୍ୟରେ ଗିରଫ କରିବାକୁ ଦାବି କରିଛି। ନଚେତ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସେହିପରି ଧର୍ମଶାଳାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅଭିଯୋଗ କରିଛି କଂଗ୍ରେସ। ଏଥିରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା,ପ୍ରଫୁଲ୍ଲ କୁମାର ରାୟ, ପୂର୍ଣ୍ଣଚନ୍ଦ୍ର ତରେଇ ,ଲକ୍ଷ୍ମୀଧର ନାୟକ, ନରୋତ୍ତମ ନାୟକ, ନକୁଳ ଜେନା, ଯୁବନେତା ସଞ୍ଜୟ କୁମାର ରାଉତ, ଦୀପକ ବଳ, ମିହିର ଖୁଣ୍ଟିଆ, ଉଗ୍ରସେନ ମହାନ୍ତି, ଗଗନ ବିହାରୀ ରାଉତ, ମକରଧ୍ୱଜ ରାଉତ, କେଶବ ଚନ୍ଦ୍ର ମଲିକ, ପ୍ରମୋଦ କୁମାର ମହାନ୍ତି, ଉମାକାନ୍ତ ସାମଲ, ସୁଦାମ ରାଉତ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଖୀ ତିଆରି ପ୍ରତିଯୋଗିତା



**ବଡଚଣା,୮।୮/ଏନ୍‌ଏନ୍‌ଏସ୍:** ବଡଚଣା ବ୍ଲକ୍ ଅଧିନସ୍ଥ ଚଣ୍ଡିଖୋଲ ଛକ ସନ୍ନିକଟ ସେଣ୍ଟ୍ ଜାଭିୟର୍ ପବ୍ଲିକ୍ ସ୍କୁଲରେ ରାଖୀ ବନ୍ଧନ ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରାଖୀ ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସେଣ୍ଟ୍ ଜାଭିୟର୍ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ରବିନ୍ଦ୍ର କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଏହି ସ୍କୁଲ୍‌ର ୪ର୍ଥ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କର୍ଯ୍ୟକର୍ମକୁ ସ୍କୁଲ୍‌ର ଗୁରୁମା ଅନିତା ମହାରଣା, ମନିଷା ଭଗତ, ସାଇନାଜ୍ ପରବିନ, ଶିକ୍ଷକ ଚିରଞ୍ଜିବ ମିଶ୍ର, ମାନସ ସାମଲ ପ୍ରମୁଖ ସମ୍ପୂର୍ଣ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ଏକ ଶତ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଦୁଷ୍ମନ୍ତ ପଣ୍ଡା ଛାତ୍ର ଛାତ୍ରୀମାନଙ୍କ ଆଗ୍ରହ ଦେଖି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା।

# ଆଇନ ସଚେତନତା ଶିବିର

**ପୁରୀ,୮।୮/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଗଷ୍ଟ ୮ ତାରିଖରେ ଅପରାହ୍ଣ ୪ଟାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ମିଳନୀ କକ୍ଷଠାରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନର ପ୍ରତିରୋଧ ଓ ପ୍ରତିକାର ଅଧିନିୟମ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ସୁଶାନ୍ତ କୁମର ମିଶ୍ର ଏବଂ ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ନିରୋଧ ଆଇନରେ ଥିବା ବିଭିନ୍ନ ବ୍ୟବସ୍ଥା, ଅଭିଯୋଗ କମିଟି, ପୀଡ଼ିତାଙ୍କୁ ଆଇନ ସହାୟତା ଓ ଆର୍ଥିକ କ୍ଷତିପୂରଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ପରିତୋଷ କୁମାର ସେଠୀ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିବା ସହ କର୍ମକ୍ଷେତ୍ରରେ ମହିଳାମାନେ ନିଜକୁ କିପରି ସୁରକ୍ଷା ଦେଇପାରିବେ ସେ ବିଷୟରେ ଅଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିବାର ଅଦାଲତ ଜଜ୍ ସୁମିତା ଜେନା, ତୃତୀୟ ଅତିରିକ୍ତ ଜିଲ୍ଲାଜଜ୍ ଚିନ୍ମୟୀ ଦେହୁରି, ଅନ୍ୟାନ୍ୟ ବିଚାରପତି ଏବଂ ଜିଲ୍ଲା କୋର୍ଟର ମହିଳା କର୍ମଚାରୀବୃନ୍ଦ ଯୋଗ ଦେଇଥିଲେ ।

## ଅନ୍‌ଲାଇନ୍ ଉପସ୍ଥାନକୁ ବିରୋଧ

# ଜିଲ୍ଲାସ୍ତରୀୟ ଆନ୍ଦୋଳନ ପାଇଁ ଶିକ୍ଷକ ସଂଘର ପ୍ରସ୍ତୁତି

**ନୟାଗଡ଼,୮।୮/ଏନ୍ଏନ୍ଏସ୍:** ଅନ୍‌ଲାଇନ୍ ଉପସ୍ଥାନକୁ ବିରୋଧ କରି ଚଳିତ ମାସ ୧୩ ତାରିଖରେ ନୟାଗଡ଼ ଜିଲ୍ଲା ମିଳିତ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାସ୍ତରରେ ଏକ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି । ଏ ନେଇ ଜିଲ୍ଲାର ସମସ୍ତ ୮ଟି ବ୍ଲକରେ ବ୍ଲକ ଶିକ୍ଷକ ସଂଘଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ବୈଠକ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ, ଆଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ପ୍ରଭୃତି ଜିଲ୍ଲାସ୍ତରୀୟ ଆନ୍ଦୋଳନରେ ସାମିଲ ହୋଇ ସରକାରଙ୍କ ଅନଲାଇନ ଉପସ୍ଥାନ ନିଷ୍ପତ୍ତିକୁ ଜୋରଦାର ବିରୋଧ କରିବେ ବୋଲି ଜଣାପଡ଼ିଛି । ଆନ୍ଦୋଳନରେ ଭାଗ ନେଉଥିବା ଶିକ୍ଷକମାନଙ୍କ କହିବା କଥା ହେଲା ସରକାର ଅନ୍ୟ କୌଣସି ବିଭାଗର କର୍ମଚାରୀ ମାନଙ୍କ ପାଇଁ ଅନଲାଇନ ଉପସ୍ଥାନ ବ୍ୟବସ୍ଥା ଲାଗୁ କରି ନଥିବା ବେଳେ ମାର ମାର ଭଣ୍ଡାରିଆକୁ ମାର ନ୍ୟାୟରେ କେବଳ ଶିକ୍ଷକମାନଙ୍କ କ୍ଷେତ୍ରରେ କ'ଣ ପାଇଁ ଲାଗୁ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ଅନଲାଇନ ଉପସ୍ଥାନ ପାଇଁ ଆବଶ୍ୟକ ଉପକରଣ, ୱାଇଫାଇ ସେବା, ଡାଟା ଏଣ୍ଟ୍ରି ଅପରେଟର ବିଦ୍ୟାଳୟ ଗୁଡ଼ିକୁ ଯୋଗାଇ ନଦେଇ ସରକାର କେବଳ ଅନଲାଇନ୍ ଉପସ୍ଥାନ ପାଇଁ ବାଧ କରୁଥିବାରୁ ଶିକ୍ଷକମାନେ ଏହାର ପ୍ରତିବାଦ କରିବା ସହିତ ଆସନ୍ତା ୧୩ ତାରିଖରେ ଜିଲ୍ଲା ସଦର ମହକୁମାରେ ଏକ ବିଶାଳ ରାଲି ଏବଂ ପ୍ରତିବାଦ ସଭାର ଆୟୋଜନ କରାଯାଇଛି । ସେହିଦିନ ମଧ୍ୟାହ୍ନରେ ସମସ୍ତ ବର୍ଗର ଶିକ୍ଷକ ମାନେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଏକତ୍ରିତ ହୋଇ ସେଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସି ପ୍ରତିବାଦ ସଭା କରିବା ସହିତ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି । ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହିତ ସମସ୍ତ ବିଧାୟକଙ୍କୁ ଘେରାଉ ତଥା ରାଜ୍ୟସ୍ତରରେ ଏହାକୁ ଜୋରଦାର କରାଯିବା ପାଇଁ ଶିକ୍ଷକ ସଂଘମାନେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି ।



# ଅଟୋ ଓଲଟି ୫ ଆହତ

**କଣାସ,୮।୮/ଏନ୍ଏନ୍ଏସ୍:** ଆଜି ଦିନ ୧୨ଟାରେ ନୂଆ ଜଗନ୍ନାଥ ସଡ଼କର ବରୁଣେଇ ଶଙ୍ଖ ନିକଟରେ ଏକ ଅଟୋ ଓଲଟିପଡ଼ିବାରୁ ୫ ଜଣ ଆହତ ହୋଇଛନ୍ତି । ଆଜି ପୁରୀରୁ ଜଗନ୍ନାଥ ଦର୍ଶନ ସାରି ବରାଳ ବାଲୁଙ୍କେଶ୍ୱର ମନ୍ଦିର ଦର୍ଶନ କରି ସାରିବା ପରେ ଖଲ୍ଲିକୋଟ ନିକଟ ଲଙ୍ଗଳେଶ୍ୱର ଗ୍ରାମକୁ ଓଡି ୩୪ ଜେ ୨୮୧୬ ନମ୍ବର ଅଟୋରେ ୫ ଜଣ ଫେରୁଥିଲେ । ଏହି ସମୟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ନୂଆ ଜଗନ୍ନାଥ ସଡ଼କର ବରୁଣେଇ ଶଙ୍ଖ ନିକଟରେ ଅଟୋଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ସେଥିରେ ୫ ଜଣ ବ୍ୟକ୍ତି ଥିବାବେଳେ ସମସ୍ତେ ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣା ଯାଇଥିଲା । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । କଣାସ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋ ଜବତ ସହିତ ଡ୍ରାଇଭରକୁ ଅଟକ ରଖିଛି ।


**AFFIDAVIT**

I, Laxmi Balmuchu, W/o- Bhima Balmuchu, At- Sauria, (Dabagadia), PO- Gurudijhatia, PS- Gurudijhatia, Dist- Cuttack, Pin-754028 I have changed my son's name from Garish Balmuch to Harish Balmuchu. Henceforth, I shall be known as **Harish Balmuchu** for all future purposes by an affidavit before Executive Magistrate, Cuttack.


# ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା

**ପୁରୀ,୮।୮/ଏନ୍ଏନ୍ଏସ୍:** ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳାର ପରମ୍ପରା ବହୁ ପ୍ରାଚୀନ । କୃଷ୍ଣ ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ମନ୍ଦିର ଭିତରେ ଓ ବାହାରେ ଏହି ନୀତି ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଆଠସାହି ଆଖଡା ମିଳିତ ସମନ୍ୱୟ ସମିତି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଏହା ପାଳିତ ହେବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପରମ୍ପରା ଅନୁଯାୟୀ ଶ୍ରୀକୃଷ୍ଣ ଲୀଳାକୁ ଶୃଙ୍ଖଳା ଓ ପାରମ୍ପରିକ ରୀତିନୀତି ଅନୁସାରେ ପାଳନ ପାଇଁ ପରାମର୍ଶ ଦେଇଥିଲେ । ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ରାସ୍ତା ଘାଟ ମରାମତି, ପରିଷ୍କାର ପରିଚ୍ଛନ୍ନ, ଆଲୋକୀକରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା ହେବା ସହ ଏହାକୁ ସଠିକ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟସୂଚୀ ଅନୁସାରେ ଅଗଷ୍ଟ ୧୬ ତାରିଖ ଭାଦ୍ରବ କୃଷ୍ଣ ନବମୀ ତିଥିରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ପୁତନା ବଧ ଅନୁଷ୍ଠିତ ହେବ । ସେହିପରି ୧୮ ତାରିଖ ଦଶମୀ ତିଥିରେ ବାଲି ସାହି ପକ୍ଷରୁ ବକାସୁର ବଧ ଏବଂ ହରଚଣ୍ଡୀ ସାହି ପକ୍ଷରୁ ଅର୍ଘାସୁର ବଧ,୧୯ ତାରିଖ ଏକାଦଶୀ ତିଥିରେ ତିଥିରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ଧେନୁକାସୁର ବଧ,୨୦ ତାରିଖ ଦ୍ୱାଦଶୀ ତିଥିରେ ଦୋଳମଣ୍ଡପ ସାହି ପକ୍ଷରୁ ପ୍ରଳମ୍ବାସୁର ବଧ,୨୧ ତାରିଖ ତ୍ରୟୋଦଶ ତିଥିରେ ଗୌଡ଼ବାଡ଼ ସାହି ପକ୍ଷରୁ ଅନ୍ନ ପ୍ରଥା, ୨୩ ତାରିଖ ଭାଦ୍ରବ ଅମାବାସ୍ୟା ତିଥିରେ କାଳିକା ଦେବୀ ସାହି ପକ୍ଷରୁ ବସ୍ତ୍ରହରଣ, ୨୪ ତାରିଖ ଭାଦ୍ରବ ଶୁକ୍ଳ ପ୍ରତପଦା ତିଥିରେ ମାଟି ମଣ୍ଡପ ସାହି ପକ୍ଷରୁ ଦାବାଗ୍ନି, ୨୫ ତାରିଖ ଶୁକ୍ଳ ଦ୍ୱିତୀୟା ତିଥିରେ ହରଚଣ୍ଡୀ ସାହି ପକ୍ଷରୁ ନିକୁଞ୍ଜ ଲୀଳା, ୨୬ ତାରିଖ ତୃତୀୟା ତିଥିରେ ହରଚଣ୍ଡୀ ସାହି ବାସେଳୀ ସାହି ପକ୍ଷରୁ ଅନ୍ଧ ମନ୍ଦିର ହାତୀ,୨୮ ତାରିଖ ପଞ୍ଚମୀ ତିଥିରେ ଗୌଡବାଡ ସାହି ପକ୍ଷରୁ ଦାହ ଲୀଳା,୨୯ ତାରିଖ ଷଷ୍ଠୀ ତିଥିରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ, ୩୦ ତାରିଖ ସପ୍ତମୀ ତିଥିରେ କାଳିକାଦେବୀ ସାହି ପକ୍ଷରୁ କେକେଶୀ ବଧ, ସେପ୍ଟେମ୍ବର ୨ତାରିଖ ଶୁକ୍ଳ ଦଶମୀ ତିଥିରେ ମାଟି ମଣ୍ଡପ ସାହି ପକ୍ଷରୁ ମଲ୍ଲ ଯୁଦ୍ଧ ଓ ବାଲି ସାହି ପକ୍ଷରୁ କଂସ ବଧ ଅନୁଷ୍ଠିତ ହେବ ବୋଲି ଆଠସାହି ଆଖଡ଼ା ପକ୍ଷରୁ ସୂଚନା ଦିଆଯାଇଛି । ଏହି ବୈଠକରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆଠସାହି ଆଖଡ଼ା ସଭାପତି ରବି ନାରାୟଣ ସେନାପତି, ପ୍ରଫୁଲ୍ଲ ଖୁଣ୍ଟିଆ, ସହସମ୍ପାଦକ ଚକ୍ରଧର ମହାପାତ୍ର, ପୁଅ ସୁଆର, ସଦସ୍ୟ ନାରାୟଣ ମହାସୁଆର, ନରେନ୍ଦ୍ର ମହାନ୍ତି, ରବି ଦାଶ, ରଘୁନାଥ ଖୁଣ୍ଟିଆ, ଦାମୋଦର ମହାପାତ୍ର, ବିଶ୍ୱଜିତ ସେନାପତି, ଶ୍ୟାମ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଆଠସାହି ଆଖଡ଼ା ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



# ଝୁଲଣ ଯାତ୍ରାରେ ଝୁଲିଲେ ରାଧାକୃଷ୍ଣ

**ବଳଙ୍ଗା,୮।୮/ଏନ୍ଏନ୍ଏସ୍:** ବଳଙ୍ଗା ଅଞ୍ଚଳରେ ଦଶମୀ ତିଥିଠାରୁ ଆରମ୍ଭ ହୋଇଯାଇଛି ସମସ୍ତ ମଠ ପରିସରରେ ଆରମ୍ଭ ହୋଇଛି ଝୁଲଣ ଯାତ୍ରା । ପରମ୍ପରା ଅନୁଯାୟୀ ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥି ଠାରୁ ଠାକୁରଙ୍କୁ ଝୁଲଣ କୁଞ୍ଜକୁ ରାଧାକୃଷ୍ଣ ବିଜେ କରିଥିଲେ । ଝୁଲଣ ମଣ୍ଡପକୁ ରଙ୍ଗ ବେରଙ୍ଗର ଆଲୋକମାଳା, ଶୋଲ ଓ ରଙ୍ଗୀନ କାଗଜରେ ପ୍ରସ୍ତୁତ କାଗଜ ଫୁଲ ଜାରି ଜମ୍ଭୁରା ଦ୍ୱାରା ପ୍ରସ୍ତୁତ କରାଯାଉଛି । ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଝୁଲଣ କୁଞ୍ଜରେ ବର୍ଷକୁ ଥରେ ଝୁଲାଇବାର ସୁଯୋଗ ପାଇଥାନ୍ତି । ଝୁଲଣ ଯାତ୍ରା ଦେଖିବା ପାଇଁ ସନ୍ଧ୍ୟାରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା । ରାତିରେ ମଠମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହି ଝୁଲଣ ଯାତ୍ରା ସାତଦିନ ଧରି ଅନୁଷ୍ଠିତ ହେବ ବୋଲି ରାଧାକାନ୍ତ ମଠ, ରାସବିହାରୀ ମଠ, ଗୋପୀନାଥ ଦେବ ମଠ, ରାଧା ଗୋବିନ୍ଦ ମଠ ଓ ଶମ୍ଭୁଭାରତୀ ପାଟଣା ଗ୍ରାମର ବଡ଼ ମଠ, ସାନ ମଠ ଓ ଦାସ ଘର ପୁରୋଧାମାନଙ୍କଠାରୁ ସୂଚନା ମିଳିଛି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୱାନ୍ ଷ୍ଟପ୍ କେନ୍ଦ୍ର ଉଦ୍‌ଘାଟିତ

**ନୟାଗଡ଼,୮।୮/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲଙ୍କ ଦ୍ୱାରା ନୂତନ ୱାନ ଷ୍ଟପ କେନ୍ଦ୍ର (ସଖି)କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଏସଡିପିଓ,ଏଡିଏମ୍, ଡିଏସ୍‌ଡବ୍ଲୁ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଶାସନ, ପୁଲିସ, ଜିଲ୍ଲା ସମାଜ ମଙ୍ଗଳ ଓ ଜିଲ୍ଲା ଶିଶୁ ସୁରକ୍ଷା ଓ ଏନ୍‌ଜିଓମାନଙ୍କ ମିଳିତ ସହଯୋଗରେ ଏହି କେନ୍ଦ୍ର ଦୀର୍ଘ ପାଞ୍ଚ ବର୍ଷ ହେଲା ହସ୍ପିଟାଲରେ ଚାଲୁଥିଲା ଓ ଆଜିଠାରୁ ଏହାର ନିଜସ୍ୱ ଗୃହ ଉଦଘାଟନ ହେବା ସହ ସମସ୍ତ ପରାମର୍ଶ ଓ ଅନ୍ୟାନ୍ୟ ସେବାଗୁଡ଼ିକ ସୁବିଧାରେ ଚାଲିପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଶେଷରେ ସମ୍ପାଦିକା ଧନ୍ୟବାଦ୍ ଦେଇଥିଲେ ।


**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

**ସଂଶୋଧନ**

ଟେଣ୍ଡର ନୋଟିସ୍ ନମ୍ବର: **PCMM/GENL/CORRIGENDUM/2025/05, Dated: 08.08.2025.** ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳବାଇ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା ପୂର୍ବ ପ୍ରକାଶିତ ଟେଣ୍ଡର ନୋଟିସ୍ ନମ୍ବର: **PCMM/GENL/TP/2025/24**, ତାରିଖ: ୦୧.୦୭.୨୦୨୫ ବିପକ୍ଷରେ ସଂଶୋଧନ । ଟେଣ୍ଡର ନମ୍ବର **52253001A** ବିରୁଦ୍ଧରେ ଟେଣ୍ଡର ଖୋଲିବା ତାରିଖ ୦୮.୦୮.୨୦୨୫ ପରିବର୍ତ୍ତେ ୧୮.୦୮.୨୦୨୫ ଭାବରେ ପଢ଼ାଯିବ । (PR-499/C)

**AFFIDAVIT**

By virtue of an affidavit sworn before Notary Public, Balliguda, Dist-Kandhamal, on dated.21.07.2025, I Karttik Mallick, aged about 33 year, Son of Late Akila Mallick of Village-Kanjalagu, P.O.-Khamankhole, P.S-Balliguda, Dist-Kandhamal, that I have changes the name of my minor Daughter's from "**ANUPAMA MALLICK**" to "**TANUSHREE MALLICK**" and henceforth she will be known as "**TANUSHREE MALLICK**" for all purpose

**AFFIDAVIT**

By virtue of an affidavit sworn before the Notary Public, Balliguda, Dist- Kandhamal, dtd. 13.05.2025, I, Suryakanti Mallick, aged about 30 years, W/o- Brusabha Mallick of village/Po- Sindrigaon, Ps- Balliguda, Dist- Kandhamal, Pin-762103, Odisha do hereby declare that my minor daughter name have changed from Bishnupriya Malik to Subhashree Mallick. Henceforth, she will be known as **Subhashree Mallick** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Banpur, I Prasanna Kumar Palai, (New name) aged about 44 years, S/o- Gouranga Palai, At/Po-Bheteswar, Ps-Banpur, Dist-Khordha, Odisha, Pin - 752031, do hereby declare that I have changed my name from Prasanna Palai to Prasanna Kumar Palai. Henceforth, I shall be known as **Prasanna Kumar Palai** for all purposes.

**Prasanna Kumar Palai**


# ବାଜି ମାରିଲେ ବିଜେପି ସମର୍ଥିତ ଆତ୍ମା ସଭାପତି

**ସାଲେପୁର,୮।୮/ଏନ୍ଏନ୍ଏସ୍:** ଆଜି ସାଲେପୁର ବ୍ଲକ ଆତ୍ମା କମିଟିର ସଭାପତି ନିର୍ବାଚନ ପାଇଁ ସାଲେପୁର ରାଜନୀତି ସରଗରମ ହୋଇଥିବା ଦେଖିବାକୁ ମିଳିଥିଲା । ବିଜେପି ସମର୍ଥିତ ଆତ୍ମା କମିଟି ସଦସ୍ୟ କୃଷି କାର୍ଯ୍ୟାଳୟରେ ନିର୍ବାଚନରେ ଭାଗ ନେଉଥିବା ବେଳେ କାର୍ଯ୍ୟାଳୟ ବାହାରେ ପୂର୍ବତନ ଆତ୍ମା ସଭାପତି, ସଦସ୍ୟ ଏବଂ ବିଜେଡି ଜନ ପ୍ରତିନିଧିମାନେ ଆତ୍ମା କମିଟି ଚୟନରେ ଅନିୟମିତତା ଅଭିଯୋଗରେ ଧାରଣାରେ ବସିଥିଲେ । ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ପୁଲିସ ପକ୍ଷରୁ ସାଲେପୁର କୃଷି ବିଭାଗ କାର୍ଯ୍ୟାଳୟ ସମେତ ସାଲେପୁର ବଜାର ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କୃଷି କାର୍ଯ୍ୟାଳୟ ସମ୍ମୁଖରେ ପୁଲିସ ବ୍ୟାରିକେଡ୍ କରିଥିବା ବେଳେ ସାଲେପୁର ର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା । ବାହାରେ ଧାରଣା ନାରାବାଜି ସତ୍ତ୍ୱେ ଭିତରେ ଆତ୍ମା ସଭାପତି ନିର୍ବାଚନ ସମ୍ପନ୍ନ ହୋଇଥିଲା । ଆଜି ସାଲେପୁର ବ୍ଲକ ଆତ୍ମା ସଭାପତି ଭାବେ ରମେଶ ଚନ୍ଦ୍ର ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି । ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ଶ୍ରୀ ନାୟକ ସାଲେପୁର କୃଷି ଓ କୃଷକ ମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ନିର୍ବାଚନ ଶେଷ ହେବା ପରେ କୃଷି କାର୍ଯ୍ୟାଳୟ ସମ୍ମୁଖରେ ବିଜୟୀ ସଭାପତି ଏବଂ ସମସ୍ତ ସଦସ୍ୟଙ୍କୁ ସାଲେପୁର ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଅପର ପକ୍ଷରେ ଏହି ନିର୍ବାଚନରେ ଅନିୟମିତତା ହୋଇଥିବାରୁ ଆଗାମୀ ଦିନରେ ଧାରଣା ଜାରି ରହିବ ବୋଲି ପୂର୍ବତନ ଆତ୍ମା ସଭାପତି ଦିଲ୍ଲୀପ ଦାଶ ଓ ପ୍ରତିନିଧି ମଣ୍ଡଳୀ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଭଳି ଭିତରେ ନିର୍ବାଚନ ଓ ବାହାରେ ଧାରଣା ହେଉଥିବାରୁ ସାଲେପୁର ରାଜନୀତି ରେ ସରଗରମ ହୋଇଥିବା ଦେଖିବାକୁ ମିଳିଥିଲା ।

# ଚାଷୀଙ୍କ ହୋହଲ୍ଲା ପରେ ଫେରାଇଲେ ଟଙ୍କା

## ରଙ୍ଗଣିପାଟଣା ସମିତିରେ ସମ୍ପାଦିକାଙ୍କ ରାଜ

**ଓଡ଼ଗାଁ,୮।୮/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଚାଷୀଙ୍କୁ ସରକାରୀ ମୂଲ୍ୟରେ ସାର ଯୋଗାଇ ଦେଉଛନ୍ତି । ଏଥିପାଇଁ ସମସ୍ତ ପାକ୍ସକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏହାକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି । ଆଜି ଓଡ଼ଗାଁ ବ୍ଲକ୍ ରଙ୍ଗଣୀପାଟଣା ପାକ୍ସରେ ଏକ ହୋହାଲ୍ଲା ପରିସ୍ଥିତି ଉପୁଜିଛି । ଚାଷୀଙ୍କୁ ସାର ଦେବାକୁ ଯାଇ ସେକ୍ରେଟାରୀ ବସ୍ତା ପିଛା ୩୦ଟଙ୍କା ଅଧିକ ନେଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ପରେ ଚାଷୀଙ୍କୁ ଟଙ୍କା ଫେରସ୍ତ କରି ସେକ୍ରେଟାରୀ ହଟହଟା ହୋଇଛନ୍ତି । ଅଭିଯୋଗ ଅନୁଯାୟୀ ରଙ୍ଗଣିପାଟଣା ପାକ୍ସକୁ ୧୬୦ ବସ୍ତା ୟୁରିଆ ସାରଆସିବା ପରେ ଚାଷୀଙ୍କୁ ବିକ୍ରି କରାଯାଇଥିଲା । ଆଜି ଚାଷୀମାନେ ପାକ୍ସକୁ ଆସି ୨୭୦ଟଙ୍କା ବଦଳରେ ୩ ଶହ ଟଙ୍କାଦେଇ ସାର କିଣିଥିଲେ । କିଛି ଚାଷୀ ନଜାଣି ସାର ନେଇ ଯାଇଥିବାବେଳେ ଆଉ କିଛି ଚାଷୀ ଏହାକୁ ପ୍ରତିବାଦ କରି ହୋହାଲ୍ଲା କରିଥିଲେ । ୨୭୦ ବଦଳରେ ୩ ଶହ ଟଙ୍କା ନେଉଥିବାରୁ ଚାଷୀ ଓ ସେକ୍ରେଟାରୀ ସୋନାଲିନ ସାହୁଙ୍କ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଥିଲା । ଖବରପାଇ ସମିତି ସଭାପତି ସନ୍ତୋଷ କୁମାର ସାହୁ ଓ ସ୍ଥାନୀୟ ସରପଞ୍ଚ ସସ୍ମିତା ପାତ୍ରଙ୍କ ପ୍ରତିନିଧି ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ । ଏପଟେ ସେକ୍ରେଟାରୀ ଉପରିସ୍ଥ ଅଧିକାରୀଙ୍କୁ ବୁଝିବା ପରେ ପୁଣି ୨୭୦ ଟଙ୍କାରେ ସାର ବିକ୍ରୟ କରାଯାଇଥିଲା । ଅଧିକ ଦରରେ କିଣିଥିବା ଚାଷୀଙ୍କୁ ୩୦ ଟଙ୍କା ଫେରାଯିବ ବୋଲି କୁହାଯାଇଛି । ଏହି ଘଟଣାରେ ସେକ୍ରେଟାରୀ ସୋନାଲିନ ସାହୁ ଭୁଲବଶତଃ ଚାଷୀଙ୍କ ଠାରୁ ଅଧିକ ୩୦ଟଙ୍କା ଲେଖାଏଁ ରଖାଯାଇଥିବା ସ୍ୱୀକାର କରିଥିଲେ । ଅଧିକ ୩୦ ଟଙ୍କା ଦେଇଥିବା ଚାଷୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି ।

# ଅଗ୍ନିବୀରଙ୍କ ପାସିଂଆଉଟ୍ ପରେଡ୍

**ବାଲୁଗାଁ,୮।୮/ଏନ୍ଏନ୍ଏସ୍:** ବାଲୁଗାଁ ନିକଟ ଆଇଏନ୍ଏସ୍ ଚିଲିକାରେ ୬ଷ୍ଠ ବ୍ୟାଚ ଅଗ୍ନିବୀରଙ୍କ ପାସିଂ ଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ନୌସେନାର ୩୦୯ ମହିଳା ଅଗ୍ନିବୀର ସମେତ ସମୁଦାୟ ୨୦୧୦ ଅଗ୍ନିବୀର ଭାରତୀୟ ନୌପୋତ ଚିଲିକାରୁ ୧୬ ସପ୍ତାହ ତାଲିମ ପରେ ପାସ ହୋଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛନ୍ତି । ଏବଂ ୨୭୬ ଜଣ ତଟରକ୍ଷା ବାହିନୀ ପାସ୍ ହୋଇଛନ୍ତି । ଭାଇସ୍ ଆଡମିରାଲ୍ ପିଭିଏସଏମ ଏଭିଏସ୍‌ଏମ୍, ଭିଏସ୍‌ଏମ ଫ୍ଲାଗ ଅଫିସର୍ କମାଣ୍ଡିଂ ଇନ୍ ଇଷ୍ଟର୍ନ ନୌସେନା କମାଣ୍ଡର ମୁଖ୍ୟ ରାଜେଶ ପେନ୍ଧାରକର ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ । ଏହି ପ୍ରମୁଖ ଘଟଣାକୁ ଗର୍ବିତ ପରିବାରର ସଦସ୍ୟମାନେ ମଧ ସାକ୍ଷୀ ହୋଇଥିଲେ । ଏହି ପାସିଂ ଆଉଟ୍ ପରେଡ୍ କେବଳ ପ୍ରାରମ୍ଭିକ ପ୍ରଶିକ୍ଷଣର ସଫଳ ସମାପ୍ତିକୁ ସୂଚିତ କରେ ନାହିଁ ବରଂ ଭାରତୀୟ ନୌସେନାର ଏହି ଅଗ୍ନିବୀରଙ୍କ ପାଇଁ ଏକ ନୂତନ ଅଧ୍ୟାୟ ଆରମ୍ଭକୁ ଚିହ୍ନଟ କରେ । ନୌସେନାର ଭାଇସ ଆଡ଼ମିରାଲ ପାସ କରୁଥିବା ପ୍ରଶିକ୍ଷକମାନଙ୍କୁ ନୌସେନାର ମୂଳ ମୂଲ୍ୟବୋଧକୁ ସମ୍ମାନ, ସାହସ, ମିଳିତ ଓ ରାଷ୍ଟ୍ର ଗଠନ ଦିଗରେ ଦିଗଦର୍ଶନ ଦେଇଥିଲେ । ମୁଖ୍ୟଅତିଥି ସମ୍ମାନ ଜନକ ଅଗ୍ନିବୀରଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରିଥିଲେ । ଆଇଏନ୍ଏସ୍ ଚିଲିକାର ମୁଖ୍ୟ କମୋଡ଼ର ବି. ଦୀପକ ଅନିଲଙ୍କ ପରିଚାଳନା ଓ ତତ୍ତ୍ୱାବଧାନ ପାଇଁ ଏହି ପାସିଂଆଉଟ୍ ପରେଡ୍ ସୁଚାରୁରୂପେ ସମ୍ପାଦନ ହୋଇପାରିଛି ।

# ନାରୀ ସୁରକ୍ଷା ନେଇ ବିଜେଡିର ବିକ୍ଷୋଭ

**ନିଶ୍ଚିନ୍ତକୋଇଲି,୮।୮/ଏନ୍ଏନ୍ଏସ୍:** ବର୍ତ୍ତମାନ ଚାଲିଥିବା ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶା ରାଜ୍ୟରେ ମହିଳା ଓ ଛାତ୍ରୀ ସୁରକ୍ଷିତ ନାହାଁନ୍ତି । ଏହାଛଡ଼ା ଦିନକୁ ଦିନ ରାଜ୍ୟରେ ଛାତ୍ରୀ ଓ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଉଥିବା ବେଳେ ଅପରାଧୀକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ପୁଲିସ ପକ୍ଷରୁ କିଭଳି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯିବା ସହିତ ନିର୍ଯାତନାରେ ଶିକାର ହେଉଥିବା ଛାତ୍ରୀ ଓ ମହିଳାମାନଙ୍କୁ କିଭଳି ସୁରକ୍ଷା ଦିଆଯିବ ସେ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ ଓ ବ୍ଲକ ବିଜେଡ଼ି ନେତା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ବ୍ଲକ ଯୁବ ବିଜେଡ଼ି ସଭାପତି ରୁଦ୍ରନାରାୟଣ ମହାନ୍ତି ଓ ଛାତ୍ର ବିଜେଡ଼ି ସଭାପତି ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ ପଞ୍ଚାୟତ ପ୍ରହଲ୍ଲାଦ କଲେଜ ଓ ସୁଭଦ୍ରା ମହତାବ୍ କଲେଜ ର ଶତାଧିକ ଛାତ୍ର ଛାତ୍ରୀ ଏହି ବିକ୍ଷୋଭରେ ଯୋଗ ଦେଇଥିଲେ । ନିଶ୍ଚିନ୍ତକୋଇଲି ବଜାର ପାଖରୁ ଏକ ବିରାଟ ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ହାତରେ ଫ୍ଲାଗ୍ କାର୍ଡ଼ ଧରି ବିଜେପି ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ୍ ଦେଇ ଥାନାରେ ପହଞ୍ଚିଥିଲେ । ରାଜ୍ୟରେ ଘଟୁଥିବା ମହିଳା ଅସଦାଚରଣ, ଅପହରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଆଦି ଘଟଣାକୁ କିପରି ରୋକାଯାଇପାରିବ ସେ ନେଇ ପୁଲିସ ତ୍ୱରିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଏସଆଇ ସ୍ମୃତିରଞ୍ଜନ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ଓ ଛାତ୍ର ବିଜେଡ଼ିର ଜୋନ୍ ସଭାପତି ସତ୍ୟରଞ୍ଜନ ଦାସ, ବିକ୍ରମ ସାହୁ, ଜୟପ୍ରକାଶ ନାୟକ, ପ୍ରମୋଦ ପଣ୍ଡା,ନିତ୍ୟାନନ୍ଦ ସ୍ୱାଇଁ, ହୃଷିକେଶ ସାହୁ, ସୌମ୍ୟରଞ୍ଜନ ସାହୁ, ପ୍ରିୟାଂଶୁ ପ୍ରିୟଦର୍ଶିନୀ, ସତ୍ୟଜିତ୍ ମହାପାତ୍ର, ଆନନ୍ଦ ଦାସ ଓ ସନ୍ତୋଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଦୁର୍ଗନ୍ଧମୟ ଡ୍ରେନ୍ ପାଣି, ଶ୍ରଦ୍ଧାଳୁ ଅସନ୍ତୁଷ୍ଟ

**କଣ୍ଟିଲୋ,୮।୮/ଏନ୍ଏନ୍ଏସ୍:** ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ଭାବେ ସର୍ବବିଦିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ କ୍ଷେତ୍ର କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ଅଧିକାଂଶ ୱାର୍ଡରେ ବହୁ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଡ୍ରେନ୍‌ଗୁଡ଼ିକ ଭାଙ୍ଗି ପଡ଼ିଥିବା ଓ ପଙ୍କ କାଦୁଅ ଦୁର୍ଗନ୍ଧମୟ ଆବର୍ଜନାରେ ପୋତି ହୋଇଯାଇଛି । ଫଳରେ ରାସ୍ତା ଉପରେ ସେହି ଦୁର୍ଗନ୍ଧମୟ ପୋଚ ପାଣି ବର୍ଷ ତମାମ ପ୍ରବାହିତ ହେଉଛି । ସ୍ଥାନୀୟ ଅଧିବାସୀମାନଙ୍କ ସହିତ ପ୍ରତିଦିନ ବାହାରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଏହି ଦୁର୍ଗନ୍ଧମୟ ଓ ଆବର୍ଜନା ପାଣିରେ ପାଦ ଦେଇ ଯାତାୟାତ କରୁଥିବା ଯୋଗୁ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି । ସୂଚନା ଯୋଗ୍ୟ ଯେ କଣ୍ଟିଲୋ ହାଟମୁଣ୍ଡ ପାଟଣାର 'ମା' ତାରିଣୀ' ମନ୍ଦିର ପାର୍ଶ୍ୱ ଚାପ ପୋଖରୀ ହୁଡ଼ାକୁ ଲାଗି ରହିଥିବା ସାହିର ଡ୍ରେନ୍‌ରୁ ବର୍ଷସାରା ମଇଳା ଦୁର୍ଗନ୍ଧମୟ ପାଣି ବୋହି ହାଟ ମୁଣ୍ଡ ପାଟଣା ସାହିର ଦକ୍ଷିଣ ପାର୍ଶ୍ୱ ଶାହାଲା ଘର ଓଳି ତଳେ ତଳେ ବୋହିଯାଇ ଜନ କଲ୍ୟାଣ କ୍ଲବ ଘର ପର୍ଯ୍ୟନ୍ତ ଯାଉଥିବା ଏବଂ ଜନ କଲ୍ୟାଣ କ୍ଲବ ଘର ସାମ୍ନା ପଦିକର ଘର ପାଖରେ ଡ୍ରେନ ପୋତି ହେବା ଫଳରେ ରାସ୍ତାରେ ଦୁର୍ଗନ୍ଧମୟ ପାଣିକୁ ଅତିକ୍ରମ କରି ବିଭିନ୍ନ ଦେବାଳୟକୁ ଗଲା ବେଳେ ସମସ୍ତେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଏହି ଦୁର୍ଗନ୍ଧମୟ ପାଣି ଯୋଗୁ ମଶାବଂଶ ବୃଦ୍ଧିପାଉଛି । ତେଣୁ ଯଥା ଶୀଘ୍ର ଏହି ଡ୍ରେନ୍ ମରାମତି କିମ୍ବା ନୂତନ ଭାବେ ନିର୍ମାଣ କରିବାକୁ ଶ୍ରଦ୍ଧାଳୁ ତଥା ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି ।




C-843

**OFFICE OF THE MUNICIPAL COUNCIL, TALCHER**
**DIST :- ANGUL**

Phone No.- (06760) 240259 E-Mail ID : e.o.talcher@gmail.com

No.2707 **QUOTATION CALL NOTICE** Dt.08.08.2025

Sealed Quotations are invited from the intending from contractor / fabricator/ manufacturer / authorized dealer for "**Supplying fitting fixing of steel barricading at different places in Talcher Municipality, Talcher as detailed specification in schedule below in the prescribed Proforma.** The prescribed quotation schedule can be obtained from the Engineer Section of Talcher Municipality on payment of Rs.2,000/- (Rupees Two Thousand) only (non-refundable) in shape of cash & EMD amount Rs. 5,000 /- (Rupees Five Thousand) only in shape of Term Deposit from any national bank in the favour of Executive Officer, Talcher Municipality from date 11.08.2025 to date 20.08.2025 up to 5.00 PM. during office hour except holidays.

The quotation paper along with registration certificate, GST, Pan, Experience Certificate and other related documents should reach the undersigned by person on or before date 21.08.2025 up to 1.30 PM. and this office will in no way, be responsible for any delay in receipt of the quotation documents. The quotation will be opened on the same date at 3.00 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

**Sd/-Executive Officer**
**Talcher Municipality**

OIPR-13077/11/0056/2526

# ଛିନତାଇ ଘଟଣାରେ ୩ ଗିରଫ

**କଟକ,୮।୮/ଏନ୍ଏନ୍ଏସ୍:** ଏକ ଛିନତାଇ ଘଟଣାରେ ଚୌଦ୍ୱାର ଥାନା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରବି ଓରଫ୍ ରବି ରାଓ (୩୫), ଏସ୍‌କେ ଅମିନ (୨୬) ଓ ରଜିଲା ସ୍ୱାମୀ (୩୦)। ସମସ୍ତ ଅଭିଯୁକ୍ତଙ୍କ ଘର ଭୁବନେଶ୍ୱର ଖାରବେଳ ନଗର ଥାନା ଅନ୍ତର୍ଗତ ୟୁନିଟ ୩ ଶାନ୍ତିନଗର ବସ୍ତିରେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଗୋଟେ ଟିଭିଏସ୍ ଆପାଚି ମୋଟରସାଇକଲ (ଓଡ଼ି୦୫ ବିଡି୩୦୩୭), ଗୋଟିଏ ପିସ୍ତଲ, ୫ ଗୁଳି, ଗୋଟିଏ କଟୁରୀ, ଗୋଟିଏ ଲୁହା ରଡ୍, ପ୍ୟାନ୍ କାର୍ଡ ଓ ଗୋଟିଏ ମୋବାଇଲ୍ ଜବତ କରାଯାଇଥିଲା ବେଳେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ପୁଲିସ ସୂଚନା ମୁତାବକ ଗତ ୧ ତାରିଖରେ ନରେନ୍ଦ୍ର ବେଉରା ଥାନାରେ ଏକ ଏତଲା ଦାୟର କରିଥିଲେ। ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ଯେ ଶ୍ରୀ ବେଉରା, ଚୌଦ୍ୱାର ଥାନା ଅନ୍ତର୍ଗତ ଚିଡ୍ରେଶ୍ୱର ଗ୍ରାମର ରାମଚନ୍ଦ୍ର ବେଉରା ଓ ତାଙ୍କ ବନ୍ଧୁ ସକାଳ ଚାଲିବା ପାଇଁ ଦୌଲତାବାଦରୁ ଜେନାପୁର ଯାଉଥିବା ସମୟରେ ୩ ଜଣ ଅଜଣା ଦୁର୍ବୃତ୍ତ ଏକ ମୋଟରସାଇକେଲରେ ଆସି ପିସ୍ତଲ ଦେଖାଇ ତାଙ୍କୁ କଟୁରୀରେ ଆକ୍ରମଣ କରିଥିଲେ ଏବଂ ତାଙ୍କ ସୁନା ଚେନ୍ ଓ ଲକେଟ୍ ଛଡ଼ାଇ ନେଇଥିଲେ। ଏହି ଘଟଣାରେ ଶ୍ରୀ ବେଉରାଙ୍କ ହାତ ଓ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ପୁଲିସ ଉକ୍ତ ଏତଲାକୁ ଆଧାର କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍‌କୁ ଆଧାର କରି ଆଜି ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ଓ ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟଚାଲାଣ କରିଛି।

# ବାସ୍କେଟ୍ ବଲ୍ ମହାକୁମ୍ଭ ଉଦ୍‌ଯାପିତ

**କଟକ,୮।୮/ଏନ୍ଏନ୍ଏସ୍:** ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ସିବିଏସ୍‌ଇ ଦିଲ୍ଲୀ ତରଫରୁ ଲଗାତାର ତୃତୀୟ ଥର ପାଇଁ ବାସ୍କେଟ୍ ବଲ୍ କ୍ଲଷ୍ଟର୍ -୨ ଆଜି ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର୍ ସୁବାସ ସିଂ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସିବିଏସିଇ ନିରୀକ୍ଷକ ମନିଶ କୁମାର ମାହତୋ, ସିବିଏସ୍‌ସି ଟେକ୍ନିସିଆନ୍ ରାହୁଲ ଗୁପ୍ତା ଏବଂ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ସମୂହର ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତି ଯୋଗ ଦେଇଥିଲେ। କରାଇଥିଲା। ବିଦ୍ୟାଳୟର ଅଧକ୍ଷ ଡ.ପ୍ରିୟଦର୍ଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ସମସ୍ତ ଦଳଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

## ତୃତୀୟ ପୃଷ୍ଠାରୁ

# ସୁଲଭ ମୂଲ୍ୟରେ ଜାରି ...

୧୦.୩୩ କୋଟି ହିତାଧିକାରୀ ଉପକୃତ ହେବେ। ଏତଦ୍‌ବ୍ୟତୀତ କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ୧୭୫ଟି ଇଞ୍ଜିନିୟରିଂ ପ୍ରତିଷ୍ଠାନ ଏବଂ ୧୦୦ଟି ପଲିଟେକ୍ନିକ୍ ସମେତ ୨୭୫ଟି ବୈଷୟିକ ପ୍ରତିଷ୍ଠାନରେ ବହୁବିଧ ଶିକ୍ଷା ଏବଂ ଗବେଷଣାରେ ଉନ୍ନତି ଯୋଜନା (ମେରିଟ୍) କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହା ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଯାହାର ୨୦୨୫-୨୬ ରୁ ୨୦୨୯-୩୦ ଅବଧି ପାଇଁ ମୋଟ ୪,୨୦୦ କୋଟି ଟଙ୍କାର ଆର୍ଥିକ ପ୍ରଭାବ ରହିଛି। ଏହି ୪,୨୦୦ କୋଟି ଟଙ୍କା ମଧ୍ୟରୁ, ବିଶ୍ୱ ବ୍ୟାଙ୍କରୁ ଋଣ ଆକାରରେ ୨୧୦୦ କୋଟି ଟଙ୍କାର ବାହ୍ୟ ସହାୟତା ମିଳିବ।

# ଆଜି ମିଳିବ ସୁଭଦ୍ରାର ତୃତୀୟ ...

ସେସବୁ ସମସ୍ୟା ଦୂର କରାଯିବ। ତେବେ ଯେଉଁ ହିତାଧିକାରୀ ଭାବେ ପ୍ରଥମ ଦୁଇଟି କିସ୍ତିରେ ଟଙ୍କା ପାଇନାହାଁନ୍ତି, ସେମାନଙ୍କୁ ମଧ ଟଙ୍କା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ପ୍ରାୟ ୧ ଲକ୍ଷ ୮୮ ହଜାର ମହିଳା ଏପର୍ଯ୍ୟନ୍ତ ସୁଭଦ୍ରା ଟଙ୍କା ପାଇନାହାଁନ୍ତି। ତୃତୀୟ କିସ୍ତି ଟଙ୍କା ପ୍ରଦାନ ପରେ ଏନେଇ ସମୀକ୍ଷା ହେବ।

# ଜଳିଗଲା ୩୦ରୁ ଊର୍ଦ୍ଧ୍ୱ ...

ତିୱାରୀ ଉପସ୍ଥିତ ବୁଦ୍ଧି ଖଟାଇ ଟ୍ରକ୍‌ଟିକୁ ନିକଟ ସର୍ଭିସ୍ ସେଣ୍ଟର୍‌ରେ ଲଗେଇଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ପାଣି ସ୍ପ୍ରେ କରାଯାଇଥିଲା। ଖବର ପାଇ ଛତ୍ରପୁର ଅଗ୍ନିଶମ ବାହୀନିର ଦୁଇଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ତିନୋଟି ସ୍ଥାନରେ ଫୁଟିଲା ...

ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ନିରାକାରପୁର ପୁଲିସ ପହଞ୍ଚି ଅଧିକ ତଥ୍ୟ ସଂଗ୍ରହ ପାଇଁ ତଦନ୍ତ ଚଳାଇଛି।

ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ତରଭା ଫାଣ୍ଡି ଅନ୍ତର୍ଗତ ନୂଆଗାଁ ଦଳିତ ବସ୍ତିରେ ଗତକାଲି ବିଳମ୍ବିତ ରାତିରେ ହୋଇଛି ବୋମାମାଡ଼। କେହି ଦୁର୍ବୃତ୍ତ ବସ୍ତିର ବିଜୟ ନାୟକଙ୍କ ଘର ଉପରକୁ ବୋମାମାଡ଼ କରିଛି। ଏଥିରେ ଘରର କାନ୍ଥ ଫାଟିଯିବା ସହ ଝରକା ଭାଙ୍ଗିପଡ଼ିଛି ଏବଂ ବିଜୟଙ୍କ ମୁଣ୍ଡରେ ଆଘାତ ଲାଗିଛି। ସ୍ଥାନୀୟ ତରଭା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା କରାଯାଇଥିଲା ବେଳେ ସେ ବିପଦ ମୁକ୍ତ ବୋଲି ଜଣାପଡ଼ିଛି। ତେବେ ବୋମାମାଡ଼ର କାରଣ ସ୍ପଷ୍ଟ ଜଣା ପଡ଼ିନାହିଁ। ପୂର୍ବଶତ୍ରୁତାକୁ ନେଇ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପରିବାର ଲୋକେ ଭୟଭୀତ ହୋଇପଡ଼ିଥିବା ଆହତ ବିଜୟ ନାୟକଙ୍କ ପତ୍ନୀ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ସଦରଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରଛି।

ସେହିପରି ଶ୍ରୀକ୍ଷେତ୍ରରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଆଜି ଦିନ ଦି'ପହରରେ ପୁରୀରେ ହୋଇଛି ବୋମାମାଡ଼। ମୋଚି ସାହି ଛକ ନିକଟରେ ଥିବା ନୂଆ ତୋଟା ଜାଗା ଘର ଉପରକୁ ବୋମାମାଡ଼ କରି ତିନିଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଛନ୍ତି। ପରେ ଟାଉନ ଥାନା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମିଳିଥିବା ସୂଚନା ମୁତାବକ ବୋମାମାଡ଼ରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ ହୋଇଥିବା ସୂଚନା ମିଳିଛି। ବୋମାମାଡ଼ ସମୟର ସମସ୍ତ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ତଦନ୍ତ ପରେ କିଏ ଏବଂ କାହିଁକି ବୋମାମାଡ଼ କଲେ ତାହା ସ୍ପଷ୍ଟହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ବୋମାମାଡ଼ ହୋଇଥିବା ଜାଗା ଘରେ ଟାଉନ୍ କଂଗ୍ରେସ କାର୍ଯ୍ୟାଳୟ ଥିବା ମଧ ଜଣାପଡ଼ିଛି। ତେଣୁ ଏହି ବୋମାମାଡ଼ ରାଜନୀତି ଶତ୍ରୁତା ପାଇଁ ହୋଇଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ପ୍ର. ଶାନ୍ତନୁ ସ୍ୱାଇଁ ସିକ୍କିମ୍ ...

ସେ ଲିଡ୍ସ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଛାତ୍ର ଭାବରେ ମଧ ରହିଛନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ତାଙ୍କ କାର୍ଯ୍ୟକାଳ ଦ୍ୱାରା ସେ ଶିକ୍ଷା ସଂକାୟରେ ନବୋନ୍ମେଷ, ପ୍ରତିଷ୍ଠାନମୂକ ବିକାଶ ଓ ଛାତ୍ର କଲ୍ୟାଣକୁ ଅଗ୍ରାଧିକାର ଦେଇଥିଲେ, ଯାହା ଦ୍ୱାରା ବିଶ୍ୱବିଦ୍ୟାଳୟରେ ଧନାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ତାଙ୍କ ନେତୃତ୍ୱରେ ୬୭ରୁ ଅଧିକ ଗବେଷକ ପିଏଚ୍‌ଡି ଉପାଧି ଅର୍ଜନ କରିଛନ୍ତି। ପ୍ରଫେସର ସ୍ୱାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଶିକ୍ଷା ପରିଷଦର ସଦସ୍ୟ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଶିକ୍ଷାତ୍ମକ ଅବଦାନ, ନେତୃତ୍ୱ କ୍ଷମତା ଓ ଦୂରଦର୍ଶୀ ଚିନ୍ତାଧାରା ପାଇଁ ସମଗ୍ର ଦେଶରେ ସମ୍ମାନିତ।

# ୭ ଦିନ ଯାଏ ବର୍ଷା ...

ଯିବା ପାଇଁ ବାରଣ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ସେପଟେ ଜୁନ୍୧ରୁ ଆଜି ଯାଏ ୬୧୪.୪ ମିମି ବର୍ଷା ରେକର୍ଡ ହୋଉଛି। ସ୍ୱାଭାବିକ ୬୬୫.୮ ମିଲିମିଟର ବର୍ଷା ରାଜିଥିବା ବେଳେ ଆଜି ସୁଦ୍ଧା ୨ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି।

# ଆୟକର ବିଲ୍-୨୦୨୫ ...

ଅପରେସନ୍ ସିନ୍ଦୂର ଉପରେ ଉଭୟ ଗୃହରେ ଆଲୋଚନା ହୋଇଥିଲା। ୨୧ ଜୁଲାଇରେ ମୌସୁମୀ ଅଧିବେଶନ ଆରମ୍ଭ ହେବା ପରଠାରୁ, ବିହାରର ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ସଂସଦୀୟ କାର୍ଯ୍ୟ ପ୍ରାୟତଃ ସ୍ଥଗିତ ରହିଛି।

## ମହିଳାଙ୍କ ପ୍ରତି ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ

# ଡିଜିପି ଅଫିସ୍ ଘେରିଲା କଂଗ୍ରେସ




**କଟକ,୮।୮/ଏନ୍ଏନ୍ଏସ୍:** ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ବଢୁଥିବା ଅପରାଧକୁ ବିରୋଧ କରି ଶୁକ୍ରବାର ରାଜ୍ୟ କଂଗ୍ରେସ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଘେରିଛି। କାର୍ଯ୍ୟାଳୟ ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହିତ ପ୍ରତିବାଦ ସଭା କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାମାନେ ମାତାମଠରୁ ଏକ ରାଲିରେ ବାହାରି ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ବୃଦ୍ଧି ପାଉଥିବା ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି କଂଗ୍ରେସ ପକ୍ଷରୁ ଏକ ଏହି ପ୍ରତିବାଦ ସଭା କରାଯାଇଛି। ଯେତେବେଳେ ମହିଳାମାନଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଉଛି, ପୁଲିସ ଆଇନ ଅନୁଯାୟୀ କାମ କରୁନାହିଁ ବୋଲି ପ୍ରତିବାଦ ସଭାକୁ ସମ୍ବୋଧନ କରି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି। ପୁଲିସ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରୁଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଥିଲେ। ଗୋଟିଏ ମାସ ମଧ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ୩ଟି ଅପରାଧ ଘଟିଛି। କିନ୍ତୁ ପୁଲିସ ସେମାନଙ୍କୁ ନ୍ୟାୟଦେବା ପରିବର୍ତ୍ତେ ମାମଲାଗୁଡ଼ିକୁ ଦବାଇ ଦେବାକୁ ଚେଷ୍ଟା କରୁଛି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଏହି ଅବସରରେ ଏକ ୪ସୂତ୍ରୀ ଦାବି ପୂରଣ ନେଇ ଡିଜିପିଙ୍କୁ କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପୁରୀ ଜିଲ୍ଲାର ବଳଙ୍ଗାର ମୃତ ପୀଡ଼ିତାଙ୍କ ମା'ଙ୍କ ଏଫ୍‌ଆଇଆର୍ ଆଧାରରେ ଘଟଣାର ତଦନ୍ତ ଏବଂ ପୀଡ଼ିତାଙ୍କ ପିତାମାତାଙ୍କ ପ୍ରାରମ୍ଭିକ ବୟାନ ଓ ପୀଡ଼ିତାଙ୍କ ବୟାନ ଆଧାରରେ ୩ ଅଭିଯୁକ୍ତଙ୍କୁ ଗିରଫ କରିବା, ଭୋଗରାଇର ମୃତ ପୀଡ଼ିତାଙ୍କ ଏଫ୍‌ଆଇଆର୍ ଦାଖଲ କରିବାରେ ବାଧା ସୃଷ୍ଟି କରିଥିବା ସମସ୍ତଙ୍କୁ ତଦନ୍ତ ପରିସରକୁ ଆଣିବା, ପଟ୍ଟାମୁଣ୍ଡାଇ ଘଟଣାରେ ଏଫ୍‌ଆଇଆର୍ ଗ୍ରହଣ କରିବାକୁ ମନା କରିଥିବା ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ମହିଳା ନିର୍ଯାତନା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଶୂନ୍ୟ ଏଫ୍‌ଆଇଆର୍ ନୀତି କାର୍ଯ୍ୟକାରୀ କରିବା ଆଦି ଏହି ସ୍ମାରକପତ୍ରରେ ସ୍ଥାନ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଂଜନ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ମହମ୍ମଦ ମୋକିମ, ସୁରେଶ ରାଉତରାୟ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ବିଧାୟକ ଅଶୋକ ଦାସ ଓ ରାଜ୍ୟ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି ଏହି ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ।

### କଂଗ୍ରେସ ତା' ସମୟର ଘଟଣାକୁ ମନେ ପକାଇବା ଦରକାର



ରାଜ୍ୟରେ ନାରୀ ନିର୍ଯାତନା ଘଟଣାକୁ ନେଇ କଂଗ୍ରେସର ଡିଜି ଅଫିସ ଘେରାଉ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। ସେ କହିଛନ୍ତି, କଂଗ୍ରେସ ତା ସମୟର ଘଟଣାକୁ ମନେ ପକାଇବା ଦରକାର। ସେ ଆହୁରି କହିଛନ୍ତି, ରାଜ୍ୟରେ ଘଟି ଯାଇଥିବା କିଛି ଅଘଟଣ ଦୁଃଖ ଓ ପରିତାପର ବିଷୟ। ତଦନ୍ତ ଓ ଦୋଷୀ ଖୋଜିବା ତଥ୍ୟ ପ୍ରମାଣକୁ ନେଇ ହୋଇଥାଏ। ବିରୋଧୀ ସେମାନଙ୍କ କାର୍ଯ୍ୟ କରୁଛନ୍ତି। କଂଗ୍ରେସ ତା' ସମୟର ଘଟଣାକୁ ମନେ ପକାଇବା ଦରକାର ବୋଲି ଶ୍ରୀ ମହତାବ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

# ଖ୍ରୀଷ୍ଟ କଲେଜରେ ଜାତୀୟ ହସ୍ତତନ୍ତ ଦିବସ



**କଟକ,୮।୮/ଏନ୍ଏନ୍ଏସ୍:** ଖ୍ରୀଷ୍ଟ କଲେଜରେ ଗୃହବିଜ୍ଞାନ ବିଭାଗ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ 'ଜାତୀୟ ହସ୍ତତନ୍ତ ଦିବସ' ପାଳନ କରାଯାଇଛି। କଲେଜର ଅଧକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣରେ କହିଲେ ଯେ ଜାତୀୟ ଅର୍ଥନୀତି ଓ ସ୍ୱାଭିମାନକୁ ସୁଦୃଢ଼ କରିବା ପାଇଁ ଆମ ରାଜ୍ୟ ଓଡ଼ିଶା ହସ୍ତତନ୍ତର ବିଶେଷ ଭୂମିକା ରହିଛି। ଗୃହବିଜ୍ଞାନ ବିଭାଗର ମୁଖ୍ୟ ଡ. ବିନୀତା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ୍ ଚନ୍ଦ୍ର ରାଉତ ଅତିଥି ଭାବରେ ଯୋଗଦାନ କରି ଓର୍‌ମାସର ସହଯୋଗରେ ବିଭିନ୍ନ ହସ୍ତତନ୍ତ ଶିଳ୍ପ କିପରି କାର୍ଯ୍ୟ କରୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ଶୋଭନ ପଣ୍ଡା ଆନ୍ତର୍ଜାତିକ ସ୍ତରରେ ହସ୍ତତନ୍ତର ଚାହିଦା ସମ୍ପର୍କରେ ସୂଚନା ଦେଇଥିଲେ। ଜାତୀୟ ହସ୍ତତନ୍ତ ଦିବସ ପାଳନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ହସ୍ତତନ୍ତ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୋଷାକ ପରିଧାନ ପୂର୍ବକ ନୃତ୍ୟ ଓ ପାରମ୍ପରିକ ଫେସନ୍ ଶୋ' ପ୍ରଦର୍ଶନ କରିଥିଲେ। ଓର୍‌ମାସ ଦ୍ୱାରା ହସ୍ତତନ୍ତ ପ୍ରସ୍ତୁତ ବିଭିନ୍ନ ବସ୍ତ୍ରର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର କର୍ମକର୍ତ୍ତା, ଅଧ୍ୟାପକ ଅଧ୍ୟାପିକା ଓ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ରିଙ୍କୁ ମହାପାତ୍ର, ଡ. ଶାଶ୍ୱତୀ ମିଶ୍ର, ଡ. ରୂପାଲି ମହାନ୍ତି, ଆର୍‌ସି ମମ୍‌ତାଜ ଓ ବିଶ୍ୱରୂପା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ନର୍ମଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା



**କଟକ,୮।୮/ଏନ୍ଏନ୍ଏସ୍:** ନୂଆବଜାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଭାତୀ ମଲିକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଭାଗରେ ୬୨ଟି ଓ କନିଷ୍ଠ ବିଭାଗରେ ୫୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତି ବିଭାଗରୁ ୩ ଜଣ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଅମ୍ବିକା ସାହୁ, ମନୋଜ ସାହୁ, ଅରୁଣ ପରିଡ଼ା ଏବଂ ଶିକ୍ଷୟିତ୍ରୀ ପ୍ରମିଳ ମହାରଣା, ସନ୍ଧ୍ୟାରାଣୀ ସ୍ୱାଇଁ, ଶୁଭଲକ୍ଷ୍ମୀ ଦାସ, କଲ୍ୟାଣୀ ବିଶ୍ୱାଳ, ଅନିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ମୋକିମ୍ ଫାଉଣ୍ଡେସନ୍ ପକ୍ଷରୁ ସ୍ତନ୍ୟପାନ ସପ୍ତାହ




**କଟକ,୮।୮/ଏନ୍ଏନ୍ଏସ୍:** ମୋକିମ୍ ଫାଉଣ୍ଡେସନ୍, କଟକ ପକ୍ଷରୁ ସ୍ତନ୍ୟପାନ ସପ୍ତାହ ଓଡ଼ିଆ ବଜାରସ୍ଥିତ ଉର୍ଦ୍ଦୁ ଗାର୍ଲସ ହାଇସ୍କୁଲଠାରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ବାରବାଟୀ କଟକର ପୂର୍ବତନ ବିଧାୟକ ଇଂ. ମହମଦ ମୋକିମଙ୍କ ତତ୍ତ୍ୱାବଧାନରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବିବି ମରିୟମ୍‌ଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାକୁ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜୀମଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ବେଳେ ବାରବାଟୀ କଟକର ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋଷ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ତନ୍ୟପାନ ଉପକାରିତା ଉପରେ ଆଲୋଚନା କରିଥିଲେ। ଆଫରୋଜ ବେଗମ, ଅଙ୍ଗନାୱାଡି ସୁପର ଭାଇଜର୍ ମଧୁଲିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ତନ୍ୟପାନ ନକରିବା ଦ୍ୱାରା ହେଉଥିବା ରୋଗ ଉପରେ ଆଲୋକପାତ କରାଇଥିଲେ। ଡାକ୍ତର ନୟୀମା ତାଜୀମ ସ୍ତନ୍ୟଜନିତ ରୋଗ ଓ ତାର ନିରାକରଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ନବଜାତ ଶିଶୁମାନଙ୍କୁ କେମିତି ସ୍ତନ୍ୟପାନ କରାଯିବ, ତାହାର କୌଶଳ ଶତାଧିକ ନବ ମାତୃତ୍ୱ ଲାଭ କରିଥିବା ମା' ଓ ମହିଳାଙ୍କୁ ଶିଖାଇବା ସହ ସ୍ତନ୍ୟପାନ ଜନିତ ସ୍ୱଚ୍ଛତା ଉପରେ ସଚେତନତା କରିଇଥିଲେ। ଶିକ୍ଷୟିତ୍ରୀ ଫରଜାନା ଆବିଦ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷୟିତ୍ରୀ ଜକିଆ ବାନୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସତ୍ୟରଞ୍ଜନ କରଙ୍କ ସଂଯୋଜନାରେ ସଭା ପରିଚାଳନା ହୋଇଥିବା ବେଳେ ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ, ରୌପ୍ୟ ରଞ୍ଜନ ମହାପାତ୍ରଙ୍କ ସହ ବହୁ ଅଙ୍ଗନବାଡ଼ି କର୍ମୀ ଓ ଆଶା ଦିଦିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପରବୀନ ବେଗମ୍ ଧନ୍ୟବାଦ ଦେଇଥିଲେ।

### ଉଠାଦୋକାନୀଙ୍କ ଉଚ୍ଛେଦ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**କଟକ,୮।୮/ଏନ୍ଏନ୍ଏସ୍:** ମା' ମଙ୍ଗଳା ଉଠାଦୋକାନୀ ବ୍ୟବସାୟୀ ସଂଘ, ମର୍କତନଗର ଉଠାଦୋକାନୀ ସଂଘ ଓ କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ସ୍ଥାନୀୟ ସେକ୍ଟର ୬ ସ୍ଥିତ ଜୟ ପ୍ରକାଶ ନାରାୟଣ ପାର୍କ ସ୍ଥିତ ମା' ମଙ୍ଗଳା ମନ୍ଦିର ନିକଟରୁ ଉଠାଦୋକାନୀମାନଙ୍କୁ ସିଡିଏ ଦ୍ୱାରା ଉଚ୍ଛେଦ ପ୍ରତିବାଦରେ ଶତାଧିକ ଉଠାଦୋକାନୀମାନେ ସେକ୍ଟର ୬ରୁ ଏକ ଶୋଭାଯାତ୍ରାରେ ବାହାରି କଚେରୀ ଗଡ଼ାରେ ପ୍ରତିବାଦ ସଭା କରିଥିଲେ। ଆଗକୁ ପାର୍ବଣ ଆସୁଥିବାରୁ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରି ସେମାନଙ୍କ ଜୀବିକା ଛଡ଼ାଇନେବା କେତେଦୂର ଯଥାର୍ଥ ବୋଲି ମହାସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ ପାଇଁ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କଟକ ଉଠାଦୋକାନୀ ମହାସଂଘ ସଭାପତି ଅମରେନ୍ଦୁ ମହାନ୍ତି, ସଂପାଦକ ଅକ୍ଷୟ ସାହୁ, ମର୍କତନଗର ଉଠାଦୋକାନୀ ସଂଘ ଆବାହକ ନରୋତ୍ତମ ଦାସ, ଉପଦେଷ୍ଟା ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର, ଜ୍ଞାନଗୁରୁ ଦାସ, ଜଗନ୍ନାଥ ସାହୁ, ରାଇଚରଣ ବେହେରା, ରାଜେଶ କୁଆଁର ପ୍ରମୁଖ ଉପସ୍ଥିତ ଥିଲେ।

# ଗଣେଶ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ



**କଟକ,୮।୮/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ମେୟର୍ ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ଗଣେଶ ପୂଜା କିପରି ଶାନ୍ତିଶୃଙ୍ଖଳାର ସହିତ ହୋଇପାରିବ ସେହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ରାସ୍ତାଘାଟ ମରାମତି, ଆଲୋକୀକରଣ, ପରିମଳ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଡିଜେ ସାଉଣ୍ଡକୁ ୬୫ଡେସିବଲରୁ ଅଧିକ ନରଖିବା, ରାତି ୧୦ଟା ପରେ ଡିଜେ ମାଇକ୍ ଏବଂ ମେଲୋଡି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ସମସ୍ତ ଆୟୋଜନ କମିଟିକୁ ଅନୁରୋଧ କରାଯାଇଥିଲା। ଏଥି ସହିତ କୌଣସି ଆୟୋଜନ କମିଟିଙ୍କ ଦ୍ୱାରା ଯେପରି ପ୍ରଭୁ ଗଣେଶଙ୍କ ବିକୃତ ମୂର୍ତ୍ତି ଶୋଭା ନ ପାଇବ ସେଥିପାଇଁ ଧ୍ୟାନ ଦେବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମେଢ଼ ଯିବା ବାଟରେ ଇର୍ଟରନେଟ ଓ ଟିଭି କେବୁଲ ତାର ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ସେଗୁଡ଼ିକୁ ଯଥା ସମୟରେ ଅପସାରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟକ ମହାନଗର ପୂଜା କମିଟି ସଂପାଦକ ପ୍ରଭାତ ତ୍ରିପାଠୀ, ସିଏମ୍‌ସି କମିଶନର୍ କିରଣଦୀପ କୌର ସହତା, ଏଡିସିପି ଅମରେଶ ପଣ୍ଡା, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସାଧାରଣ ସଂପାଦକ ଭିକାରୀ ଦାସ, ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଓ ସ୍ୱେତାସ୍ମିତା, ସିଟି ଇଂ ଅତନୁ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ସ୍କୁଲ୍ କଲେଜ ମିଳିତ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ




**କଟକ,୮।୮/ଏନ୍ଏନ୍ଏସ୍:** ଓଡ଼ିଶା ସ୍କୁଲ୍ କଲେଜ ମିଳିତ ସଂଘ କଟକ ଜିଲ୍ଲା ପକ୍ଷରୁ ଶୁକ୍ରବାର ଶିକ୍ଷକମାନଙ୍କ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଶିକ୍ଷକମାନଙ୍କର ଏକ ଶୋଭାଯାତ୍ରା ସ୍ଥାନୀୟ ସନସାଇନ ପଡ଼ିଆଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ୨୦୧୩ ଅନୁଦାନ ଆଇନରୁ ବାଦ ପଡ଼ିଥିବା ୧୯୪ଟି ଅନୁଦାନଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ତୁରନ୍ତ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ ଏହି ସ୍ମାରକପତ୍ରରେ ଦାବି କରାଯାଇଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମିତିର ଆବାହକ ରଂଜନ ଦାସ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ଶିକ୍ଷକ ସଂଘର ବିଜୟ ଛତ୍ର, ଅଶୋକ ମହାପାତ୍ର, ସୁକାନ୍ତ ବେହେରା, ଅକ୍ଷୟ ମିଶ୍ର, କଳିଙ୍ଗ କେଶରୀ ପ୍ରଧାନ, ବିକ୍ରମ ଦାସ, ପ୍ରମୋଦ ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ ପତି, ଏମଏ କାଶିମ ବେଗ, ରାଜା ୱାସିମ, ବ୍ରଜକିଶୋର ବିଶ୍ୱାଳ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ରମାକାନ୍ତ ମହାପାତ୍ର ଏବଂ ମଧୁସୂଦନ ଦେଓଙ୍କ ସମେତ ଶତାଧିକ ଶିକ୍ଷକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ସିବନାମର କାର୍ଯ୍ୟକାରିଣୀ ବୈଠକ

**କଟକ,୮।୮/ଏନ୍ଏନ୍ଏସ୍:** ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ)ର କାର୍ଯ୍ୟକାରିଣୀ ବୈଠକ ସଂଘ କାର୍ଯ୍ୟାଳୟରେ ସଭାପତି ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମହାସଚିବ ବରିଷ୍ଠ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଗାମୀ ଦିନରେ କେନ୍ଦ୍ରୀୟ ବିଦ୍ୟାଳୟ, କଟକ-୧, ସରସ୍ୱତୀ ଶିଶୁ ମନ୍ଦିର, ମହାନଦୀ ବିହାର, ଜବାହାର ନବୋଦୟ ବିଦ୍ୟାଳୟ, ମୁଣ୍ଡଳୀ ଠାରେ ସିବନାମ ପକ୍ଷରୁ ବୃକ୍ଷ ରୋପଣ କରାଯିବା ସ୍ଥିରୀକୃତ କୟହୋଇଛି। ଏହି ବୈଠକରେ ବିଜୟ ପାତ୍ର, ବିଚିତ୍ରା ନନ୍ଦ ପ୍ରଧାନ, ସରୋଜ କୁମାର ରାୟ, ଅଶୋକ ଚୌଧୁରୀ, ଗୌରାଙ୍ଗ ଦାସ, ବିଜୟ ସ୍ୱାଇଁ, ଦେବେନ୍ଦ୍ର ବେହେରା, ଅଦୈତ୍ୟ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଡ. ସମୀର ରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

ନିରନ୍ତର ବିକାଶ ଜୀବନର ଏକ ନିୟମ । ଯେଉଁ ବ୍ୟକ୍ତି ନିଜକୁ ସଠିକ୍ ବୋଲି ପ୍ରମାଣିତ କରି ନିଜର ରୂଢ଼ିବାଦିତାକୁ ବଜାୟ ରଖିବାକୁ ଚେଷ୍ଟା କରେ, ସେ ନିଜକୁ ଭୁଲ୍ ସ୍ଥିତିରେ ପହଞ୍ଚାଇ ଦିଏ । – ଗାନ୍ଧୀ ବାଣୀ



## ଜାଣିଛ ଉତ୍ତର?



୧- ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ?
୨- କେଉଁ ବର୍ଷ ଭାସ୍କୋଡ଼ାଗାମା ଭାରତ ଉପକୂଳରେ ପାଦ ଦେଇଥିଲେ ?
୩- ପ୍ରଥମ ଆଣ୍ଟିବାୟୋଟିକ 'ପେନିସିଲିନ୍' କିଏ ବାହାର କରିଥିଲେ ?
୪- ଆନ୍ତର୍ଜାତିକ ମାତୃଭାଷା ଦିବସ କେବେ ପାଳିତ ହୁଏ ?
୫- ବର୍ତ୍ତମାନ ବଞ୍ଚିଥିବା ପୃଥିବୀର ସବୁଠୁ ବଡ଼ ପକ୍ଷୀ ?
୬- ଭିଏତନାମର ରାଜଧାନୀ ନାମ କ'ଣ ?
୭- ଓଡ଼ିଶାର ଶାବର ଶ୍ରୀକ୍ଷେତ୍ର ରୂପେ କେଉଁ ସ୍ଥାନ ପରିଚିତ ?

ଉତ୍ତର: ୧- ହରେକୃଷ୍ଣ ମହତାବ, ୨- ୧୪୯୮, ୩- ଆଲେକଜାଣ୍ଡର ଫ୍ଲେମିଂ, ୪- ଫେବୃଆରୀ ୨୧, ୫- ଓଷ୍ଟ୍ରିଚ, ୬- ହାନୋଇ, ୭- ଶବରୀ ନାରାୟଣ



## ବିଶ୍ୱରେ ଏମିତି ବି ହୁଏ

### ମୁଣ୍ଡରେ ୧୧ ବର୍ଷ ତୀର

ବଲିଭିଆର କୋଚାବାମ୍ବା ଅଞ୍ଚଳର ବାସିନ୍ଦା ହେଉଛନ୍ତି ଜୋସ୍ ସିଲ୍‌ଭା । ଜଣେ ବ୍ୟକ୍ତି ତୀର ମାଡ଼ କରିବାରୁ ତାହା ତାଙ୍କ ମୁଣ୍ଡରେ ପଶିଯାଇଥିଲା । ସେତେବେଳେ ଅସ୍ତ୍ରୋପଚାରର ସୁବିଧା ନଥିବାରୁ ତାଙ୍କ ମୁଣ୍ଡରୁ ତୀରଟିକୁ ବାହାର କରାଯାଇ ପାରିନଥିଲା । ମୁଣ୍ଡରେ ତୀରଟି ଦୀର୍ଘ ୧୧ ବର୍ଷ କାଳ ରହିଥିଲା ଏବଂ ସେ ପର୍ଯ୍ୟନ୍ତ ସେ ସ୍ୱାଭାବିକ ଜୀବନ ବିତାଇଥିଲେ ।



## ଯାହା ସତ୍ୟ ନଥିଲା

ଗପ


ମାନସ କୁମାର କର

ସହରର ବିଦ୍ୟୁତ୍ ବନ୍ଦ ହୋଇଯାଇଥିଲା । ଚାରିପାଖରେ ନୀରବତା ଭରିରହିଥିଲା । ମହାନଗରଗୁଡ଼ିକରେ ମଧ୍ୟ ବିଦ୍ୟୁତ୍ ଅବସ୍ଥା ସାଧାରଣତ ଏହିପରି । ଅନ୍ତରା ତାଙ୍କ ନିଜ ଘରକୁ ଫେରୁଥିଲେ । ରାତି ଦଶଟା ବାଜିଯାଇ ଥିଲା । ଅଟୋରୁ ଓହ୍ଲାଇ ସେ ଆଗକୁ ବଢ଼ୁଥିଲେ । ହଠାତ୍ କାହାର ପାଦ ଶବ୍ଦ ଶୁଣି ତାଙ୍କ ମନ ଭିତରେ ଭୟ ଜାଗ୍ରତ ହୋଇଥିଲା । ଯେତେବେଳେ ସେ ପଛକୁ ଚାହିଁଲେ, ଅଟୋ ଡ୍ରାଇଭର ଜଣକ ତାଙ୍କ ପଛେ ପଛେ ଆସୁଥିଲେ । ସେ ଅନୁଭବ କଲେ ଯେ ବୋଧହୁଏ ତାଙ୍କ ଉଦ୍ଦେଶ୍ୟ ଭଲ ନୁହେଁ, ତେଣୁ ସେ ତାଙ୍କ ପଛେ ପଛେ ଆସୁଛନ୍ତି । ଶୂନଶାନ ରାସ୍ତାକୁ କିଟି ମିଟି ଅନ୍ଧାରରେ ତାଙ୍କ ମୁହଁ ଭୟଙ୍କର ଦେଖାଯାଉଥିଲା । ଅନ୍ତରା ମନେ ମନେ ଭାବୁଥିଲେ ଯେ ମୁଁ ତାଙ୍କୁ ଭଡା ଦେଇସାରିଛି, ତେବେ ସେ ମୋ ପଛେ ପଛେ କାହିଁକି ଆସୁଛନ୍ତି ? ଅନ୍ତରାଙ୍କ ଗୋଡ଼ ଦେଇ ବିଦ୍ୟୁତ୍ ଚାଲିଗଲା ପରି ଲାଗିଲା । ସେ ଦ୍ରୁତ ଗତିରେ ଚାଲିବାକୁ ଲାଗିଲେ ।

ଅଟୋ ଷ୍ଟାଣ୍ଡ ଅନ୍ତରାଙ୍କ ଘରଠାରୁ ଅଳ୍ପ ଦୂରରେ ଥିଲା । ତାଙ୍କ ଘରକୁ ପହଞ୍ଚିବା ପାଇଁ ତାଙ୍କୁ ଏକ ମୋଡ଼ ନେବାକୁ ପଡ଼ିଲା । ରାତିରେ, ଅଟୋ ଡ୍ରାଇଭର ଏହି ରାସ୍ତାରେ ଯିବାକୁ ଚାହୁଁ ନଥିଲେ । ସେଥିପାଇଁ ତାଙ୍କୁ ଘରଠାରୁ ଅଳ୍ପ ଦୂରରେ ଓହ୍ଲାଇବାକୁ ପଡ଼ିଲା । ରାସ୍ତାରେ ବୁଲିବା ସମୟରେ, ତାକୁ ସେହି ପିଲାଦିନର ଘଟଣା ମନେ ପଡ଼ିଗଲା, ଯେତେବେଳେ ତାଙ୍କ ବାପା କହିଥିଲେ, ଯଦି ତୁମେ ଭୟରୁ ଦୌଡ଼ି ପଳାଅ, ତେବେ ଭୟ ତୁମକୁ ଛାଡିବ ନାହିଁ । ସେହି ମୋଡ଼ରେ ଅନ୍ତରା ଅଟକିବାକୁ ନିଷ୍ପତ୍ତି ନେଲେ । ସେ ପଥରଟି ଉଠାଇ ସାହସର ସହିତ ପଛକୁ ବୁଲି ଠିଆ ହୋଇଗଲେ ।

ତୁମେ କିଏ ? ତା କଣ୍ଠସ୍ୱର ଥରି ଉଠିଲା ।

ତା ସାମ୍ନାରେ ଠିଆ ହୋଇଥିବା ଲୋକଟି ଗୋଟିଏ ନିଶ୍ୱାସରେ କହିଲା, 'ଭଉଣୀ, ତୁମର ଗୋଟିଏ ବ୍ୟାଗ୍ ଅଟୋରେ ରହିଯାଇଥିଲା ! ସେଥିପାଇଁ ମୁଁ ତୁମକୁ ଡାକୁଥିଲି ।'

ଅନ୍ଧାର ଓ ଜନଶୂନ୍ୟତାରେ ଭୟଭୀତ ହୋଇ ଅନ୍ତରା ଅଟୋରେ ତାଙ୍କ ବ୍ୟାଗ୍ ଭୁଲି ଯାଇଥିଲେ । ତାଙ୍କ ଆଖିରୁ ଲୁହ ବହିଗଲା । ବୁଝିଗଲେ, ଭୟ, ଯାହା ସତ୍ୟ ନଥିଲା, ତାଙ୍କୁ ପିଛା କରୁଥିଲା ।

**କୋଡାଙ୍ଗ, କୋଣାର୍କ**
**ମୋ: ୭୩୮୧୩୮୨୨୧୦**



## ମମତା ଡୋରି ରାକ୍ଷୀ


ସରୋଜ କୁମାର ପାଣିଗ୍ରାହୀ

ଗଲା ତ ଏବେ ଚିତାଲଗା ଯେ ଚିତଉ ଅମା ରାତି
ଚିଉତ ପିଠା ଖାଇବା ପାଇଁ ମାତିଥିଲେ ଯେ ଅତି ।
ଆଗକୁ ଆସେ ଗହ୍ମାପୂର୍ଣ୍ଣମୀ ରାକ୍ଷୀ ପୂର୍ଣ୍ଣମୀ ଅବା
ରଙ୍ଗ ବେରଙ୍ଗ ଭଳି ଭଳିକା ରାକ୍ଷୀ ଦେଖିଣ କାବା ।
ପସରା ମେଲି ବସିଛି ରାକ୍ଷୀ ଦୋକାନୀ ବଜାରରେ
ଜଗାର ଚକା ଆଖିର ରାକ୍ଷୀ ବିକଇ ଆନନ୍ଦରେ ।
ରାକ୍ଷୀ ତ ନୁହେଁ ସାମାନ୍ୟ ସୂତା ମମତା ଅଛି ଭରି
ଭଉଣୀ ବାନ୍ଧେ ଭାଇ ହାତରେ ଦିଅଁଙ୍କୁ ସାକ୍ଷୀ କରି ।
ଅଭୟ ବାଣୀ ମାଗେ ଭଉଣୀ ବିପଦୁଁ ରଖ ଭାଇ
ଜୀବନ ଡୋରି ଧରି ରଖିବ କୃପା କରିବେ ସାଇଁ ।
ଭାଇ-ଭଉଣୀ ଅତୁଟ ସ୍ନେହ ମମତା ଡୋରି ରାକ୍ଷୀ
ଜୀବନ ପଣ କରେ ଯେ ଭାଇ ଜଗନ୍ନାଥଙ୍କୁ ଦେଖି ।
ରଖିବି ତୋର ମାନ ମହତ ଜୀବନ ଥିବା ଯାଏଁ
ହାରିବୁ ନାହିଁ କେବେ କେଉଁଠି ତୋପାଖେ ଯେବେ ଥାଏ ।

**ଜୟରାମପୁର, ଭୋଗରାଇ,**
**ଜି: ବାଲେଶ୍ୱର**
**ମୋ: ୯୫୮୩୧୭୩୬୮୨**

## ଅଗଷ୍ଟ ପନ୍ଦର ଆସୁଛି


ଡ. ସୁନାମଣି ରାଉତ

ବରଷକ ପରେ ଅଗଷ୍ଟ ପନ୍ଦର ଆସୁଛି
ମନ ତଳେ କେତେ ସୁନାର ସପନ ଭାସୁଛି ।
ଗାନ୍ଧି, ଗୋପବନ୍ଧୁ, ସୁଭାଷ, ନେହେରୁ ପଣରେ
ସ୍ୱାଧୀନ ହୋଇଲେ ଭାରତର ଜନଗଣରେ ।
କେତେ ଲାଠିମାଡ଼, ଫାଶୀଦଣ୍ଡ, କାରାକଷଣ
ଏ ମାଟି ଦେଖିଛି କେତେ ଗୁଳିଗୋଳା ବର୍ଷଣ ।
ଭୁଲି ପାଠଶାଠ କେତେ ହୋଇଛନ୍ତି କଇଦୀ
କେତେ ଯେ ବାଜିଆ, ଉଦ୍ଧାମ, ଲକ୍ଷ୍ମଣ ଶହୀଦ୍ ।
ସବୁକଥା ଆଜି ଗୋଟିଗୋଟି ମନେ ପଡୁଛି
ଆଖି ଲୁହ ନୁହେଁ, ହୃଦୟରୁ ଲହୁ ଗଡୁଛି ।
କେତେ ସାଧନାର, ସପନର ଏଇ ଅଗଷ୍ଟ
ସ୍ୱାଧୀନତା ପାଇ ଭୁଲି ଯାଇଅଛେ ସେ କଷ୍ଟ ।
ଆସରେ ପିଲାଏ ଦୁଃଖୀର କଷଣ ହରିବା
ଦେଶଜାତି ପାଇଁ ଫୁଲଟିଏ ହୋଇ ଝରିବା ।
ଜୀବନରେ ଭାଇ ମାଡ଼ିବାନି କେବେ ଅପଥ
ତ୍ରିରଙ୍ଗାକୁ ଚାହିଁ ନେବା ଆଜି ଏଇ ଶପଥ ।

**ରାଜାବଗିଚା, କଟକ-୯**
**ମୋ: ୭୯୭୮୯୨୩୧୭୯**



## ରାକ୍ଷୀ ମୁଁ ଆଣିଚି ତୋ ପାଇଁକି


ଲକ୍ଷ୍ମୀପ୍ରିୟା ପୃଷ୍ଟି

ଚିକିମିକି ଗୋଟେ ସୁନ୍ଦର ରାକ୍ଷୀ
ବଜାରରୁ କିଣି ଆଣିଲା ମିକି
ଧାଇଁଗଲା ତା'ର ଭାଇ କତିକି
ଗେହ୍ଲେଇକି ସିଏ କହେ ଭାଇକି
ରାକ୍ଷୀ ମୁଁ ଆଣିଚି ତୋ ପାଇଁକି ।
ବଡଦିଅଁ ବଳଭଦ୍ର ଆମର
ପ୍ରଭୁ ଜଗନ୍ନାଥ ଭାଇ ତାଙ୍କର
ଅତି ଅଲିଅଳି ସୁଭଦ୍ରା ଭଉଣୀ
ରାକ୍ଷୀ ବାନ୍ଧିବାକୁ ଆଜି ତିଆର ।
ବଳଭଦ୍ର ଦେବ ଜନମ ଦିନ
ସେଥିପାଇଁ ଖୁସି ସଭିଙ୍କ ମନ
ସକାଳୁ ସକାଳୁ ଗାଈଙ୍କୁ ଗାଧୋଇ
ଖୁଆଇବେ ପିଠା ଦେଇ ସମ୍ମାନ ।
ସବୁକଥା ଶୁଣି ଧାଇଁଲା ମୁନା
'ମିକି'ଭଉଣୀ ତା ସତରେ ସୁନା
ରାକ୍ଷୀ ନୁହେଁ ଏତ ମମତାର ଡୋରି
ରାଗ, ଅଭିମାନ ଯା ପାଖେ ମନା ।
କହିଲା, ଲୋ ଗେହ୍ଲି ଭଉଣୀ ମୋର
ରାକ୍ଷୀ ବାନ୍ଧି ହେଲି ଋଣୀ ମୁଁ ତୋର
ସାରା ଜୀବନକୁ ଛାଇ ପରି ରହି
ରକ୍ଷା କରୁଥିବ ତୋର ଏ ଭାଇ ।
ଚିକିମିକି ରାକ୍ଷୀ ବାନ୍ଧିଲା ମିକି
ମୁନା ହସୁଥିଲା ସେ ରାକ୍ଷୀ ଦେଖି
ଏ ପରବ ଆମ ଭାରି ନିଆରା
ପିଠା ପଣା ଖାଇ ମଜା ନେବା ତା'ର
ରାଗ, ଅଭିମାନ ହେବ ପାସୋରା ।

**ଅଧ୍ୟାପିକା, ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଯାଜପୁର**
**ମୋ: ୭୩୭୭୩୧୮୭୮୯**

## ରାକ୍ଷୀ ବାନ୍ଧିବାକୁ କୁନି ଯାଇଥିଲା



ଡ. ଲିଙ୍ଗରାଜ ରଥ

ରାକ୍ଷୀ ବାନ୍ଧିବାକୁ କୁନିଯାଇଥିଲା
କୁନା ପାଶେ ଧାଇଁ ଧାଇଁ
କୁନା କହିଲା- 'ଲୋ ନାନୀ ! ଆମେ ଦୁହେଁ
ଯିବା ହାତେ ରାକ୍ଷୀ ନେଇ ।'
ଗାଆଁ ଶେଷ ଆଡ଼େ ଛୋଟ ଛୋଟ ଘରେ
ରହୁଛନ୍ତି ଯେଉଁ ପିଲା,
ତାଙ୍କ ହାତେ ଯଦି ବାନ୍ଧିଦେବା ରାକ୍ଷୀ
ତେବେ ବଡ଼କାମ ହେଲା ।
ସାଥେ ନେଇଯିବା ଲଡୁ ତାଙ୍କ ପାଇଁ
ଚକୋଲେଟ୍ ନେବା କିଛି
ରାକ୍ଷୀ ପିନ୍ଧାଇବା... ମିଠା ଖୁଆଇବା
ଛୋଟ ପିଲା ବାଛି ବାଛି ।
ତାଙ୍କୁ ହିଁ କହିବା ପାଠ ପଢ଼ିବାକୁ
ଯିଏ ବି ନଥିବ ପଢ଼ି
ବିଦ୍ୟାଳୟେ ନାମ ଲେଖାଇ ପଢ଼ିଲେ
ଖୁସି ତାଙ୍କ ଯିବ ବଢ଼ି ।
ମାଗଣା ଭୋଜନ, ମାଗଣା ପୋଷାକ
ବହି ପତ୍ର ସବୁ ମିଳେ
ପଢ଼ିଲେ ହିଁ ପାଠ ଜାଣିଯିବେ ସବୁ
ଆପଣାର ବୁଦ୍ଧି ବଳେ ।
ରାକ୍ଷୀ ବାନ୍ଧିବାକୁ କୁନାକୁନି ଦୁହେଁ
ଗଲେ ସେ ପିଲାଙ୍କ ପାଶେ
ରାକ୍ଷୀ ବାନ୍ଧି ଦେଲେ... ମିଠା ଖୁଆଇଲେ
ବାନ୍ଧିଲେ ସେନେହ-ଫାଶେ ।
ଏ ଭଳି ସେଦିନ ସକାଳୁ ସେ ଦୁହେଁ
ଯାଇ ପିନ୍ଧାଇଲେ ରାକ୍ଷୀ
ରାକ୍ଷୀ ପୁନେଇଁଟି ଏପରି ଢଙ୍ଗରେ
ହେଲା ତାଙ୍କ ମନଲାଖି ।

**ରଙ୍ଗ ବଜାର, ଭୁବନେଶ୍ୱର**
**ମୋ: ୯୪୩୭୦୧୪୨୪୪**


## ପ୍ରକୃତ ନାମ

କିଛି ବିଶିଷ୍ଟ ବ୍ୟକ୍ତି ଯେଉଁ ନାମରେ ପରିଚିତ ଥାନ୍ତି, ସେମାନଙ୍କ ପ୍ରକୃତ ନାମ ବେଳେବେଳେ ଠିକ୍ ସେୟା ହୋଇନଥାଏ । ସେମାନେ ବିଭିନ୍ନ କାରଣରୁ ନାମ ବଦଳାଇଥାନ୍ତି, କିମ୍ବା ଲୋକେ ସେମାନଙ୍କୁ ଖୁସିରେ ଅନ୍ୟ ଏକ ନାମରେ ଡାକୁ ଡାକୁ ସେମାନେ ପରବର୍ତ୍ତୀ ସମୟରେ ସେହି ନାମରେ ପରିଚିତ ହୋଇଥାନ୍ତି ।


ମିର୍ଜା ଗାଲିବ୍ (Mirza Ghalib)- ପ୍ରଖ୍ୟାତ ଉର୍ଦ୍ଦୁ କବି- ମିର୍ଜା ଆସଦୁଲ୍ଲା ବେଗ୍ ଖାନ୍ (Mirza Asadulla Beg Khan)


ହ୍ୟାଙ୍କ ଆରୋନ (Hank Aaron)- ଆମେରିକୀୟ ବେସ୍‌ବଲ୍ ଖେଳାଳି- ହେନାରୀ ଲୁଇସ୍ ଆରୋନ (Henry Louis Aaron)


ଇଲ କେରାନୋ (IL Cerano) - ଇଟାଲୀର ମହାନ ଚିତ୍ରଶିଳ୍ପୀ- ଜିଓଭାନୀ ବାଟିଷ୍ଟା କ୍ରେସ୍ପି (Giovanni Batista Crespi)


ଜ୍ୟାକି ଶ୍ରଫ (Jackie Shroff)- ହିନ୍ଦି ଚଳଚ୍ଚିତ୍ର ନାୟକ- ଜୟକିଶନ କାକୁଭାଇ ଶ୍ରଫ (Jaikishen kakubhai Shroff)

## ଭାଇ ମୋର


ଜେନା ପ୍ରଦୀପ

ଭାଇ ମୋର ପାଖେ ଥିଲେ
ହସେ ଘର ବାହାର
ଭାଇ ମୋର ଦୁନିଆଁରେ
ସବୁଠାରୁ ସୁନ୍ଦର ।
ଏମିତିକା ଭାଇ ମୋତେ
ଦେଇଛନ୍ତି ଠାକୁର
ରାକ୍ଷୀ ପୁନେଇଁରେ ତାଙ୍କୁ
କରେ କୋଟି ଜୁହାର ।
ଜଗତରେ ଭାଇ ସ୍ନେହ
ଅଟେ ପରା ଅଭୁଲା
ଭାଇ ମୋର ହୋଇଥାଉ
ଟିକେ ପଛେ ଚଗଲା ।
ଭାଇ ମୋତେ ନଦେଖିଲେ
ଖୋଜି ହୁଏ ଅଧୀର
ମୁଁ ବି ମୋ ଭାଇ ପାଇଁ
ସବୁବେଳେ ପାଗଳ ।
ଗୋଟିଏ ବରଷ ପରେ
ଆସେ ରାକ୍ଷୀ ପୁନେଇଁ
ସେଇ ଦିନଟିକୁ ପରା
ରହିଥାଏ ଅନେଇଁ ।
ବାନ୍ଧିଦେଲି କୁନି ହାତେ
ଟିକି ରାକ୍ଷୀ ମୋହର
କାଢ଼ିବୁନି ସୁନାଭାଇ
ହୃଦୟରୁ ତୋହର ।

**ପ୍ଲଟ ନଂ. ୩ଇ ୧୦୧୮**
**ସେକ୍ଟର ୧୩,**
**ମର୍କତନଗର, କଟକ**
**ମୋ: ୯୯୩୮୫୨୦୩୭୧**

## ସୁନା ଭଉଣୀ


ସୁହଂସ ଭୋଇ

ଶ୍ରାବଣ ମାସ ପୂର୍ଣ୍ଣମୀ ତିଥି
ଲଗନ ଶୁଭ ଅତି
ଭାଇ ହାତରେ ଭଉଣୀ ରାଖୀ
ବାନ୍ଧିବ ଅଛି ନୀତି ।
ଫୁଲ ଚନ୍ଦନେ ସଜେଇ ଦେବ
ଭାଇକୁ ତାର ବସି
ମଙ୍ଗଳ ଦୀପ ଆଳତି କରି
ପାଦ ଛୁଇଁବ ହସି ।
ସ୍ନେହରେ ଭାଇ କୋଳେଇ ନେବ
କଥା ରଖିବ ଆଜି
ହଜିଲେ କିଛି ଖୋଜି ଆଣିବ
ସାହସୀ ବୀର ସାଜି ।
ଫୁଲେଇ ହୋଇ ଜାଣିକି ପୁଣି
ଯିବ ଟିକିଏ ରୁଷି
ପାଇବ ଯଦି ଉପହାରଟି
ମନ ହୋଇବ ଖୁସି ।
ବାପା ମାଆଙ୍କ ଗେଲ ବସର
ଭାଇର ସୁନାନାକୀ
ପ୍ରତି ବରଷ ଏଇ ଦିନକୁ
ଭଉଣୀ ଥାଏ ଚାକି ।

**ପହଣ୍ଡି, ବିଜେପୁର, ବରଗଡ଼**
**ମୋ: ୯୪୩୭୫୨୨୪୫୫**



## ଜଣାଅଜଣା


## ଲୋକଟ

ଫଳଟିର ନାମ ଲୋକଟ (Loquat) । ବହୁ ପୂର୍ବରୁ ଚୀନରେ ଏବଂ ୧୦୦୦ ବର୍ଷରୁ ଅଧିକ ସମୟ ପୂର୍ବରୁ ଏହା ଜାପାନରେ ଫଳୁଥିଲା । ପରେ ଏହା ଅନ୍ୟାନ୍ୟ ଦେଶରେ ଧୀରେ ଧୀରେ ଚାଷ କରାଯାଇଥିଲା । ଏହାର ଆକୃତି ଆମ ଦେଶରେ ହେଉଥିବା ଜାମୁରୋଳ (ଗୋଲାପଜାମୁ) ଭଳି । କିନ୍ତୁ ସ୍ୱାଦ ଖଟା ମିଠା । ଠିକ୍ କମଳା ଭଳି । ଏହାର ଗଛ ୧୬ ଫୁଟରୁ ୩୩ ଫୁଟ ଉଚ୍ଚ ହୋଇଥାଏ । କେତେକ କ୍ଷେତ୍ରରେ ୧୦-୧୫ ଫୁଟ ମଧ୍ୟ ହୋଇଥାଏ । ଏହି ଫଳକୁ କଞ୍ଚାରେ ଖାଇ ହେବ । କିନ୍ତୁ ଅଧିକ ଖଟା ଲାଗେ । ତେଣୁ ଅଧିକାଂଶ ଲୋକ ଏହାକୁ ପାଚିଲା ଖାଇବାକୁ ଭଲ ପାଆନ୍ତି ।

ଫଳଟିର ଲମ୍ବ ୧ରୁ ୩ ଇଞ୍ଚ । ପାଚିଲେ ଏହା ହଳଦିଆ, ଲାଲ ହଳଦିଆ ବା ବେଳେବେଳେ କିଛି ଅଂଶରେ ତମ୍ବା ରଙ୍ଗର ହୋଇଥାଏ । ଫଳ ଭିତରେ ୩/୪ଟି ମଞ୍ଜିଥାଏ । ମଞ୍ଜି ଗୁଡ଼ିକୁ କାଢ଼ି ଖାଇବାକୁ ପଡ଼େ । ଜାମ୍ ଓ ମଦ ପ୍ରସ୍ତୁତିରେ ଏହାର ବ୍ୟବହାର କରାଯାଏ । ଏଥିରେ ମଧ୍ୟ ଜୁସ୍ ତିଆରି କରାଯାଏ । କେତେକ ଦେଶର ଲୋକେ ଏହା ପତ୍ର ଓ ଫୁଲକୁ ଚା' ପ୍ରସ୍ତୁତିରେ ବ୍ୟବହାର କରିଥାନ୍ତି । ଲୋକଟରେ ବିଭିନ୍ନ ପ୍ରକାରର ଭିଟାମିନ୍, ଖଣିଜ ଉପାଦାନ ଥାଏ । କେତେକ ନିର୍ଦ୍ଦିଷ୍ଟ ରୋଗ ଓ ଚର୍ମ ଲାଗି ଏହା ବେଶ୍ ଉପକାରୀ ।



## ତୁମ ପାଇଁ ବହି




### କୁଆଟି

**ଲେଖକ: ରାଧାମାଧବ ରଥ**
**ପ୍ରକାଶକ: ଚିତ୍ତରଞ୍ଜନ ବଳୀୟାରସିଂହ, ଭିବନେଶ୍ୱର (ଗାୟତ୍ରୀ)**
**ମୂଲ୍ୟ: ୨୦୦ ଟଙ୍କା**

ଏହା ଏକ ଶିଶୁ ଉପନ୍ୟାସ । ଏକ କୁଆ ସହ ବାଳକ ଟୁବୁଲାର ନିବିଡ଼ ବନ୍ଧୁତା ଭିତ୍ତିରେ ଏହା ରଚନା କରାଯାଇଛି । ଦୁହିଁଙ୍କ ଭିତରେ କିଭଳି ନିବିଡ଼ ସଂପର୍କ ରହିଛି ଏବଂ କୁଆଟି ଟୁବୁଲାକୁ ବିପଦ ଆପଦରେ କିପରି ସାହା ହେଉଛି, ଲେଖକ ତାହା ହୃଦୟସ୍ପର୍ଶୀ ଭାବେ ବର୍ଣ୍ଣନା କରିଛନ୍ତି । ଏଥିରେ ମଧ୍ୟ କୋଇଲି, ବଗ ଓ ଶଙ୍ଖଚିଲ ଭଳି ଚରିତ୍ର ସ୍ଥାନ ପାଇଛି । ଉପନ୍ୟାସଟିରେ ପରିବେଶ ସନ୍ତୁଳନ ବିଷୟରେ ଉଲ୍ଲେଖ କରାଯାଇଛି । ସମ୍ପୂର୍ଣ୍ଣ ରଙ୍ଗିନ ଏହି ବହିଟିରେ କୋଡ଼ିଏଟି ଚିତ୍ର ସ୍ଥାନ ପାଇଛି । ଆଶା, ପିଲାଙ୍କ ପାଇଁ ବହିଟି କୌତୁହଳପ୍ରଦ ହୋଇପାରିବ ।

## କୁନାକୁନିଙ୍କ ଚିତ୍ର





ଅରୋଶିଖା ରାଉତ

କ୍ଲାସ୍-୩,
ସେଣ୍ଟ ଜାଭିୟର ହାଇସ୍କୁଲ,
ପୁରୀ


ଓମ୍‌ପ୍ରକାଶ ବାରିକ

କ୍ଲାସ୍-୧୧,
ଶିଦ୍ଧି ବିନାୟକ କଲେଜ୍,
ଅନୁଗୁଳ



**'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ**

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

# ଜନସାଧାରଣଙ୍କ ଅଂଶଗ୍ରହଣ ଓ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବ: ବାଚସ୍ପତି




**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ଆଜି ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ୍‌କୁ ଉନ୍ମୋଚନ କରି ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ ଏଭଳି ପ୍ରୟାସ ଅଧିକ ସ୍ୱଚ୍ଛ ଓ ପାରଦର୍ଶିତା ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତ୍ତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ । ଏହି ଉନ୍ମୋଚନ ସୁଶାସନ ଏବଂ ନାଗରିକ ସମ୍ପୃକ୍ତି ପାଇଁ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରିବା କ୍ଷେତ୍ରରେ ପ୍ରତିବଦ୍ଧତାର ଏକ ନିଦର୍ଶନ । ଏହି ପ୍ଲାଟ୍‌ଫର୍ମ କେବଳ ବିଧାନସଭାର କାର୍ଯ୍ୟକାରିତାକୁ ବୃଦ୍ଧି କରିବ ନାହିଁ ବରଂ ଓଡ଼ିଶାର ଜନସାଧାରଣଙ୍କ ଅଧିକ ଅଂଶଗ୍ରହଣ ଏବଂ ସମ୍ପୃକ୍ତିକୁମଧ୍ୟ ପ୍ରୋତ୍ସାହିତ କରିବ । ଚଳିତ ଅଗଷ୍ଟ ମାସ ୨୯ ଓ ୩୦ ତାରିଖରେ ଦୁଇଦିନ ଧରି ଓଡ଼ିଶାରେ ଜାତୀୟ ସ୍ତରର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧକ୍ଷମାନଙ୍କ ସମ୍ମିଳନୀ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଯାଉଛି । ଏହି ସମ୍ମିଳନୀରେ ଲୋକସଭାର ମାନ୍ୟବର ବାଚସ୍ପତି ଓ ରାଜ୍ୟସଭାର ମାନ୍ୟବର ଉପାଧକ୍ଷ ଏବଂ ସଂସଦର ଉଭୟ ଗୃହ ଓ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିମାନଙ୍କର ଅଧକ୍ଷ ଓ ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅତିଥିମାନେ ଏହି ନୂତନ ୱେବ୍‌ସାଇଟ୍‌ରେ ପାର୍ଲାମେଣ୍ଟ ଦ୍ୱାରା ପ୍ରଦତ୍ତ ଲିଙ୍କ୍‌ରେ ରେଜିଷ୍ଟ୍ରେସନ୍ କରିବାର ସୁବିଧା ପାଇବେ । ଏହି ଅବସରରେ ଶକ୍ତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ, ବିଧାନସଭାରେ କାର୍ଯ୍ୟରତ ଏନ୍ଆଇସିର ଯୁଗ୍ମ ନିର୍ଦ୍ଦେଶକ ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭାଗୀୟ ଅଧିକାରୀଙ୍କୁ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିର୍ଦ୍ଦେଶ

# ପ୍ରତିଟି ପ୍ରକଳ୍ପର ଦୈନିକ ମନିଟରିଂ କର

- ତୃଣମୂଳସ୍ତରରୁ ଉତ୍ତରଦାୟିତ୍ୱ ସୁନିଶ୍ଚିତ ହେବ: ମନ୍ତ୍ରୀ
- ପ୍ରତ୍ୟେକ ମାସରେ ୩୦ ବ୍ଲକ୍ ଓ ୩ ଜିଲ୍ଲାର ସ୍ୱତନ୍ତ୍ର ସମୀକ୍ଷା



**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନାକୁ ପହଞ୍ଚାଅ । ଯୋଜନା ଗୁଡ଼ିକର ରୂପାୟନରେ ପଛୁଆ ରହୁଥିବା ୩୦ଟି ବ୍ଲକ୍ ଓ ୩ ଟି ଜିଲ୍ଲା ଗୁଡ଼ିକ ଉପରେ ସ୍ୱତନ୍ତ୍ର ଫୋକସ୍ ଦିଆଯାଇ ପ୍ରତିଟି ପ୍ରକଳ୍ପର ଦୈନିକ ମନିଟରିଂ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ବିଭାଗର ପ୍ରତିଟି କାର୍ଯ୍ୟ ପାଇଁ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରାଯାଇ ଅବହେଳା ଓ ନିମ୍ନଧରଣର ପ୍ରଦର୍ଶନ କ୍ଷେତ୍ରରେ ଯଥାବିଧି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ବିଭାଗ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଯୋଜନାର କାର୍ଯ୍ୟ ବିଷୟରେ ସବିସ୍ତୃତ ସମୀକ୍ଷା କରି ଶ୍ରୀ ନାଏକ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗୀୟ ସମସ୍ତ ଅଧିକାରୀ, ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନିର୍ବାହୀ ଯନ୍ତ୍ରୀମାନଙ୍କୁ ଦିଗଦର୍ଶନ ଦେଇ ବିଭାଗର କାର୍ଯ୍ୟକ୍ରମ ଗୁଡ଼ିକୁ ସେଚୁରେସନ୍ ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନା, ହର୍ ଘର୍ ଜଲ୍, ବିକଶିତ ଗାଁ ବିକଶିତ ଓଡ଼ିଶା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଏମ୍ ଜିଏନ୍ଆର୍ ଇଜିଏସ୍ ଓ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଆଦି ସମ୍ବନ୍ଧରେ ସବିଶେଷ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଅଧିକାରୀ ଗଣଙ୍କ ଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପିତ କରାଯାଇଥିଲା । ନିର୍ଦ୍ଧାରିତ ସମୟରେ ୨୦୭ ପ୍ରକଳ୍ପର ନିର୍ମାଣ ସମ୍ପୂର୍ଣ୍ଣ ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ । ୧୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ବାକିଥିବା ସମସ୍ତ ପ୍ରକଳ୍ପ ଯେପରି ଯଥା ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେବ ସେ ବିଷୟରେ ଆଲୋଚନା ହୋଇଥିଲା । ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଲେ ଦୈନିକ ଭିତ୍ତିରେ କାର୍ଯ୍ୟକାରୀ କରୁଥିବା ଏଜେନ୍ସି ଉପରେ ପେନାଲ୍ଟି ଓ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଦରମାକାଟ ପାଇଁ ମନ୍ତ୍ରୀ ଶ୍ରୀ ନାଏକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଗିରୀଶ ଏସ୍ଏନ୍ ବିଭାଗର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ । ଏହି ଅବସରରେ ପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ , ଅନ୍ୟ ବରିଷ୍ଠ ଅଧିକାରୀ ମନ୍ତ୍ରୀଙ୍କୁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚିତ କରିଥଲେ ।

## ଉପରାଷ୍ଟ୍ରପତି ନିର୍ବାଚନ

# 'ଏନ୍‌ଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେଡି ଦେବନାହିଁ ସମର୍ଥନ'

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ ଦେବନି ବିଜୁ ଜନତା ଦଳ । ଦଳ ଏନଡିଏ ସମର୍ଥିତ ପ୍ରାର୍ଥୀଙ୍କୁ କଦାପି ସମର୍ଥନ କରିବ ନାହିଁ ବୋଲି ବିଜେଡି ନେତା ତଥା ପୂର୍ବତନ ସାଂସଦ ମହେଶ ସାହୁ କହିଛନ୍ତି ।




ଶ୍ରୀ ସାହୁ କହିଛନ୍ତି ଯେ ବିଗତ ଦିନରେ ନରେନ୍ଦ୍ର ମୋଦୀ ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିଥିବାରୁ ଆମେ ତାଙ୍କୁ ସମର୍ଥନ କରିଥିଲୁ ।ହେଲେ ଏବେ ସ୍ଥିତି ଭିନ୍ନ । ତେଣୁ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଦେବନାହିଁ । ତେବେ ବିଜେଡି କହାକୁ ସମର୍ଥନ ଦେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଉପରେ ସବୁ ନିର୍ଭର କରୁଛି । ଏହାଦ୍ୱାରା ଜାତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହେବ ବୋଲି ଚର୍ଚ୍ଚା ହେଉଛି ।

## ଛାତ୍ରୀ ଓ ମହିଳା ନିର୍ଯାତନା ପ୍ରସଙ୍ଗ

# ସରିଲା ଯୁବ ଓ ଛାତ୍ର ବିଜେଡିର ଆନ୍ଦୋଳନ


**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ରାଜ୍ୟରେ ଛାତ୍ରୀ ଓ ମହିଳା ନିର୍ଯାତନା ବୃଦ୍ଧି ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପୂର୍ବଘୋଷିତ କାର୍ଯ୍ୟକ୍ରମ ଆଧାରରେ ଅଗଷ୍ଟ ୧ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନର ଆଜି ଶେଷ ଦିନରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇଥିଲେ । ଉପଯୁକ୍ତ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ୍ ଡିଜିଙ୍କ ଉଦ୍ଦେଶ୍ୟରେ ନିକଟସ୍ଥ ଥାନା ଓ ଏସପି ଅଫିସରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣାମାନ କେବଳ ମହିଳାଙ୍କ ସୁରକ୍ଷା ଉପରେ ନୁହେଁ, ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି । ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ, ଗୋପାଳପୁର ବିଚରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଳଙ୍ଗାରେ ନାବାଳିକାକୁ ଜିଅନ୍ତା ଜାଳି ଦେବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ମହିଳା ବିରୋଧୀ ଘଟଣାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଡାକରା ଦିଆଯାଇଥିବା ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଥିଲା । ଆନ୍ଦୋଳନ ସଫଳ ହୋଇଥିବାରୁ ସମସ୍ତଙ୍କୁ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଜଣାଇଛନ୍ତି ।

# ଭୁଜାଲି ଆକ୍ରମଣରେ ବ୍ୟବସାୟୀ ମୃତ,୬ ଗିରଫ



**ଯୋଡ଼ା,୮।୮/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ କାନପୁର ଡ୍ୟାମ ସ୍ଥିତ କଣ୍ଡରା ହାଟରେ ଗୁରୁବାର ସନ୍ଧ୍ୟା ସମୟରେ ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଥିବାବେଳେ ପୁଲିସ ଏହି ଘଟଣାରେ ୬ଜଣଙ୍କୁ ଗିରଫ କରିଛି । ଗିରଫମାନଙ୍କ ମଧ୍ୟରେ ୨ ଜଣ ନାବାଳକ ଥିବା ଜଣାଯାଇଛି । ମୃତକ ବ୍ୟବସାୟୀ ହେଉଛନ୍ତି ଚମ୍ପୁଆ ସ୍ଥିତ ୩ ନମ୍ବର ୱାର୍ଡ ଅନ୍ତର୍ଗତ ଅଲିନଗର ଅଞ୍ଚଳର ସୁଦାମ ହୁସେନ ବୟସ (୨୬) । ଗୁରୁବାର ସୁଦାମ ମୋବାଇଲ କଭର ସାମଗ୍ରୀ ବ୍ୟବସାୟ କରି ଦୋକାନ ବନ୍ଦ କରୁଥିବା ବେଳେ ୫ରୁ୬ ଜଣ ଦୁର୍ବୃତ୍ତ ଏକ ସ୍କୁଟି ଏବଂ ଗୋଟିଏ ବାଇକରେ ଆସି ତାଙ୍କୁ ମାଗଣାରେ ମୋବାଇଲ କଭର ମାଗିବାରୁ ସେ ମନା କରିଥିଲେ । ଏହାକୁ ନେଇ ସାମାନ୍ୟ ବଚସାରୁ ସୁଦାମଙ୍କୁ ଦୁର୍ବୃତ୍ତମାନେ ଭୁଜାଲିରେ ଆକ୍ରମଣ କରିଥିଲେ । ଯାହାଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହାକୁ ଦେଇ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ପୁଲିସ ତଦନ୍ତ ଆରମ୍ଭ କରିବା ସହ ୬ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଯୋଡ଼ା ସ୍ଥିତ ସହୀଦ ନଗରର ବିନୁ ପିଙ୍ଗୁଆ (୨୦), ଆଜାଦ ବସ୍ତିର ମନୋଜ ପାତ୍ର(୨୯), ସୁରଜ ହେମ୍ବ୍ରମ (୨୧), ବିକାଶ ପାତ୍ର (୧୯) । ବାକି ୨ ଜଣ ନାବାଳକ ବୋଲି ଜଣାଯାଇଛି । ଯୋଡ଼ା ପୁଲିସ ଏନେଇ କେଶ୍ ନମ୍ବର ୨୧୦/୨୫ରେ ଏକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ୧୨ରୁ ରାଜ୍ୟବ୍ୟାପୀ କୃମିନାଶକ ଏବଂ ଭିଏଏସ୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି, ରକ୍ତହୀନତା ନିରାକରଣ ଏବଂ ପରଜୀବୀ କୃମି ସଂକ୍ରମଣରୁ ମୁକ୍ତି ପାଇଁ, ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ସହଭାଗୀତାରେ ଆସନ୍ତା ୧୨ରେ ଓଡ଼ିଶାରେ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) ଏବଂ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ (ଭିଏଏସ୍) କାର୍ଯ୍ୟକ୍ରମ ଆରମ୍ଭ ହେବ । ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ ୩୦ ଟି ଜିଲ୍ଲାରେ ୧-୧୯ ବର୍ଷ ବୟସର ୧.୨୬ କୋଟିରୁ ଅଧିକ ଶିଶୁ ଏବଂ ୨୦-୨୪ ବର୍ଷ ବୟସର ୧୫ ଲକ୍ଷରୁ ଅଧିକ ପ୍ରଜନନ ବୟସର ମହିଳାଙ୍କୁ ଆଲବେଣ୍ଡାଜୋଲ୍ ଔଷଧ ପ୍ରଦାନ କରାଯିବ । ଏଥିରେ ୧୨ ଟି ଏଲ୍ଏଫ୍-ଏମ୍‌ଡିଏ ଜିଲ୍ଲାର ୧-୨ ବର୍ଷ ବୟସର ୪,୦୧,୦୮୧ ଶିଶୁ, ଏନ୍‌ଡିଡି ଜିଲ୍ଲାଗୁଡ଼ିକର ୧-୫ ବର୍ଷ ବୟସର ୨୩,୩୯,୧୦୨ ଶିଶୁ, ଏବଂ ୬-୧୯ ବର୍ଷ ବୟସର ୯୯,୦୬,୪୩୩ ଶିଶୁ ଅନ୍ତର୍ଭୁକ୍ତ । ବାର୍ଷିକ ଦୁଇଥର ଅନୁଷ୍ଠିତ ହେଉଥିବା ଏହି ଭିଏଏସ୍ କାର୍ଯ୍ୟକ୍ରମ ୯ ମାସରୁ ୬୦ ମାସ ବୟସର ଆନୁମାନିକ ୩୨ ଲକ୍ଷ ଶିଶୁଙ୍କ ପାଖରେ, ଯାହା ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି କରିବ ଏବଂ ଶିଶୁ ମୃତ୍ୟୁ ଓ ଅସୁସ୍ଥତା ମଧ୍ୟ ହ୍ରାସ କରିବ । ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡକ୍ଟର ରାଜ୍ୟଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଜାତୀୟ କୃମିନାଶକ ଦିବସ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଯୁବତୀମାନଙ୍କ ରକ୍ତହୀନତା ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯୀ କହିଛନ୍ତି ଯେ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ ସହିତ କୃମିନାଶକକୁ ମିଶ୍ରଣ କରିବା ସରକାରଙ୍କ ଦ୍ୱାରା ଅପପୁଷ୍ଟି ବିରୁଦ୍ଧରେ ଲଢ଼ିବା ଏବଂ ପିଲାମାନଙ୍କ ମଧ୍ୟରେ ମସ୍ତିଷ୍କ ବିକାଶକୁ ସମର୍ଥନ କରିବା ପାଇଁ ଏକ ଦୃଢ଼ ପଦକ୍ଷେପ । ତେବେ ଅନୁଗୁଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାଗୁଡ଼ିକରେ ୧-୨ ବର୍ଷ ବୟସର ଶିଶୁମାନେ ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ କୃମିନାଶକ ଔଷଧ ପାଇବେ । ଆଜି ଆୟୋଜିତ କାର୍ଯ୍ୟକ୍ରମରେ ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସ୍ମୃତିଜିତ୍ ପଟ୍ଟନାୟକ ଏବଂ ୟୁନିସେଫ୍‌ର ପୋଷଣ ଅଧିକାରୀ ଡକ୍ଟର ସଞ୍ଜୟ କୁମାର ସାହୁ ମଧ୍ୟ ଯୋଗ ଦେଇଥିଲେ ।

# ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା




**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ବାଙ୍ଗାଲୋରର ବେସିକ ନିଡସ ଇଣ୍ଡିଆ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ଏହି ସମ୍ମିଳନୀରେ ଯୋଗ ଦେଇ କହିଥିଲେ ଯେ ମନୁଷ୍ୟ ଅଧିକ ଦିନ ଧରି ମାନସିକ ଚାପରେ ରହିଲେ ତାହା ମାନସିକ ଅସୁସ୍ଥତା ଆଡ଼କୁ ଗତି କରିଥାଏ । ଏହାର ସଠିକ୍ ପରିଚାଳନା କରିବାକୁ ହେଲେ ଚାପରେ ରହୁଥିବା ସମୟରେ ବ୍ୟବହାରରେ ସକରାତ୍ମକ ଚିନ୍ତା ଆଣିବାକୁ ହେବ ବୋଲି କହିଥିଲେ । ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ମାନସିକ ବିକାର, ଛୋଟ ପିଲାଙ୍କ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବଲାଙ୍ଗିର, ବରଗଡ଼, ଅନୁଗୁଳ, ସୁବର୍ଣ୍ଣପୁର ଏବଂ କନ୍ଧମାଳ ଜିଲ୍ଲାରୁ ଆସିଥିବା ମାନସିକ ରୋଗ ଏବଂ ମାନସିକ ବିଷାଦରୁ ମୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ଏ ବାବଦରେ ବୁଝାଇବା ସହ ସେଥିରୁ ମୁକୁଳିବା ପାଇଁ ନିଜର ଚିନ୍ତାଧାରାକୁ ସକାରାତ୍ମକ କରିବା ଏବଂ ମନଭିତରକୁ ପ୍ରବେଶ କରୁଥିବା ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ମାନସିକ ଚାପରୁ ମୁକୁଳିବାର ଉପାୟ ମାନ ପ୍ରଦାନ କରଯାଇଥିଲା । ଏହି ବୈଠକରେ ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ମୋହନ ବେବୋର୍ଥା, ଅବସରପ୍ରାପ୍ତ ଆଇ.ଏ.ଏସ ବ୍ରତାତି ହରିଚନ୍ଦନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ

# ଦିନକ ମଧ୍ୟରେ ଦିଆଗଲା ଦିବ୍ୟାଙ୍ଗ ପ୍ରମାଣପତ୍ର

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ରାଜ୍ୟ ସରକାର ସବୁ ବର୍ଗର ହିତାଧିକାରୀଙ୍କ ଭଳି ଦିବ୍ୟାଙ୍ଗଙ୍କ ହିତ ପ୍ରତି ପ୍ରାଧାନ୍ୟ ଦେଇ ସଦା ସର୍ବଦା ସମର୍ପିତ ରହି କାର୍ଯ୍ୟ କରୁଛନ୍ତି । ସେହି କ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ତ୍ୱରିତ୍ୱ ପଦକ୍ଷେପ ଏବଂ ନିର୍ଦ୍ଦେଶରେ ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

ସୂଚନାଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲାର କୁମୀଆପାଲି ଗାଁର ଭୋଜରାଜ ଚିନ୍ଦା ଦୃଷ୍ଟିବାଧିତ ଥିବା ସତ୍ତ୍ୱେ ଦିବ୍ୟାଙ୍ଗ ପ୍ରମାଣପତ୍ର ନଥିଲା । ସେ ପ୍ରମାଣପତ୍ର ପାଇବାନେଇ ଅନେକଥର ଚେଷ୍ଟା କରିଥିବା ନେଇ ଗଣମାଧ୍ୟମ ସୂତ୍ରରୁ ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ତ୍ୱରିତ୍ୱ ପଦକ୍ଷେପ ଗ୍ରହଣ କରିଥିଲେ । ଡକ୍ଟର ମହାଲିଙ୍ଗ ସେହି ବ୍ୟକ୍ତିଙ୍କର ସଂପୂର୍ଣ୍ଣ ଯୋଗ୍ୟତା ଯାଞ୍ଚ କରି ତୁରନ୍ତ ଦିବ୍ୟାଙ୍ଗ ପ୍ରମାଣପତ୍ର ଯୋଗାଇ ଦେବାପାଇଁ ବଲାଙ୍ଗିରର ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ ମିଳିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଭୋଜରାଜ ଚିନ୍ଦାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସେହିପରି କାମରେ ଅବହେଳା କରିଥିବାରୁ ତଦନ୍ତ ପରେ ସମ୍ପୃକ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଦିବ୍ୟାଙ୍ଗ କଲ୍ୟାଣ ପ୍ରତି ସମର୍ପିତ ରହିବା ସହ ସବୁ ବର୍ଗର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି ।

## ରାଜ୍ୟ ସରକାରଙ୍କ କୃଷକମାରଣ ନୀତି ବିରୋଧରେ ରଣହୁଙ୍କାର

# ୧୮ରେ ବରଗଡ଼ରେ ବିଜେଡିର ଚାଷୀ ସମାବେଶ

**ଭୁବନେଶ୍ୱର,୮।୮/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ବିରୋଧ କରି ବିଜେଡି ଆସନ୍ତା ୧୮ରେ ବରଗଡ଼ ଠାରେ ବିରାଟ ଚାଷୀ ସମାବେଶ କରିବ ବୋଲି ଘୋଷଣା କରିଛି । ଶୁକ୍ରବାର ଶଙ୍ଖ ଭବନରେ ଦଳର କୃଷକ ସେଲ୍‌ର ଆବାହକତ୍ୱରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ବୈଠକରେ ଏହା ଘୋଷଣା କରାଯାଇଛି । ବୈଠକକୁ କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଅଧକ୍ଷତା କରିଥିବା ବେଳେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ ।ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ କୃଷକ ପ୍ରତିନିଧିମାନଙ୍କ ସହିତ ଦଳର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ସୁଦାମ ମାରାଣ୍ଡି, ପ୍ରତାପ ଜେନା, ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡ଼େଇ, ବଦ୍ରି ପାତ୍ର, ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, ପ୍ରଫୁଲ୍ଲ ସାମଲ, ଅମର ପଟ୍ଟନାୟକ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ରମେଶ ମାଝୀଙ୍କ ସହିତ ଦଳୀୟ ବିଧାୟକଗଣ ଓ ବିଭିନ୍ନ ଜିଲ୍ଲାର ସଭାପତିମାନେ ଅଂଶଗ୍ରହଣ କରିଥିଲେ । ବୈଠକରେ ରାଜ୍ୟରେ କୃଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା ।



ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର କୃଷକ ସେଲ୍ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଉପରେ ବର୍ଷିଥିଲେ । ଶ୍ରୀ ଆଚାର୍ଯ୍ୟ କହିଥିଲେ ରାଜ୍ୟ ବିଜେପି ସରକାରଙ୍କ ଗତ ୧୩ ମାସର ଶାସନକାଳରେ ଚାଷୀମାନଙ୍କ ସମସ୍ୟା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟ ସରକାର ଏହି ସମସ୍ୟା ଗୁଡିକର ପ୍ରତିକାର କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି । ଏହି କାରଣରୁ, ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ କୃଷି ଉତ୍ପାଦନର ବିକାଶ ହାର ୭.୮% ଥିଲାବେଳେ, ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୩.୮%କୁ ଖସିଆସିଛି । ସେହିପରି, ଡବଲ ଇଞ୍ଜିନ ଓ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ସମୟରେ କେନ୍ଦ୍ରୀୟ ଅନୁଦାନ କମିଛି । ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ, ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଅନୁଦାନ ୧୮.୧୯% କମିଥିବା ବେଳେ କୃଷି କ୍ଷେତ୍ରରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ କମିଛି । ଉଦାହରଣ ସ୍ୱରୂପ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪୬ କୋଟି ଟଙ୍କାର ଅନୁଦାନ ମିଳିଥିବା ବେଳେ ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ୩୨ କୋଟି ଟଙ୍କାକୁ ଖସି ଆସିଛି । ସେହିପରି, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାକୁ ୨୨୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ କୌଣସି ଅନୁଦାନ ମିଳିଲା ନାହିଁ । ଶ୍ରୀ ଆଚାର୍ଯ୍ୟ ଆହୁରି କହିଥିଲେ ଯେ ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ରବି ଧାନ କିଣା ପାଇଁ ଚାଷୀମାନଙ୍କୁ ପଞ୍ଜିକୃତ କରିବାକୁ ଆହ୍ୱାନ କରାଯାଇଥିବା ବେଳେ ଏହି ପଞ୍ଜିକରଣ ପାଇଁ ଯେଉଁସବୁ ସର୍ତ୍ତ ରଖାଯାଇଛି ତାହା ଅତ୍ୟନ୍ତ ଜଟିଳ ହୋଇଥିବାରୁ ଅଧିକାଂଶ ଚାଷୀମାନେ ପଞ୍ଜିକରଣ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି । ଜମିର ମାଲିକାନା ଥିବା ବ୍ୟକ୍ତିଙ୍କ ସମସ୍ତ ପରିବାର ସଦସ୍ୟଙ୍କ ସ୍ୱୀକୃତି ପତ୍ର ଦାଖଲ କରିବା ପାଇଁ କୁହାଯାଇଛି ଯାହା ଅଧିକାଂଶ ଚାଷୀଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ । ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ବିଜେପି ବିନା କଟନୀ ଛଟନୀରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଖରିଫ ଧାନ କିଣା ସମୟରେ ରାଜ୍ୟ ସରକାର ଗ୍ରେଡ୍ ଆନାଲାଇଜର ଲଗାଇଲେ ଯାହା ଫଳରେ ଧାନ ପ୍ରତି କୁଇଣ୍ଟାଲରେ ପ୍ରାୟ ଦଶରୁ ପନ୍ଦର କେଜି କଟନୀ ଛଟନୀ ହେଲା । ବିଜେପିର ବିନା କଟନୀ ଛଟନୀରେ ଧାନ କିଣା ଓ ଦଲାଲ ମୁକ୍ତ ଧାନ କିଣା ପ୍ରତିଶ୍ରୁତି ବାସ୍ତବରେ ଏକ ଧୂଆଁବାଣରେ ପରିଣତ ହୋଇଛି । ସଞ୍ଜୟ ଦାସବର୍ମା କହିଥିଲେ ଯେ ନିର୍ବାଚନ ସମୟରେ ବିଜେପି ତରଫରୁ ସ୍ୱାମୀନାଥନ କମିସନଙ୍କ ସୁପାରିଶ ଅନୁଯାୟୀ ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟ ସରକାର ଇନପୁଟ୍ ସବସିଡି ନାମରେ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି । କିନ୍ତୁ, ଖରିଫ ଓ ରବି ଧାନ କିଣା ସମୟରେ ଟୋକନ ମିଳିଥିବା ଅଧିକାଂଶ ଚାଷୀମାନଙ୍କ ଧାନ ଉଠିପାରିଲା ନାହିଁ । ଯୋଗାଣ ବିଭାଗର ରିପୋର୍ଟ ଅନୁଯାୟୀ ପ୍ରାୟ ୧ ଲକ୍ଷ ୫୩ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇ ପାରିନାହିଁ, ଯେଉଁଥିପାଇଁ ସମଗ୍ର ଓଡ଼ିଶାରେ ଚାଷୀମାନେ ହଇରାଣ ହରକତ ହେଉଛନ୍ତି । ସେହି ସମସ୍ୟା ସମାଧାନ ହୋଇନଥିବା ବେଳେ ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଖରିଫ ଧାନ ପାଇଁ ପଞ୍ଜିକରଣ ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ ଓ ଚାଷୀ ମାରଣ ପାଇଁ ଉଦ୍ଦିଷ୍ଟ । ଏହି ପଞ୍ଜିକରଣ ପ୍ରକ୍ରିୟାକୁ ସରଳ କରିବା ପାଇଁ ବିଜୁ ଜନତା ଦଳ ଦାବି କରୁଛି । ଓଡ଼ିଶାର ଚାଷୀକୂଳ ଆଜି ପ୍ରତାରିତ ହୋଇଛି । ପ୍ୟାକ୍ସ ଜରିଆରେ ଯେଉଁ ସାର ମିଳିବା କଥା ଆଜି ତାହା ମିଳିପାରୁ ନାହିଁ । ଓଡ଼ିଶା ସରକାରଙ୍କ ଚାଷୀ ବିରୋଧୀ ନୀତି ବିରୋଧରେ ପ୍ରତିବାଦ କରି ଚଳିତ ମାସ ୧୮ ତାରିଖରେ ବରଗଡ଼ ଠାରେ ବିଜୁ ଜନତା ଦଳ ତରଫରୁ ଏକ ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହେବ, ଯେଉଁଥିରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଚାଷୀ ମାନେ ଯୋଗଦେଇ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ରଣହୁଙ୍କାର ଦେବେ ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।

# ପ୍ରତ୍ୟାବର୍ତ୍ତନ ପାଇଁ କୋହଲିଙ୍କ ପ୍ରସ୍ତୁତି ଆରମ୍ଭ

## ଗୁଜରାଟ ଟାଇଟନ୍ସ କୋଚ୍‌ଙ୍କଠାରୁ ନେଉଛନ୍ତି ଟ୍ରେନିଂ



**ଲଣ୍ଡନ,୮।୮/ଏଜେନ୍ସି:** ମହାନ୍ ଭାରତୀୟ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ୫ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସେ ଲଣ୍ଡନରେ ଗୁଜରାଟ ଟାଇଟନ୍ସର ଆସିଷ୍ଟାଣ୍ଟ କୋଚ୍ ନଇମ୍ ଅମୀନ୍‌ଙ୍କଠାରୁ ଟ୍ରେନିଂ ନେଉଛନ୍ତି। କୋହଲି ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ୩ ଦିନିକିଆ ସିରିଜ୍ ଖେଳିବେ।

୩୬ ବର୍ଷୀୟ ଭାରତୀୟ ବ୍ୟାଟ୍ସମ୍ୟାନ୍ ଶୁକ୍ରବାର ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ନିଜ ପ୍ରାକ୍ଟିସ୍‌ର ଫଟୋ ପୋଷ୍ଟ କରିଛନ୍ତି। ଏଥିରେ ତାଙ୍କୁ ନଇମ୍ ଅମୀନ୍‌ଙ୍କ ଦେଖିବାକୁ ମିଳିଛି। ନଇମ୍‌ଙ୍କ ହାତରେ କୋହଲିଙ୍କ ବ୍ୟାଟ୍ ମଧ୍ୟ ଅଛି। ବିରାଟ ଏଥିରେ ଲେଖିଛନ୍ତି- 'ପ୍ରସ୍ତୁତିରେ ସହାୟତା କରିବା ପାଇଁ ଧନ୍ୟବାଦ ଭାଇ। ଆପଣଙ୍କୁ ଦେଖି ଭଲ ଲାଗୁଛି।'

ବିରାଟ କୋହଲି ଚଳିତ ବର୍ଷ ମାର୍ଚ୍ଚ ୯ ତାରିଖ ପରଠାରୁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିନାହାନ୍ତି। ଶେଷଥର ସେ ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଖେଳିଥିଲେ। ସେହି ମ୍ୟାଚ୍‌ରେ ଭାରତୀୟ ଟିମ୍ ୪ ୱିକେଟ୍‌ରେ ବିଜୟୀ ହୋଇଥିଲା। କୋହଲିଙ୍କୁ ଅକ୍ଟୋବରରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଦେଖିବାକୁ ମିଳିବ। ସେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ର ଦିନିକିଆ ସିରିଜ୍‌ରେ ଭାଗନେବେ। ଏହି ସିରିଜ୍ ଅକ୍ଟୋବର ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ଗସ୍ତରେ ୫ ଟି-୨୦ ମ୍ୟାଚ୍ ମଧ୍ୟ ଖେଳାଯିବ, କିନ୍ତୁ କୋହଲି ଏହି ସିରିଜ୍‌ରେ ଟିମ୍‌ର ସଦସ୍ୟ ରହିବେ ନାହିଁ। ସେ ଅନ୍ତର୍ଜାତୀୟ ଟି-୨୦ ଏବଂ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇସାରିଛନ୍ତି। ମେ' ୧୨ରେ ସେ ଟେଷ୍ଟ କ୍ରିକେଟ୍‌କୁ ଅଲବିଦା କହିଛନ୍ତି। ଏହା ପୂର୍ବରୁ ୨୦୨୪ ଜୁନ୍ ୨୯ରେ ଟି-୨୦ ବିଶ୍ୱକପ୍ ଜିତିବା ପରେ ଏହି ଛୋଟ ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଥିଲେ।

**ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍**

# ହେଡିଂଗ୍ଲେ ପିଚ୍‌କୁ ଆଇସିସିର ପ୍ରଶଂସା

**ଦୁବାଇ,୮।୮/ଏଜେନ୍ସି:** ଭାରତ ଓ ଇଂଲଣ୍ଡ ମଧ୍ୟରେ ନିକଟରେ ଶେଷ ହୋଇଥିବା ପାଞ୍ଚ ମ୍ୟାଚ୍‌ର ଟେଷ୍ଟ ସିରିଜ୍ ୨-୨ ଡ୍ର'ରେ ଶେଷ ହୋଇଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ଲିଡ୍ସର ହେଡିଂଗ୍ଲେ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ବେଳେ ଇଂଲିଶ୍ ଟିମ୍ ଏଠାରେ ୫ ୱିକେଟ୍‌ରେ ବିଜୟୀ ହୋଇଥିଲା। ପରେ ବର୍ମିଂହମ୍‌ର ଏଜ୍‌ବାଷ୍ଟନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌କୁ ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଟିମ୍ ୩୩୬ ରନ୍‌ରେ ଜିତିଥିଲା। ଏହାରେ ଘରୋଇ ଇଂଲଣ୍ଡ ଟିମ୍ ପ୍ରତ୍ୟାବର୍ତ୍ତନ କରି ଲଣ୍ଡନର ଲର୍ଡ୍ସରେ ଖେଳାଯାଇଥିବା ମ୍ୟାଚ୍ ୨୨ ରନ୍‌ରେ ନିଜ ନାମରେ କରିଥିଲା। ମାଞ୍ଚେଷ୍ଟର୍‌ର ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିବା ବେଳେ ଲଣ୍ଡନର ଦ ଓଭାଲ୍ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଟିମ୍ ୬ ରନ୍‌ରେ ବିଜୟୀ ହୋଇଥିଲା। ଏବେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ୍ ପାଇଁ ବ୍ୟବହୃତ ପିଚ୍‌ଗୁଡ଼ିକର ରିପୋର୍ଟ ସାମ୍ନାକୁ ଆସିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) କେବଳ ହେଡିଂଗ୍ଲେ (ଲିଡ୍ସ) ପିଚ୍‌କୁ ବହୁତ ଭଲ କୁହାଯାଇଥିବା ବେଳେ ଏଜ୍‌ବାଷ୍ଟନ୍, ଲର୍ଡ୍ସ ଓ ଓଲ୍ଡ ଟ୍ରାଫୋର୍ଡ ପିଚ୍‌କୁ ଆଇସିସି ପକ୍ଷରୁ ସନ୍ତୋଷଜନକ ରେଟିଂ ମିଳିଛି। ତେବେ ଓଭାଲ୍ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟର ପିଚ୍ ରିପୋର୍ଟ ଏବେ ଯାଏ ସାମ୍ନାକୁ ଆସିନାହିଁ।

# କଳିଙ୍ଗ ଷ୍ଟାଡିୟମ୍‌ରେ ବିଶ୍ୱ ଆଥ୍‌ଲେଟିକ୍ସ ଗ୍ଲୋବାଲ୍ ମିଟ୍

## ଅଗଷ୍ଟ ୧୦ରେ ହେବ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଇଭେଣ୍ଟ

**ଭୁବନେଶ୍ୱର,୮।୮/ଏନ୍‌ଏନ୍‌ଏସ୍:** ଭାରତୀୟ ଆଥ୍‌ଲେଟିକ୍ସର ଉଦୀୟମାନ ପାୱାର୍ ହାଉସ୍ ଓଡ଼ିଶାରେ ପ୍ରଥମ ଥର ପାଇଁ ବିଶ୍ୱ ଆଥ୍‌ଲେଟିକ୍ସର ଗ୍ଲୋବାଲ୍ ମିଟ୍ ଆୟୋଜିତ ହେବାକୁ ଯାଉଛି। ଆଗାମୀ ଅଗଷ୍ଟ ୧୦ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେସନ୍ ସହଯୋଗରେ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଇଭେଣ୍ଟରେ ୧୯ ଦେଶର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଏହା ଅନ୍ତର୍ଜାତୀୟ କ୍ରୀଡ଼ାରେ ଓଡ଼ିଶାର ଖ୍ୟାତିକୁ ପୁଣିଥରେ ଉଜ୍ଜୀବିତ କରିଛି। ଏହି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ପାଇଁ ଭାରତ ବ୍ୟତୀତ ଗ୍ରେଟ୍ ବ୍ରିଟେନ୍, ପର୍ତ୍ତୁଗାଲ୍, ଅଷ୍ଟ୍ରେଲିଆ, ସାଉଥ୍ ଆଫ୍ରିକା, ଇରାକ, ଇରାନ୍, କୋରିଆ, ମାଲେସିଆ, ଫିଲିପାଇନ୍ସ, ସୋମାଲିଆ, ଶ୍ରୀଲଙ୍କା, ନେପାଳ, ଭୁଟାନ, ଆଲ୍‌ଜେରିଆ, ତୁର୍କମେନିସ୍ତାନ ଆଦି ଦେଶର ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବାରେ ଲାଗିଛନ୍ତି। ଏହି ପ୍ରତିଯୋଗିତା ଭାରତୀୟ ଖେଳାଳିଙ୍କୁ ଘରୋଇ ମାଟିରେ କେବଳ ବିଶ୍ୱସ୍ତରୀୟ ପ୍ରତିଭାଙ୍କ ସହିତ ପ୍ରତିଯୋଗିତା ପାଇଁ ସୁଯୋଗ ଦେବ ନାହିଁ, ବରଂ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଏକ ଯୋଗ୍ୟତା ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ।



ଓଡ଼ିଶାର ଏହି ଐତିହାସିକ କ୍ରୀଡ଼ା ଯାତ୍ରା ୨୦୧୭ରେ ୪୫ ଦେଶର ଆଥ୍‌ଲେଟ୍‌ଙ୍କୁ ନେଇ ଆୟୋଜିତ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରୁ ଆରମ୍ଭ ହୋଇଛି। ଏହାପରେ ରାଜ୍ୟରେ ଫେଡେରେସନ୍ କପ୍, ଇଣ୍ଡିଆନ୍ ଗ୍ରାଣ୍ଡପ୍ରିକ୍ସ, ଆନ୍ତଃରାଜ୍ୟ ଚାମ୍ପିଅନ୍‌ଶିପ୍ ସହିତ ଅନେକ ଜୁନିୟର୍ ଜାତୀୟ ପ୍ରତିଯୋଗିତା ସଫଳତାର ସହିତ ଆୟୋଜିତ ହୋଇସାରିଛି।

ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଇଭେଣ୍ଟ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ଓଡ଼ିଶାର କ୍ରୀଡ଼ା ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ବିଶ୍ୱସ୍ତରୀୟ ପ୍ରତିଭାଙ୍କୁ ଜୀବନରେ ଥରେ ନିକଟରୁ ଦେଖିବା ପାଇଁ ଏହା ଯୁବ କ୍ରୀଡ଼ାବିତମାନଙ୍କ ପାଇଁ ଏହା ସ୍ୱପ୍ନ ଏବଂ ଆକାଂକ୍ଷାକୁ ପୂରଣ କରିବ। ସେହିପରି ଭାରତ ପାଇଁ ଏହା ବିଶ୍ୱ ଆଥଲେଟିକ୍ସ କ୍ଷେତ୍ରରେ ଏକ କ୍ରମବର୍ଦ୍ଧିଷ୍ଣୁ ଉପସ୍ଥିତିକୁ ସୂଚାଇବ।

ଇତିମଧ୍ୟରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମ୍‌ରେ ଉକ୍ତ ପ୍ରତିଯୋଗିତା ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ପ୍ରଥମ ଥର ପାଇଁ ଓଡ଼ିଶାରେ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଇଭେଣ୍ଟ ଆୟୋଜନ କରିବା ବଡ଼ ଗର୍ବର ବିଷୟ ଏବଂ ଏହାର ଆୟୋଜନ ପାଇଁ ରାଜ୍ୟ ପ୍ରସ୍ତୁତ ରହିଛି। ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡ଼ିୟମ୍‌ରେ ପ୍ରତିଯୋଗିତା ଆୟୋଜନ ହେଉଥିବାବେଳେ ସମସ୍ତ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୁଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି।

**ହକି ଇଣ୍ଡିଆ ସବ୍-ଜୁନିଅର୍ ପୁରୁଷ ଜାତୀୟ ଚାମ୍ପିଅନ୍‌ଶିପ୍**

# ଝାଡ଼ଖଣ୍ଡକୁ ହରାଇ ପଞ୍ଜାବ ଚାମ୍ପିଅନ୍

**ଚେନ୍ନାଇ,୮।୮/ଏଜେନ୍ସି:** ହକି ଇଣ୍ଡିଆ ପକ୍ଷରୁ ଏଠାରେ ଆୟୋଜିତ ୧୫ଶ ସବ୍-ଜୁନିଅର ପୁରୁଷ ଜାତୀୟ ଚାମ୍ପିଅନ୍‌ଶିପ୍‌ର ଡିଭିଜନ୍-ଏ ଫାଇନାଲ୍‌ରେ ହକି ଝାଡ଼ଖଣ୍ଡକୁ ୪-୩ ଗୋଲ୍‌ରେ ହରାଇ ହକି ପଞ୍ଜାବ ଚାମ୍ପିଅନ୍ ହୋଇଛି। ସେହିପରି ଚାମ୍ପିଅନ୍‌ଶିପ୍‌ର ଅନ୍ତିମ ଦିନରେ ମଧ୍ୟପ୍ରଦେଶକୁ ହରାଇ ଉତ୍ତରପ୍ରଦେଶ ବ୍ରୋଞ୍ଜ ପଦକ ଜିତିଛି।

ଝାଡ଼ଖଣ୍ଡ ଓ ପଞ୍ଜାବ ମଧ୍ୟରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଥିଲା। ଝାଡ଼ଖଣ୍ଡ ଦ୍ୱିତୀୟ କ୍ୱାର୍ଟର୍‌ରେ ତାନି ପୂର୍ତ୍ତି (୨୧ତମ) ଓ ଅନିଶ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ଲଗାତାର ଗୋଲ୍ ବଳରେ ଅଗ୍ରଣୀ ଲାଭ କରିଥିଲେ। ତେବେ ଅକ୍ଷିତ ସାଲାରିଆ (୨୯ତମ) ଓ ଭାରିନ୍ଦର ସିଂହଙ୍କ (୩୦ତମ) ଗୋଲ୍ ଦ୍ୱାରା ପଞ୍ଜାବ ସ୍ଥିତି ସମାନ କରିଥିଲା। ୪୨ତମ ମିନିଟ୍‌ରେ ଗୋଲ୍ କରି ସୁଖୁ ଗୁରିଆ ଝାଡ଼ଖଣ୍ଡକୁ ଆଗୁଆ କରିଥିଲେ ମଧ୍ୟ ମନଦୀପ୍ ସିଂହଙ୍କ ଦୁଇଟି (୪୫ତମ, ୫୩ତମ) ଗୋଲ୍ ବଳରେ ପଞ୍ଜାବ ମ୍ୟାଚ୍ ହାତେଇ ଚାଲିଅନ୍ ହୋଇଛି।

ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ମଧ୍ୟରେ ଶୁକ୍ରବାର ପ୍ରଥମେ ଖେଳାଯାଇଥିବା ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଆଶିର ଆଦିଲ ଖାନ୍ (୧୩ଶ) ଓ କରଣ ଗୌତମଙ୍କ (୨୦ଶ) ଗୋଲ୍‌ରେ ମଧ୍ୟପ୍ରଦେଶ ପ୍ରଥମାର୍ଦ୍ଧରେ ୨-୦ରେ ଆଗୁଆ ହୋଇଥିଲା। ତେବେ ପରବର୍ତ୍ତୀ ଦୁଇଟି କ୍ୱାର୍ଟର୍‌ରେ ପ୍ରତ୍ୟାବର୍ତ୍ତନ କରି ଉତ୍ତର ପ୍ରଦେଶ ଅଲି ଶାହରୁଖ (୪୨ତମ, ୪୭ତମ, ୫୧ତମ) ହ୍ୟାଟ୍ରିକ୍ ସହିତ ମହମ୍ମଦ ଆତିଫ୍ ରୟନି (୪୦ତମ) ଏବଂ ପ୍ରହଲାଦ ରାଜଭରଙ୍କ (୫୫ତମ) ଗୋଟିଏ ଲେଖାଏଁ ଗୋଲ୍ ବଳରେ ୫-୨ରେ ଆଗୁଆ ହୋଇଥିଲା। ପରେ ମିଜାନ୍ ଉର୍ ରହେମାନ୍ (୫୮ତମ) ଗୋଟିଏ ଗୋଲ୍ କରିଥିଲେ ମଧ୍ୟ ମଧ୍ୟପ୍ରଦେଶର ବିଜୟ ପାଇଁ ଏହା ଯଥେଷ୍ଟ ନଥିଲା।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra